


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୬ ଅପ୍ରେଲ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 16 APRIL 2021

Vol.No. 32 ■ No. 96 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ବହୁ ଅପେକ୍ଷାର ଅବସାନ ଘଟାଇ ପ୍ରକାଶ ପାଇଛି ବିଷୁବ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ପୋଲିସ ହାତରେ ଧରାପଡିଲା ଗ୍ୟାଙ୍ଗଷ୍ଟର ହାଇଦର

### ତେଲେଙ୍ଗାନାରୁ ଗିରଫ କଲା ସ୍ୱତନ୍ତ୍ର ସ୍କ୍ୱାର୍ଡ : ପ୍ରେସମିଟ୍ କରି ସୂଚନା ଦେଲେ କମିଶନର



ଭୁବନେଶ୍ୱର,୧୫/୦୪ (ନି.ପ୍ର): ପୋଲିସ ହାତରେ ଧରାପଡିଲା କୁଖ୍ୟାତ ଗ୍ୟାଙ୍ଗଷ୍ଟର ହାଇଦର । ଏସସିବି ହସ୍ପିଟାଲରୁ ଫେରାର୍ ହେବା ପରେ କମିଶନରେଟ୍ ପୋଲିସର ସ୍ପେଶାଲ ସ୍କ୍ୱାର୍ଡ ଗ୍ୟାଙ୍ଗଷ୍ଟର ହାଇଦରକୁ ଆଜି ଗିରଫ କରିଛି । ତେଲଙ୍ଗାନା ପୋଲିସ ସହ ମିଶି ଓଡିଶା ପୋଲିସ ହାଇଦରକୁ ଗିରଫ କରିଥିବା ନେଇ ଆଜି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ପ୍ରେସମିଟ୍ କରି ସୂଚନା ଦେଇଛନ୍ତି । ଗତ ଏପ୍ରିଲ ୧୦ ତାରିଖରେ ଏସସିବି ହସ୍ପିଟାଲରେ ଚିକିତ୍ସିତ ହେଉଥିବାବେଳେ ପୋଲିସକୁ ଚକମା ଦେଇ ହାଇଦର ଫେରାର୍ ହୋଇଯାଇଥିଲା । ନିୟୋଜିତ ଥିବା ସୁରକ୍ଷାକର୍ମୀଙ୍କୁ ଚକମା ଦେଇ ହାଇଦର ଫେରାର୍ ହୋଇଯାଇଥିଲା । ଏଥିରେ ତାକୁ ତାର କିଛି ସହଯୋଗୀ ମଧ୍ୟ ସାହାଯ୍ୟ କରିଥିବା ପରେ ଖବର ମିଳିଥିଲା । ଏହାପରେ ହାଇଦର ରାଜ୍ୟ ବାହାରକୁ ଚାଲିଯାଇଥିବା ସନ୍ଦେହ କରାଯାଇଥିଲା । କିଛି ଦିନ ପାଇଁ ପୋଲିସ କଟକ ସହରରେ ମଧ୍ୟ ଚେକିଂକୁ କଡାକଡି କରିଥିଲା । ଏହାପରେ କମିଶନରେଟ୍ ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ତେଲେଙ୍ଗାନା ପୋଲିସ ସହ ମିଶି ଆଜି ହାଇଦରକୁ ଗିରଫ କରିଛି । ହାଇଦର ଫେରାର୍ ହୋଇଯିବା ପରେ ଲୋକମାନଙ୍କ ମନରେ ପୋଲିସକୁ ନେଇ ଏକ ଅସନ୍ତୋଷ ଭାବନା ଦେଖିବାକୁ ମିଳିଥିଲା । ଏବେ ହାଇଦର ପୁଣି ଗିରଫ ହେବା ଘଟଣା ଅନେକଙ୍କୁ ଆଶ୍ୱସ୍ତି ଦେଇଛି ।

## ଗୋଟିଏ ଦିନରେ ୨୯୮୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୫/୦୪ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୨୯୮୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୫୮୩୪୨ କୁ ବୃଦ୍ଧି ପାଇଛି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୩୪୧୭୩୩ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ମାମଲା ୧୪୬୨୧ ରହିଛି । ଆଜି ଚିହ୍ନଟ ହୋଇଥିବା ୨୯୮୯ ଜଣଙ୍କ ମଧ୍ୟରୁ ୧୭୩୩ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୨୫୬ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରାଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ଜିଲ୍ଲାରେ ସବୁଠାରୁ ଅଧିକ ୬୩୧ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୬୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୮୩ ଜଣ, ବରଗଡ଼ରୁ ୧୨୬ ଜଣ, ଭଦ୍ରକରୁ ୩୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୧୧୦ ଜଣ ସଂକ୍ରମିତ ▶▶ପୃଷ୍ଠା ୭

## ମାଟ୍ରିକ୍ ଓ ଯୁକ୍ତ ୨ ପରୀକ୍ଷା ସ୍ଥଗିତ

- ପରୀକ୍ଷା ନଦେଇ ଉତ୍ତୀର୍ଣ୍ଣ ହେବେ ନବମ ଓ ଏକାଦଶ ଛାତ୍ରଛାତ୍ରୀ
- ୧୯ରୁ ସବୁ ସ୍କୁଲ ଓ ହଷ୍ଟେଲ ବନ୍ଦ
- ମହାମାରୀ ସ୍ଥିତିରେ ଉନ୍ନତି ଆସିଲେ ପରୀକ୍ଷା ନିଷ୍ପତ୍ତି



ଭୁବନେଶ୍ୱର,୧୫/୦୪ (ନି.ପ୍ର): ରାଜ୍ୟର ସମସ୍ତ ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷାକୁ ସ୍ଥଗିତ କରାଯାଇଛି । ବର୍ତ୍ତମାନର କରୋନା ମହାମାରୀ ପରିପ୍ରେକ୍ଷୀରେ ଛାତ୍ରଛାତ୍ରୀ ମାନଙ୍କର ସ୍ୱାସ୍ଥ୍ୟ ନିରାପତାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ବୋର୍ଡ ପରୀକ୍ଷା ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ମଇ ୧୮ ତାରିଖ ଠାରୁ ଆରମ୍ଭ ହେବାକୁ ଥିବା ଦ୍ୱାଦଶ ଶ୍ରେଣୀ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି । କୋଭିଡ-୧୯ ପରିସ୍ଥିତିରେ ଉନ୍ନତି ଆସିବା ପରେ ପରୀକ୍ଷା ସଂପର୍କରେ ନିଷ୍ପତି ଗ୍ରହଣ କରାଯିବ । ଜୁନ୍ ୨୦୨୧ ପ୍ରଥମ ସପ୍ତାହରେ ରାଜ୍ୟ ସରକାର ଏବଂ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷା କରାଯିବା ସଂପର୍କରେ ସମୀକ୍ଷା କରିବେ ଏବଂ ଛାତ୍ରଛାତ୍ରୀ ମାନଙ୍କୁ ଉପଯୁକ୍ତ ସମୟ ଦିଆଯାଇ ପରୀକ୍ଷା କରାଯିବା ପାଇଁ ପରବର୍ତୀ ନିଷ୍ପତି ନିଆଯିବ । ସେହିପରି ରାଜ୍ୟ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ୩ ମଇ ୨୦୨୧ରେ ଅନୁଷ୍ଠିତ ହେବାକୁ ଥିବା ପରବର୍ତୀ ଦଶମ ଶ୍ରେଣୀ ପରୀକ୍ଷାକୁ ମଧ୍ୟ ସ୍ଥଗିତ ରଖାଯାଇଛି । ମହାମାରୀ ସ୍ଥିତିରେ ଉନ୍ନତି ଆସିବା ପରେ ପରୀକ୍ଷା ସମ୍ବନ୍ଧୀୟ ନିଷ୍ପତି ନିଆଯିବ । ୨୦୨୦-୨୧ ଶିକ୍ଷାବର୍ଷରେ ନବମ ଓ ଏକାଦଶ ଶ୍ରେଣୀରେ ପାଠ ପଢୁଥିବା ସବୁ ଛାତ୍ରଛାତ୍ରୀଙ୍କୁ ଯଥାକ୍ରମେ ଦଶମ ଏବଂ ଦ୍ୱାଦଶ ଶ୍ରେଣୀକୁ ଉତୀର୍ଣ୍ଣ କରାଯିବ । ଏଥିପାଇଁ ସେମାନଙ୍କୁ କୌଣସି ପରୀକ୍ଷା ଦେବାକୁ ପଡିବ ନାହିଁ । ବର୍ତ୍ତମାନ ୨୦୨୦-୨୧ ଶିକ୍ଷାବର୍ଷର ▶▶ପୃଷ୍ଠା ୭

## ଆଜିଠୁ ସାରା ରାଜ୍ୟରେ ନାଇଟ୍ କର୍ଫ୍ୟୁ



- ଛତିଶଗଡ଼ ସୀମାନ୍ତବର୍ତୀ ୧୦ ଜିଲ୍ଲାରେ ସନ୍ଧ୍ୟା୬ରୁ ସକାଳ ୫ ନାଇଟ୍ କର୍ଫ୍ୟୁ
- ଅନ୍ୟ ୨୦ ଜିଲ୍ଲାରେ ରାତି ୯ଟାରୁ ସକାଳ ୫ଟା ଯାଏଁ କର୍ଫ୍ୟୁ
- କର୍ଫ୍ୟୁ ସମୟରେ ଜରୁରୀକାଳୀନ ସେବାକୁ ମିଳିବ ଅନୁମତି
- ବିବାହ ଉତ୍ସବରେ ୫୦ ଓ ଅନ୍ତିମ ସଂସ୍କାରରେ୨୦ ଜଣଙ୍କୁ ଅନୁମତି
- ଧାର୍ମିକ, ସାମାଜିକ, ସାଂସ୍କୃତିକ, ରାଜନୈତିକ ସମାବେଶ ମନା
- ୫୦ % ଦର୍ଶକରେ ଚାଲିବ ସିନେମା ହଲ
- ଅଟୋ ରିକ୍ସା ଓ ଟ୍ୟାକ୍ସିରେ ଯାଇପାରିବେ ୨ ଜଣ ଯାତ୍ରୀ
- ୫୦% ଲୋକଙ୍କୁ ନେଇ ଚାଲିବ ସରକାରୀ କାର୍ଯ୍ୟାଳୟ

ଭୁବନେଶ୍ୱର,୧୫/୦୪ (ନି.ପ୍ର): ଆସନ୍ତାକାଲି (ଶୁକ୍ରବାର) ଠାରୁ ସାରା ରାଜ୍ୟରେ ରାତ୍ରିକାଳୀନ କର୍ଫ୍ୟୁ ଲାଗୁ ହେବ । କୋଭିଡ୍ ସଂକ୍ରମଣ ଦ୍ୱିତୀୟ ଲହରିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ନିଷ୍ପତି ନେଇଛନ୍ତି । ନିଷ୍ପତି ଅନୁଯାୟୀ ଛତିଶଗଡ଼ ସୀମାନ୍ତବର୍ତୀ ମାଲକାନଗିରି, କୋରାପୁଟ, ନବରଙ୍ଗପୁର, କଳାହାଣ୍ଡି, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ନୂଆପଡ଼ା, ସୁବର୍ଣ୍ଣପୁର, ବଲାଙ୍ଗୀର ଆଦି ୧୦ଟି ଜିଲ୍ଲାର ସହରାଂଚଳରେ ଆସନ୍ତାକାଲିଠାରୁ ସନ୍ଧ୍ୟା ୬ଟାରୁ ସକାଳ ୫ଟା ଯାଏଁ ରାତ୍ରିକାଳୀନ କର୍ଫ୍ୟୁ ଲାଗୁ କରାଯିବ । ଏହା ବ୍ୟତୀତ ଏହିସବୁ ଜିଲ୍ଲାର ସହରାଂଚଳରେ ପ୍ରତି ଶନିବାର ଓ ରବିବାର ଦିନ ସପ୍ତାହାନ୍ତ ସଟ୍ ଡାଉନ୍ ଲାଗୁ କରାଯିବ । ଭୁବନେଶ୍ୱର ଓ କଟକ ସମେତ ଅବଶିଷ୍ଟ ୨୦ ଜିଲ୍ଲାରେ ଅନ୍ୟ ସମସ୍ତ ସହରାଂଚଳରେ ରାତି ୯ଟାରୁ ସକାଳ ୫ଟା ଯାଏ ରାତ୍ରିକାଳୀନ କର୍ଫ୍ୟୁ ଲାଗୁ ହେବ ବୋଲି ଗୁରୁବାର ଦିନ ରାଜ୍ୟ ମୁଖ୍ୟ ଶାସନ ସଚିବ ସୂଚନା ଦେଇଛନ୍ତି । ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଗୁରୁବାର ଦିନ ସୂଚନା ଦେଇ କହିଛନ୍ତି ଯେ ଛତିଶଗଡ ସୀମାରେ ଥିବା ଉପରୋକ୍ତ ୧୦ ଟି ଜିଲ୍ଲାର ସହରାଂଚଳରେ ଏପ୍ରିଲ ୧୬ ତାରିଖଠାରୁ ସଂଧ୍ୟା ୬ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ରାତ୍ରୀକାଳୀନ କର୍ଫ୍ୟୁ ଲାଗୁ ହେବ । ଅନିର୍ଦ୍ଦିଷ୍ଟ କାଳ ପାଇଁ ଏହା ଲାଗୁ କରାଯାଇଛି ।ପୂର୍ବରୁ ଏହି ଜିଲ୍ଲା ଗୁଡିକରେ ୯ଟାରୁ ସକାଳ ୫ ଟା ପର୍ଯ୍ୟନ୍ତ କର୍ଫ୍ୟୁ ଥିଲା । ସେହିପରି ଏହି୧୦ଟି ଜିଲ୍ଲାରେ ଆସନ୍ତା ଶନିବାରଠାରୁ ୨ ଦିନିଆ ସାପ୍ତାହିକ ସଟ୍ ଡାଉନ୍ ଲାଗୁ ହେବ । ସେହିପରି ରାଜ୍ୟର ଅନ୍ୟ ୨୦ଟି ଜିଲ୍ଲାର ସହରାଂଚଳରେ ରାତି ୯ଟାରୁ ସକାଳ ୫ଟା ପର୍ଯ୍ୟନ୍ତ ରାତ୍ରିକାଳୀନ କର୍ଫ୍ୟୁ ଲାଗୁ ହେବ । ରାଜଧାନୀ ଭୁବନେଶ୍ୱର ଓ କଟକ ମଧ୍ୟ ଏହି କଟକଣାର ଅନ୍ତର୍ଭୁକ୍ତ ହେବ । ▶▶ପୃଷ୍ଠା ୭

## ୨୪ ଘଂଟାରେ ଅଧିକାଂଶ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା , ୧୯ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ

ଭୁବନେଶ୍ୱର,୧୫/୦୪ (ନି.ପ୍ର): ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ଆଭ୍ୟନ୍ତର, ପଶ୍ଚିମ, ଦକ୍ଷିଣ ଓ ଉତର ଉପକୂଳର ୧୯ଟି ଜିଲ୍ଲାରେ କାଳବୈଶାଖୀ ଜନିତ ବର୍ଷା ଓ ଘୂର୍ଣ୍ଣିଝଡ଼ର ସମ୍ଭାବନା ରହିଛି । ଗୁରୁବାର ଅପରାହ୍ନ ୧ଟା ୩୦ରୁ ଶୁକ୍ରବାର ସକାଳ ୮ଟା ୩୦ ମଧ୍ୟରେ କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡା, କଳାହାଣ୍ଡି, ଗଜପତି, କନ୍ଧମାଳ, ଗଞ୍ଜାମ, ନୂଆପଡା, ବଲାଙ୍ଗୀର, ବରଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ଦେବଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଅନୁଗୁଳ, ବାଲେଶ୍ୱର ଓ ଭଦ୍ରକ ପ୍ରଭୃତି ୧୯ଟି ଜିଲ୍ଲାର ଅନେକ ସ୍ଥାନରେ ବଜ୍ରପାତ ଏବଂ କୁଆପଥର ବର୍ଷା ସହିତ ବିଜୁଳି ଓ ଘଡ଼ଘଡ଼ି ସହ ପବନର ବେଗ ୩୦-୪୦ କିଲୋମିଟର ରହି କାଳବୈଶାଖୀ ଜନିତ ଘୂର୍ଣ୍ଣିଝଡ଼ର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ଏହି ୧୯ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି । ସେହିପରି ୧୬ ତାରିଖ ସକାଳ ଠାରୁ ୧୭ ତାରିଖ ସକାଳ ମଧ୍ୟରେ କେନ୍ଦୁଝର, ମୟୁରଭଂଜ, ବାଲେଶ୍ୱର, .କୋରାପୁଟ ,ରାୟଗଡା ଓ ଗଜପତି ଜିଲ୍ଲାରେ ବଜ୍ରପାତ ଓ ଘଡିଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି ।ଅପରପକ୍ଷରେ ୧୯ ତାରିଖ ସକାଳ ଠାରୁ ୨୦ ତାରିଖ ସକାଳ ମଧ୍ୟରେ କେନ୍ଦୁଝର, ମୟୁରଭଂଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ଢେଙ୍କାନାଳ, କଟକ, କେନ୍ଦ୍ରାପଡା, ଜଗତସିଂହପୁର , ଖୋର୍ଦ୍ଧା ଓ ପୁରୀ ଜିଲ୍ଲାର କିଛି ସ୍ଥାନରେ ବଜ୍ରପାତ ସହ ବର୍ଷା ହୋଇପାରେ ।

## ଜୁନ୍ ୧୭ରୁ ୨୪ ମଧ୍ୟରେ ହେବ ଓଜେଇଇ

ଭୁବନେଶ୍ୱର,୧୫/୦୪ (ନି.ପ୍ର): ଚଳିତ ବର୍ଷ ଜୁନ୍ ୧୭ରୁ ୨୪ ମଧ୍ୟରେ ଓଡିଶା ଜେଇଇ ପରୀକ୍ଷା ହେବ । କମ୍ପ୍ୟୁଟର ବେସ୍ଡ୍ ପରୀକ୍ଷା ହେବ ବୋଲି ଓଜେଇଇ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ଦିଆଯାଇଛି ।ଏଥିପାଇଁ ଏପ୍ରିଲ ୧୪ରୁ ଅନଲାଇନରେ ଆବେଦନ ଆରମ୍ଭ ହୋଇଯାଇଛି । ମେ ୧୫ ତାରିଖ ପର୍ଯ୍ୟନ୍ତ ଓଜେଇଇ ୱେବସାଇଟରେ ଛାତ୍ରଛାତ୍ରୀମାନେ ଆବେଦନ କରିପାରିବେ । ଜୁନ୍ ପ୍ରଥମ ସପ୍ତାହରୁ ଛାତ୍ରଛାତ୍ରୀଙ୍କୁ ଆଡମିଟ କାର୍ଡ ମିଳିବ ।

## 'ହାଇଡ୍ରୋଜେନ୍ ଅର୍ଥନୀତି-ନୂଆଦିଲ୍ଲୀ ଡାଏଲୋଗ୍ ୨୦୨୧'ରେ କେନ୍ଦ୍ରମନ୍ତ୍ରୀଙ୍କ ଉଦ୍‌ବୋଧନ

ନୂଆଦିଲ୍ଲୀ/ଭୁବନେଶ୍ୱର,୧୫/୦୪ (ନି.ପ୍ର): ହାଇଡ୍ରୋଜେନର ଇକୋସିଷ୍ଟମକୁ ବିକଶିତ କରିବା ପାଇଁ ଭାରତ ପଦକ୍ଷେପ ନେଉଅଛି ବୋଲି ଗୁରୁବାର ଭାରତ ସରକାରଙ୍କ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଅନ୍ତର୍ଗତ 'ଦ ଏନର୍ଜି ଫୋରମ' (ଟିଇଏଫ) ଏବଂ 'ଫେଡ୍ରେରେସନ ଅଫ୍ ପେଟ୍ରୋଲିୟମ ଇଣ୍ଡଷ୍ଟ୍ରି'(ଏଫଆଇପିଆଇ) ଦ୍ୱାରା ଭର୍ଚୁଆଲ ମାଧ୍ୟମରେ ଆୟୋଜିତ ହାଇଡ୍ରୋଜେନ୍ ଗୋଲଟେବୁଲ ସମ୍ମିଳନୀରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । 'ହାଇଡ୍ରୋଜେନ ଅର୍ଥନୀତି - ନୂଆଦିଲ୍ଲୀ ଡାଏଲୋଗ୍ ୨୦୨୧' ଶୀରୋନାମା ଉପରେ ଆଲୋଚିତ କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ ଭବିଷ୍ୟତ ଇନ୍ଧନ ପାଇଁ ହାଇଡ୍ରୋଜେନ୍ ଏକ ସମ୍ଭାବ୍ୟ ଇନ୍ଧନ କହିବା ସହ ଏକବିଂଶ ଶତାବ୍ଦୀ ▶▶ପୃଷ୍ଠା ୭



## ୧୯ରୁ ଆନ୍ତଃରାଜ୍ୟ ବସ୍ ଚଳାଚଳ ବନ୍ଦ

ଭୁବନେଶ୍ୱର,୧୫/୦୪ (ନି.ପ୍ର): କରୋନା ସଂକ୍ରମଣର ଚେନ୍ ଭାଙ୍ଗିବାକୁ ରାଜ୍ୟ ସରକାର କୋଭିଡ କଟକଣାକୁ ଆହୁରି କଡାକଡି କରିଛନ୍ତି । ଆସନ୍ତା ୧୯ରୁ ଆନ୍ତଃରାଜ୍ୟ ବସ୍ ଚଳାଚଳ ଉପରେ କଟକଣା ଲଗାଇବାକୁ ଘୋଷଣା କରିଛନ୍ତି ରାଜ୍ୟ ସରକାର । ତେବେ ରାଜ୍ୟ ଭିତରେ ପୂର୍ବଭଳି ବସ୍ ଚଳାଚଳ ଚାଲୁ ରହିବ । ରାଜ୍ୟରେ ଚାଲୁଥିବା ବସରେ ଯେତିକି ସିଟ୍ ସେତିକି ଯାତ୍ରୀ ଯାଇପାରିବେ । ସିଟ୍ ଠାରୁ ଅଧିକ ଯାତ୍ରୀଙ୍କୁ ଛିଡା କରି ଆଣିପାରିବନି ବସ୍ । ଏପରି କଲେ ବସଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି । ଉଲ୍ଲେଖ୍ୟଯୋଗ୍ୟ ପୂର୍ବରୁ ଛତିଶଗଡ ଯାଉଥିବା ବସଗୁଡିକର ଯାତାୟତ ଉପରେ ସରକାର ରୋକ ଲଗାଇଥିଲେ । ସେହିଭଳି ଅଟୋରିକ୍ସା ଓ ଟ୍ୟାକ୍ସି ଯାତାୟତ ଉପରେ ମଧ କିଛି କଟକଣା ଲଗାଯାଇଛି । ଏଥିରେ ଡ୍ରାଇଭରଙ୍କୁ ଛାଡି ସର୍ବାଧିକ ୨ ଜଣ ଯାତ୍ରୀ ଯାଇପାରିବେ ।

## ୨୪ ଘଂଟାରେ କରୋନାର ନୂଆ ମାମଲା ୨ ଲକ୍ଷ ପାର : ୧୦୩୮ ମୃତ



ନୂଆଦିଲ୍ଲୀ,୧୫/୦୪ (ନି.ପ୍ର): ଦେଶରେ କରୋନାର ନୂଆ ମମାଲାର ସଂଖ୍ୟା ୨ ଲକ୍ଷ ଉପରେ ପହଂଚିଛି । ଗତ ୨୪ ଘଂଟାରେ କରୋନାର ୨ ଲକ୍ଷ ୭୩୯ ନୂଆ ମାମଲା ସାମନାକୁ ଆସିଛି । ଏଥି ସହିତ କରୋନର ମୋଟ୧,୪୦,୭୪,୫୬୪ ମାମଲା ସାମନାକୁ ଆସିଛି । ଗତ ୨୪ ଘଂଟାରେ କରୋନାରେ ୧୦୩୮ ଜଣଙ୍କ ମୃତ୍ୟୁ ଘଟିଛି। ଏଥି ସହିତ ଏହି ରୋଗରେ ମୃତ୍ୟୁବରଣ କରିଥିବା ଲୋକଙ୍କ ସଂଖ୍ୟା ୧,୭୩,୧୨୩ରେ ପହଂଚିଛି । ଗୁରୁବାର ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ଦେଶରେ ୧୪,୭୧,୮୭୭ ସକ୍ରିୟ ରୋଗୀ ଅଛନ୍ତି । ଆଶ୍ୱସ୍ତିର ବିଷୟ ଯେ, ଏ ପର୍ଯ୍ୟନ୍ତ କରୋନରୁ ୧,୨୪,୨୯,୫୬୪ ରୋଗୀ ସୁସ୍ଥ ହୋଇଛନ୍ତି । ଦେଶରେ ରିକଭରି ରେଟ୍ ୮୮.୩୧ ପ୍ରତିଶତ ରହିଛି । ଗତ ୨୪ ଘଂଟାରେ ୧୩ ଲକ୍ଷରୁ ଅଧିକ ପରୀକ୍ଷା କରାଯାଇଛି ଦେଶରେ ଗତ ୨୪ ଘଂଟା ମଧ୍ୟରେ ୧୩ ଲକ୍ଷରୁ ଅଧିକ କରୋନା ପରୀକ୍ଷା କରାଯାଇଛି । ଆଇସିଏମଆରଙ୍କ ଅନୁଯାୟୀ ୧୩ ଏପ୍ରିଲରେ ୧୩,୮୪,୫୪୯ ପରୀକ୍ଷା କରାଯାଇଥିଲା । ଏବେ ସୁଦ୍ଧା ଦେଶରେ ମୋଟ ୨୬,୨୦,୦୩,୪୧୫ ପରୀକ୍ଷା କରାଯାଇଛି ।

## ଭାରତରେ ମୋଟ କୋଭିଡ ଟିକାକରଣ ୧୧.୪୪ କୋଟିକୁ ଅତିକ୍ରମ କରିଛି

ନୂଆଦିଲ୍ଲୀ,୧୫/୦୪ (ନି.ପ୍ର): ଭାରତର ମୋଟ ସକ୍ରିୟ କରୋନା ମାମଲାର ୬୭.୧୬% ଅଛି ପାଞ୍ଚ ରାଜ୍ୟରେ ଦେଶରେ କୋଭିଡ-୧୯ ଟିକାକରଣ ଆଜି ୧୧.୪୪ କୋଟିକୁ ଅତିକ୍ରମ କରିଯାଇଛି । ୨୦୨୧ ଏପ୍ରିଲ ୧୧ରୁ ୧୪ ତାରିଖ ଚାରି ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ଟିକା ଉତ୍ସବରେ ଦେଶବ୍ୟାପୀ ଉଭୟ ସରକାରୀ ଓ ଘରୋଇ କ୍ଷେତ୍ରରେ ଟିକାକରଣକୁ ପ୍ରୋତ୍ସାହିତ କରିଛି । ଟିକା ଉତ୍ସବ ଅବସରରେ ବିଭିନ୍ନ ବର୍ଗର ଯୋଗ୍ୟ ହିତାଧିକାରୀଙ୍କ ଟିକାକରଣ ହୋଇଥିବା ବେଳେ ମୋଟ ଟିକାକରଣରେ ୧,୨୮,୯୮,୩୧୪ ବୃଦ୍ଧି ହୋଇଥିଲା । ଆଜି ସକାଳ ୭ଟା ସୁଦ୍ଧା ମୋଟ ୧୬,୯୮,୧୩୮ ସେସନରେ ୧୧,୪୪,୯୩,୨୩୮ ଡୋଜ୍ ଟିକା ଦିଆଯାଇଛି । ଏହା ମଧ୍ୟରେ ରହିଛି; ୯୦,୬୪,୫୨୭ ଏଚସିଡବ୍ଲୁଙ୍କୁ ପ୍ରଥମ ଡୋଜ୍, ୫୬,୦୪,୧୯୭ ଏଚସିଡବ୍ଲୁଙ୍କୁ ଦ୍ୱିତୀୟ ଡୋଜ୍, ୧,୦୨,୧୩,୫୬୩ ଜଣ ଏଫଏଲଡବ୍ଲୁଙ୍କୁ ପ୍ରଥମ ଡୋଜ୍, ୫୦,୬୪,୮୬୨ ଏଫଏଲଡବ୍ଲୁଙ୍କୁ ଦ୍ୱିତୀୟ ଡୋଜ୍, ୬୦ ବର୍ଷରୁ ଅଧିକ ବୟସର ୪,୩୪,୭୧,୦୩୧ ଜଣ ହିତାଧିକାରୀଙ୍କୁ ପ୍ରଥମ ଡୋଜ୍ ଏବଂ ୨୭,୪୭,୦୧୯ ଜଣଙ୍କୁ ଦ୍ୱିତୀୟ ଡୋଜ୍, ୪୫ ବର୍ଷରୁ ୬୦ ବର୍ଷ ମଧ୍ୟରେ ୩,୭୪,୩୦,୦୭୮ ଜଣଙ୍କୁ ପ୍ରଥମ ଡୋଜ୍ ଏବଂ ୮,୯୭,୯୬୧ ଜଣଙ୍କୁ ଦ୍ୱିତୀୟ ଡୋଜ୍ ଦିଆଯାଇଛି । ଭାରତରେ ଦୈନିକ ନୂଆ କରୋନା ମାମଲା ବୃଦ୍ଧି ପାଇଚାଲିଛି । ଗତ ୨୪ ଘଂଟା ମଧ୍ୟରେ ୨,୦୦,୭୩୯ ନୂଆ ମାମଲା ଚିହ୍ନଟ ହୋଇଛି । ମହାରାଷ୍ଟ୍ର, ଉତର ପ୍ରଦେଶ, ଦିଲ୍ଲୀ, ଛତିଶଗଡ଼, କର୍ଣ୍ଣାଟକ, ମଧ୍ୟପ୍ରଦେଶ, କେରଳ, ତାମିଲନାଡୁ, ▶▶ପୃଷ୍ଠା ୭

## ପିପିଲି ଉପନିର୍ବାଚନ ପାଇଁ ନୂଆ ତାରିଖ ଘୋଷଣା କରିବେ ନିର୍ବାଚନ କମିଶନ : ସିଇଓ

ଭୁବନେଶ୍ୱର,୧୫/୦୪ (ନି.ପ୍ର): କଂଗ୍ରେସ ପ୍ରାର୍ଥୀ ଅଜିତ ମଙ୍ଗରାଜଙ୍କ ଦେହାନ୍ତ ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ) ନିର୍ବାଚନ ଆୟୋଗଙ୍କୁ ଆବଗତ କରାଇଥିବା ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ ଲୋହାନୀ ଏକ ସାମ୍ବାଦିକ ସମ୍ମିଳନୀରେ ଜଣାଇଛନ୍ତି । ନିର୍ବାଚନ କମିଶନ ନୂଆ ତାରିଖ ଘୋଷଣା କରିବେ ବୋଲି ସେ କହିଛନ୍ତି । ସେ କହିଛନ୍ତି ଯେ ପିପିଲି ଉପ-ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ହୋଇଥିବା ଅଜିତ ମଙ୍ଗରାଜଙ୍କ ଦେହାନ୍ତ ପରେ ଆଇନତଃ ରିଟର୍ଣ୍ଣିଂ ଅଫିସର ଉପ-ନିର୍ବାଚନକୁ ସ୍ଥଗିତ ରଖିଥିଲେ । ଏହାପରେ ଏ ନେଇ ଗତକାଲି ହିଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଚିଠି ଲେଖି ଅବଗତ କରାଯାଇଛି । ଏହା ପରେ ନିର୍ବାଚନ ଆୟୋଗ ନୂଆ ତାରିଖ ଘୋଷଣା କରିବେ ବୋଲି ସେ କହିଛନ୍ତି ।

# ଡ. ଭୀମରାଓ ଆମ୍ବେଦକରଙ୍କ ୧୩୦ତମ ଜନ୍ମଜୟନ୍ତୀ ପାଳିତ




ଜଳେଶ୍ୱର, ୧୫/୪ (ନି.ପ୍ର): ଜଳେଶ୍ୱରର ବାସସେଫ ସଂଗଠନ, ରାଷ୍ଟ୍ରିୟ ଆଦିବାସୀ ଏକତା ପରିଷଦ ଓ ଆମ୍ବେଦକର ଫାଉଣ୍ଡେସନ ମିଳିତ ଆନୁକୂଲ୍ୟରେ ଜଳେଶ୍ୱରର ତାରୁଣ୍ୟ ସମ୍ମିଳନୀ କକ୍ଷରେ ୧୩୦ତମ ଆମ୍ବେଦକର ଜନ୍ମଜୟନ୍ତୀ ପାଳିତ ହୋଇ ଯାଇଛି । ଏଥିରେ ଦିବାକର ହାଁସଦା ସଭାପତିତ୍ୱ କରି ଆମ୍ବେଦକରଙ୍କ ସାମାଜିକ, ବିଚାରଗତ ଓ ଅର୍ଥନୈତିକ ନ୍ୟାୟ ସାମ୍ପ୍ରତିକ ସମାଜରେ ଆବଶ୍ୟକତା ସଂପର୍କରେ କହିଥିଲେ । ଅତିଥିଭାବରେ ଯୋଗ ଦେଇ ଶ୍ରୀକାନ୍ତ ସିଂ, ବାଲୁକା ହେମ୍ବ୍ରମ ଓ ନରେନ୍ଦ୍ର ରାଉତ ଡ. ଭୀମରାଓ ଆମ୍ବେଦକରଙ୍କ ଜୀବନୀ, ପାଣ୍ଡିତ୍ୟ, ସମ୍ବିଧାନ ପ୍ରଣୟନ ସଂପର୍କୀତ ପ୍ରଚେଷ୍ଟା ସଂପର୍କରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଗଣେଶ ପାତ୍ର, ପ୍ରଫେସର ବିପିନ ବିହାରୀ ବିଶ୍ୱାଳ, କବି ବ୍ରଜେନ୍ଦ୍ର ଗିରି, ସାମ୍ବାଦିକ ରବିନ୍ଦ୍ର ସେନାପତି, ଜ୍ୟୋତ୍ସ୍ନା ମହାନ୍ତି, ଅବନୀ ଚନ୍ଦ୍ର ପ୍ରମୁଖ ଯୋଗ ଦେଇ ଆମ୍ବେଦକରଙ୍କ ଚିନ୍ତା ଚେତନା, ଗଣତାନ୍ତ୍ରିକ ମୂଲ୍ୟବୋଧ ସଂପର୍କରେ ପ୍ରକାଶ କରିଥିଲେ । ଆସନ୍ତା ଦିନରେ ଆମ୍ବେଦକରଙ୍କ ସଂପର୍କରେ ଏକ ଆଲୋଚନାଚକ୍ର ଉପରୋକ୍ତ ସଂଗଠନ ଦ୍ୱାରା କରାଯିବ ବୋଲି ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା ।

## ସୁବର୍ଣ୍ଣରେଖା ବନ୍ଦର ବିରୋଧରେ ଆନ୍ଦୋଳନକୁ ତୀବ୍ର କରିବ କଂଗ୍ରେସ

# ବନ୍ଦର ବିରୋଧରେ ବାଲିଆପାଳ ବ୍ଲକ ଅଧ୍ୟକ୍ଷଙ୍କ ସାମ୍ବାଦିକ ସମ୍ମିଳନୀ



ବାଲିଆପାଳ, ୧୫/୪ (ନି.ପ୍ର): ବାଲିଆପାଳରେ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦର ବିରୋଧରେ କଂଗ୍ରେସ ଦଳ ଆନ୍ଦୋଳନକୁ ତୀବ୍ର କରିବ ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ବାଲିଆପାଳ ବ୍ଲକ ଅଧକ୍ଷ ଚେତାବନୀ ଦେଇଛନ୍ତି । ଗତ ୧୦ ତାରିଖ ଦିନ ବାଲେଶ୍ୱର ଜିଲ୍ଲାପାଳ ବ୍ଲକ ସମ୍ମିଳନୀ କକ୍ଷରେ ଜନ ଶୁଣାଣି କରି ବନ୍ଦର ବାବଦରେ ଲୋକଙ୍କୁ ଏହାର ଚିତ୍ର ପ୍ରଦାନ କରିଥିଲେ । ଜିଲ୍ଲାପାଳଙ୍କର ଏହି ସ୍ପଷ୍ଟିକରଣର ୪ ଦିନ ପରେ ଆଜି ବ୍ଲକ ଅଧ୍ୟକ୍ଷ ତଥା କଂଗ୍ରେସ ନେତା ବିଜନ କୁମାର ନାୟକ ଏହାକୁ ଅଗ୍ରାହ୍ୟ କରିବା ସହ ଏହା ଏକ ପ୍ରାୟୋଜିତ କାର୍ଯ୍ୟକ୍ରମ ଥିଲା ବୋଲି ଅଭିଯୋଗ କରିଛନ୍ତି । ଏଥି ସହିତ ବନ୍ଦର ଓ ଶିଳ୍ପାୟନ ଦ୍ୱାରା ପ୍ରଭାବିତ ହେବାକୁ ଥିବା ୬ ଟି ପଂଚାୟତର ଯେ କୌଣସି ଏକ ସ୍ଥାନରେ ପୁଣି ଥରେ ଜନ ଶୁଣାଣି କରିବାକୁ ସେ ଦାବି କରିଛନ୍ତି । ପାରୁଳିଆ ଛକ ସ୍ଥିତ ଶ୍ରୀ ଦୁର୍ଗା କଲ୍ୟାଣ ମଣ୍ଡପରେ ଅନୁଷ୍ଠି ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ଜଗନ୍ନାଥ ବିଶ୍ୱାଳ, ଚୌମୁଖ ସରପଂଚ ନାରାୟଣ ଖଟୁଆ, ଉପକୂଳ ଭିଟାମାଟି ସୁରକ୍ଷା କମିଟିର ସଭାପତି ସୁଭାଷ ଚୌଧୁରୀ, ନାରୀ ନେତ୍ରୀ ଗାୟତ୍ରୀ ବାରିକ, ପୂର୍ବତନ ଚୌମୁଖ ସମିତି ସଦସ୍ୟ ବେଣୁଧର ରଣଜିତ, ମାୟାଧର କୁହ୍ଲାରୀ, ରବିନ୍ଦ୍ର ବିଶ୍ୱାଳ, ତୀର୍ଥ କୁମାର ନାଗ, ମନ୍ମଥ ମାଝୀ, ପ୍ରଭାତନାୟକ, ବିଦ୍ୟାଧର ଜେନା, ରମେଶ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଶ୍ରୀ ନାୟକ କହିଥିଲେ ଯେ, ଜିଲ୍ଲାପାଳ ବନ୍ଦର ଦ୍ୱାରା କେହି ବିସ୍ଥାପିତ ହେବେ ନାହିଁ ସମୁଦ୍ର ଭିତରେ ୨ କିଲୋମିଟର ଖୋଳାଯାଇ ବନ୍ଦର ହେବ ବୋଲି କହବା କେତେଦୂର ଯୁକ୍ତିଯୁକ୍ତ । ଏହାକୁ ବିରୋଧ କରି ଶ୍ରୀ ନାୟକ କହିଛନ୍ତି ଯେ ଜାହଜରେ ମାଲ ପରିବହନ ପାଇଁ ବୁଥ ନିର୍ମାଣ, ବନ୍ଦରର ମାଲ ଗୋଦାମ, ବନ୍ଦର ଅଫିସ, ଟ୍ରକ ଟର୍ମିନାଲ, ରେଳ ଷ୍ଟେସନ, ପାଓର ହାଉସ, କୋଇଲା ଡିପୋ, ସିପ ବର୍ଥ କଣ୍ଟ୍ରୋଲ ରୁମ, ଜଳ ବିଶୋଧନା ଗାର, ବତୀ ଘର, ଏୟାର ପୋର୍ଟ, ହେଲିପ୍ୟାଡ, ବନ୍ଦର କର୍ମଚାରୀଙ୍କ ବାସଗୃହ, ହୋଟେଲ, ପାର୍କ, ଲଜ, ଗେଷ୍ଟ ହାଉସ, ଡମ୍ପିଙ୍ଗ ୟାର୍ଡ ସାଙ୍ଗକୁ ବନ୍ଦର ଭିତ୍ତିକ ସହର ଓ ବନ୍ଦରକୁ ଲାଗି ଅନେକ ଛୋଟ ବଡ ଶିଳ୍ପ ସଂସ୍ଥା ପାଇଁ ଅତି କମରେ ୩ ରୁ ୪ ହଜାର ଏକର ଜମି ଏହା କଣ ଜଳ ଭିତରେ କରାଯିବ ବୋଲି ଶ୍ରୀ ନାୟକ ପାଲଟା ପ୍ରଶ୍ନ କରିଛନ୍ତି । ବନ୍ଦର ଓ ତାର ଆନୁସଙ୍ଗିକ ଶିଳ୍ପ ପାଇଁ ଭବିଷ୍ୟତରେ ଚୌମୁଖ ଓ ଡଗରା ଦୁଇଟି ପଂଚାୟତ ସମ୍ପୁର୍ଣ୍ଣ ଉଜୁଡି ଯିବ । ସେହିପରି ବନ୍ଦର ହେଲେ ନିଯୁକ୍ତିର ସ୍ୱପ୍ନ ଦେଖାଉଥିବା ପ୍ରଶାସନ କେବଳ ଲୋକଙ୍କୁ ଧୂଆଁବାଣ ଦେଖାଉଛନ୍ତି । ପାରାଦ୍ୱୀପ, ଧାମରା ଭଳି ବନ୍ଦର ଏହାର ଜ୍ୱଳନ୍ତ ଉଦାହରଣ । ଚୌମୁଖ ଓ ଡଗରାରେ ଗୋଟିଏ ପାନ ବରଜ ଓ ଅନ୍ୟାନ୍ୟ କୃଷିଭିତ୍ତିକ କାର୍ଯ୍ୟରୁ ଲୋକେ ଲକ୍ଷାଧିକ ଟଙ୍କା ରୋଜଗାର କରି ପାରୁଛନ୍ତି । ସମୁଦ୍ରରେ ମାଛ ଧରି ହଜାର ହଜାର ପରିବାର ଜୀବିକା ନିର୍ବାହ କରୁଛନ୍ତି । ତେଣୁ ସରକାର ଯଦି ବିକାଶ ଚାହୁଁଛନ୍ତି ସେ ଅଂଚଳର ଉତ୍ପାଦିତ ହେଉଥିବା କୃଷି ଭିତ୍ତିକ ଶିଳ୍ପ ସ୍ଥାପନ କରନ୍ତୁ । ଡଗରାରେ ପର୍ଯ୍ୟଟନ ଶିଳ୍ପର ବିକାଶ କରନ୍ତୁ । ଏହା ଦ୍ୱାରା ଅଧିକ ଲୋକ ନିଯୁକ୍ତି ପାଇବେ ବୋଲି ଶ୍ରୀ ନାୟକ କହିଛନ୍ତି । ସେହିପରି ପେଟ୍ରୋକେମିକାଲ୍ସ ପ୍ରକଳ୍ପ ଜମି ଅଧରଗ୍ରହଣ ପାଇଁ ଲୋକଙ୍କୁ ନୋଟିସ ହୋଇଥିଲ ମଧ ସେ ବାବଦରେ ଜିଲ୍ଲାପାଳ କିଛି ନକହି ଲୋକଙ୍କୁ ଅନ୍ଧାରରେ ରଖିଲେ । କଂଗ୍ରେସ ଦଳ ୨୦୦୯ ମସିହାରୁ ଲୋକଙ୍କ ସହିତ ରହି ବନ୍ଦ୍ର ବିରୋଧରେ ଆନ୍ଦୋଳନ ଚଳାଇ ଆସୁଛି । ଆଗାମି ଦିନରେ ଦଳର ବହୁ ରାଜ୍ୟ ଓ ଜିଲ୍ଲାସ୍ତରୀୟ ତୁଙ୍ଗ ନେତୃବୃନ୍ଦଙ୍କୁ ନେଇ ସେ ଅଂଚଳରେ ଏକ ବନ୍ଦର ବିରୋଧୀ ମହାସମାବେଶ ଅନୁଷ୍ଠିତ ହେବ ବୋଲି ଶ୍ରୀ ନାୟକ ସୁଚନା ଦେଇଥିଲେ ।

# ମଣିପାଟଣା ଗାଁକୁ ରାସ୍ତା ନିର୍ମାଣ ଲାଗି ମିଳିଲା ୧୬ଲକ୍ଷ ଟଙ୍କା

ଜଳେଶ୍ୱର, ୧୫/୪ (ନି.ପ୍ର): ଜଳେଶ୍ୱର ମ୍ୟୁନିସିପାଲଟିର ୧୬ ନଂ ୱାର୍ଡ ମଣିପାଟଣାକୁ ରାଂସ୍ତା ନଥିବାରୁ ଦୀର୍ଘବର୍ଷ ଧରି ଜନସାଧାରଣ ଜାତାୟାତରେ ବହୁ ଅସୁବିଧା ସମ୍ମୁଖୀନ ହୋଇ ଆସୁଥିଲେ । ଅଲାଲପୁର ଠାରୁ ମଣିପାଟଣା ଯାଏ ପ୍ରାୟ ୨ କି.ମି ହିଡ ରାସ୍ତାରେ ଲୋକେ ଯାତାୟାତ କରୁଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟିବା, ଗାଁକୁ ଆମ୍ବୁଲାନ୍ସ କିମ୍ବା ଦମକଳ ଯାଇନପାରିବା, ରେସନ ସାମଗ୍ରୀ ଓ ସ୍କୁଲ ଯିବା ଲାଗି ଯାତାୟାତରେ ବିଭ୍ରାଟ ସୃଷ୍ଟି ହେଉଥିଲା । ରାସ୍ତା ନଥିବାରୁ ବିଭିନ୍ନ ସମୟରେ ଗଣମାଧ୍ୟମର ଶିରୋନାମା ପ୍ରକାଶ ପାଇଆସୁଥିଲା । ଏହାକୁ ଲକ୍ଷ୍ୟ କରି ବିଧାୟକ ଅଶ୍ୱିନୀ ପାତ୍ର ତାଙ୍କ ହାତପାଣ୍ଠିରୁ ୬ ଲକ୍ଷ ଓ ମ୍ୟୁନିସିପାଲଟିରୁ ୧୦ଲକ୍ଷ ମଂଜୁର କରାଯାଇଥିବା ପୌର ଅଧିକାରୀ ଅଜୟ କୁମାର ମହାପାତ୍ର କହିଛନ୍ତି । ଏହି ଖବର ପ୍ରଚାରିତ ହେବାପରେ ଗାଁରେ ଆନନ୍ଦର ଲହରୀ ଖେଳି ଯାଇଛି ।

# ଜିଲ୍ଲାସ୍ତରୀୟ ଆମ୍ବେଦକର ଜୟନ୍ତୀ ପାଳିତ




ଭଦ୍ରକ,୧୪।୪: ଭଦ୍ରକ ଜିଲ୍ଲା ପ୍ରଶାସନ ପକ୍ଷରୁ ଡ. ବି.ଆର୍. ଆମ୍ବେଦକରଙ୍କ ୧୩୧ତମ ଜୟନ୍ତୀ ପାଳନ କରାଯାଇଛି । ଜିଲ୍ଲାପାଳଙ୍କ ସଦ୍ଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ ଇନ୍ଦ୍ରମଣି ନାୟକ, ଉପଜିଲ୍ଲାପାଳ ପୀତାମ୍ବର ସାମଲ, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ପଣ୍ଡା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରାଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ, କର୍ମଚାରୀ, ସାମ୍ବାଦିକ ଅଶୋକ ନାୟକ ଯୋଗ ଦେଇ ଡ. ଆମ୍ବେଦକରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧା ନିବେଦନ କରି ଆମ୍ବେଦକରଙ୍କ ତ୍ୟାଗ, ଜ୍ଞାନ ଗୁଣର ଆଲୋଚନା କରିଥିଲେ ।

# ଲୋକକବି ଜଗନ୍ନାଥ ପାଣି ଜୟନ୍ତୀ

ଭଦ୍ରକ,୧୫।୪(ହି.ସ): ଓଡ଼ିଆ ସାହିତ୍ୟର ଶାସ୍ତ୍ରୀୟ ମାନ୍ୟତା ପଛରେ ଜଗନ୍ନାଥ ପାଣିଙ୍କ ପରି କେତେ ଜଣ ସମର୍ପିତ କବିଙ୍କର ଓଡ଼ିଆ ଭାଷା ପ୍ରୀତି ଓଡ଼ିଆମାନଙ୍କୁ ବିଶ୍ୱ ଦରବାରରେ ଗର୍ବିତ କରିଛି ବୋଲି ସ୍ୱର୍ଗତ ପାଣିଙ୍କ ୧୮୫ତମ ଜୟନ୍ତୀରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । କରୋନା କଟକଣାର ନିୟମ ପାଳନ କରି ଉପସ୍ଥିତ ବୁଦ୍ଧିଜୀବୀମାନେ କବିଙ୍କ ଜନ୍ମ ସ୍ଥାନ ନଳାଙ୍ଗଠାରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଜଗନ୍ନାଥ ପାଣିଙ୍କ ପ୍ରଥମ କଲମ ଚାଳନାରେ ଲୋକନାଟ୍ୟ, ଗୀତିନାଟ୍ୟ ଓଡ଼ିଆ ସାହିତ୍ୟକୁ ଏକ ଅନନ୍ୟ ଅବଦାନ ବୋଲି ନାଟ୍ୟକାର ରାମନାରାୟଣ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ସାହିତ୍ୟ ଏକାଡ଼େମୀର ପୂର୍ବତନ ସଦସ୍ୟ ଇଂ ଅଭୟ ସୂତାର, ନାଟ୍ୟଶ୍ରୀ ନିର୍ମଳ ରାଉତ, ଜିଲ୍ଲା ଲେଖକ ସାମ୍ମୁଖ୍ୟର ସମ୍ପାଦକ ନୀହାର ରଂଜନ କର, ବରେଣ୍ୟ ଅତିଥି କଳାକାର ସୁବାସ ମଲ୍ଲିକ, ଅସିତ ପାଣିଗ୍ରାହୀ, ନୀର ସ୍ୱାଇଁ ପ୍ରମୁଖ କହିଥିଲେ । କବିଙ୍କ ପ୍ରପୌତ୍ର ରତନ ପାଣିଙ୍କ ତତ୍ତ୍ୱାବଧାନରେ ଉପଦେଷ୍ଟା ସନ୍ତୋଷ ଜେନା, ବିକ୍ରମ କୁଅଁର, ଜୀବନ ସାହୁ ପ୍ରମୁଖ ସଭା ପରିଚାଳନା କରିଥିଲେ ।

# ବାଲେଶ୍ୱରରେ ଜିଲ୍ଲାସ୍ତରୀୟ ଆମ୍ବେଦକର ଜୟନ୍ତୀ



ବାଲେଶ୍ୱର, ୧୫/୪ (ନି.ପ୍ର): କୋଭିଡ କଟକଣା ମଧ୍ୟରେ ଜିଲା ପ୍ରଶାସନ ପକ୍ଷରୁ ବାଲେଶ୍ୱରରେ ଜିଲ୍ଲାସ୍ତରୀୟ ୧୩୧ତମ ବାବାସାହେବ ଡ. ଭୀମରାଓ ଆମ୍ବେଦକରଙ୍କ ଜୟନ୍ତୀ ନିରାଡମ୍ବର ଭାବେ ପାଳିତ ହୋଇଯାଇଛି । ଜିଲାପାଳଙ୍କ ସମ୍ମିଳନୀ କକ୍ଷ ସଦଭାବନା ସଭାଗୃହରେ ଆୟୋଜିତ କାର୍ଯ୍ୟକ୍ରମର ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ମୁଖ୍ୟ ଅତିଥି ଭାବେ ଆମ୍ବେଦକରଙ୍କ ଜୀବନୀ, ପ୍ରତିଭା, ଶିକ୍ଷା ଜୀବନ, ସମାଜ ସଂସ୍କାରକ ସର୍ବୋପରି ସମ୍ବିଧାନ ପ୍ରଣେତା ଭାବେ ସ୍ମୃତିଚାରଣ କରିଥିଲେ । ଆମ୍ବେଦକରଙ୍କୁ ଜଣେ ସମାଜ ବିଜ୍ଞାନୀ ରୂପେ ଚିତ୍ରଣ କରିବା ସହିତ ପ୍ରାକ ସ୍ୱାଧୀନତା କାଳରେ ତତ୍କାଳୀନ ସାମାଜିକ ବୈଷମ୍ୟତା ଦୂରୀକରଣ ଦିଗରେ ତାଙ୍କର ବିଶେଷ ଅବଦାନ ରହିଥିବା ସେ ମତପ୍ରକାଶ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମଙ୍ଗଳ ଅଧିକାରୀ ରାଜୀବ କୁମାର ସାହୁ, ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ସହକାରୀ ସୂଚନା ଓ ଲୋକସଂପର୍କ ଅଧିକାରୀ ଦୀପକ ସାହୁ ପ୍ରମୁଖ ଏଥିରେ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ସହିତ ସୀମିତ ସଂଖ୍ୟାରେ ଗଣମାଧ୍ୟମ ପ୍ରତିନିଧି, ବୁଦ୍ଧିଜୀବୀ, ବରିଷ୍ଠ ନାଗରିକମାନେ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ଦେବବ୍ରତ ପାଣିଗ୍ରାହୀ, ବରିଷ୍ଠ ନାଗରିକ ଲକ୍ଷ୍ମୀଧର ବେହେରା, ଅଧ୍ୟାପକ ଶତ୍ରୁଘ୍ନ ମଲ୍ଲିକ, ଆଇନଜୀବୀ ସ୍ନେହଲତା ଦାସପତି, ସମାଜସେବୀ ଅର୍ଚ୍ଚନା ନନ୍ଦୀ ପ୍ରମୁଖ ଆମ୍ବେଦକରଙ୍କ ଅବଦାନ ସମ୍ବନ୍ଧରେ ଆଲୋକପାତ କରିଥିଲେ । ପ୍ରାରମ୍ଭରେ ଉପସ୍ଥିତ ଅତିଥିମାନେ ଆମ୍ବେଦକରଙ୍କ ଫଟୋଚିତ୍ରରେ ପୁଷ୍ପ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

# ରାଜ୍ୟ ଉତ୍ତର ଉପାନ୍ତ ରାଜପଥରେ ହେଉନାହିଁ ଚେକିଂ ଓ ବ୍ଲକିଂ : ପ୍ରବାସୀଙ୍କ ଅବାଧ ପ୍ରବେଶ




ଜଳେଶ୍ୱର, ୧୫/୪ (ନି.ପ୍ର): ପଶ୍ଚିମବଂଗରେ ନିର୍ବାଚନ ଚାଲିଥିବାରୁ କରୋନା ସଂକ୍ରମଣ ପ୍ରତି କଟକଣା ନଥିବାରୁ ଓଡିଶାର ପ୍ରବେଶପଥ ୬୦ନଂ ଜାତୀୟ ରାଜପଥ ଦେଇ ପ୍ରତିଦିନ ଶହ ଶହ ପ୍ରବାସୀ ପ୍ରବେଶ କରୁଛନ୍ତି । ସେହିପରି କୌଣସି ଲଗାମ ନଥିବାରୁ ଶହ ଶହ ଯାନ ମଧ୍ୟ ଅବାଧରେ ପ୍ରବେଶ କରୁଛି । କିନ୍ତୁ ଉପାନ୍ତ ଓଡିଶାରେ କୌଣସି ଚେକିଂ କିମ୍ବା ବ୍ଲକଂ ନ ଥିବାରୁ ବାଲେଶ୍ୱର ଜିଲାରେ ସଂକ୍ରମଣ ବଢିବାର ଆଶଙ୍କା ପ୍ରକାଶ ପାଇଛି । ୨୦୨୦ ଏପ୍ରିଲ ମାସରେ କରୋନ ସଂକ୍ରମଣ ଯୋଗୁଁ ୬୦ନଂ ଜାତୀୟ ରାଜପଥର ଟୋଲପ୍ଲାଜା ଏବଂ ବିଭିନ୍ନ ଗଳବାଟ ପ୍ରଶାସନପକ୍ଷରୁ ବେରିକେଟ କରାଯିବା ସହିତ ପୋଲିସ୍ ମୁତୟନ ରହିଥିଲେ । ପ୍ରବେଶ ଦ୍ୱାର ଠାରେ ଆରଟିଓ, ଏମ୍ଭିଆଇ, ପୋଲିସ୍ ସହିତ କେତେକ ଶିକ୍ଷକଙ୍କୁ ରଖାଯାଇ ଯାନଗୁଡିକ ନିୟନ୍ତ୍ରଣ କରାଯିବା ସହିତ ପ୍ରବାସୀଙ୍କ ସ୍ୱାସ୍ଥ୍ୟଜନୀତ ବିବରଣୀ ପଂଜିକୃତ ହେଉଥିଲା ଏବଂ ସେମାନଙ୍କ ହାତରେ ଅଲିଭା କାଳିରେ ଚିହ୍ନ ଦିଆଯାଉଥିଲା । କିନ୍ତୁ ଏବେ ସେ ସବୁ କିଛି ନଥିବାରୁ ପ୍ରବାସୀମାନଙ୍କ ଗାଡି ଅବାଧରେ ଓଡିଶାକୁ ପ୍ରବେଶ କରୁଛି । ଫଳରେ ରାଜ୍ୟରେ କୋଭିଡ୍-୧୯ ସଂକ୍ରମଣ ଦ୍ରୁତଗତିରେ ବୃଦ୍ଧି ପାଉଛି । ଏବେ କୋଭିଡ୍ ସଂକ୍ରମଣ ପ୍ରବାସୀଙ୍କ ଦ୍ୱାରା ବଢୁଥିବା ସଂପର୍କରେ ସ୍ୱାସ୍ଥ୍ୟବିଭାଗ ସୂଚନା ଦେଇଛି । ତେଣୁ ମୁକୁଳା ପଡିଥିବା ୬୦ନଂ ଜାତୀୟ ରାଜପଥ, ଓଟି ରୋଡ ଓ ବିଭିନ୍ନ ଗ୍ରାମାଂଚଳ ରାସ୍ତା ବନ୍ଦ କରାଯିବାକୁ ପ୍ରଶାସନ ଠାରେ ଦାବି କରାଯାଇଛି ।

# ପୂର୍ବତନ ଜିଲ୍ଲା ବିଜ୍ଞାନ ପରିଦର୍ଶକ ନିରଞ୍ଜନ ସାହୁଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି



ମୟୂରଭଞ୍ଜ, ୧୫/୪ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ପୂର୍ବତନ ବିଜ୍ଞାନ ପରିଦର୍ଶକ ତଥା ବିଶିଷ୍ଟ ଶିକ୍ଷାବିତ ନିରନ ସାହୁଙ୍କ ବିୟୋଗରେ ମୟୂରଭ ସାଇନ୍ସ୍ ଫୋରମ ତରଫରୁ ବିନମ୍ର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ସ୍ୱର୍ଗତ ସାହୁ ବିଜ୍ଞାନ ପରିଦର୍ଶକ ଭାବରେ ଜିଲ୍ଲାର ବିଭିନ୍ନ ବିଜ୍ଞାନ ଭିତ୍ତିକ କାର୍ଯ୍ୟକ୍ରମରେ ସଂଶ୍ଳିଷ୍ଟ ଥିଲେ । ପରବର୍ତ୍ତୀ ସମୟରେ ରାଇରଙ୍ଗପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭାବେ ଅବସର ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲାର ପୂର୍ବତନ ବିଜ୍ଞାନ ପରିଦର୍ଶକ ଗଣ ସର୍ବଶ୍ରୀ ସୁଦର୍ଶନ ପଣ୍ଡା, ନଳୀନ କୁମାର ଚୌଧୁରୀ, ଅମିତାଭ ମିଶ୍ର, କେଶବ ଚନ୍ଦ୍ର ସାହୁ, ବର୍ତ୍ତମାନର ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜଗନ୍ନାଥ ସାହୁ, ବରିଷ୍ଠ ବିଜ୍ଞାନ ଶିକ୍ଷକ ଦିଲ୍ଲୀପ କୁମାର ମିଶ୍ର, ୟୁଥ ସାଇନ୍ସ୍ ପୋରମ ଉପଦେଷ୍ଟା ଡ଼. ସରୋଜ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ସାହୁଙ୍କ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଳି ଜ୍ଞାପନ ପୂର୍ବକ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ତାଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ନିରାଡମ୍ବର ଭାବେ ଏହି ଶ୍ରଦ୍ଧାଞ୍ଜଳି ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

# ଅଫ୍ ଲାଇନ ପରୀକ୍ଷା ନିଷ୍ପତ୍ତିକୁ ବିରୋଧ : ଅନଲାଇନ ଦାବିରେ ଏଫଏମ କଲେଜ ଛାତ୍ରଛାତ୍ରୀଙ୍କ ଧାରଣା



ବାଲେଶ୍ୱର, ୧୫/୪ (ନି.ପ୍ର): ଯୁକ୍ତ ୩ ଛାତ୍ରଛାତ୍ରୀମାନେ ଶ୍ରେଣୀ ଗୃହରେ ଏକତ୍ର ବସ ଅଫଲାଇନ ପରୀକ୍ଷା ଦେବା ନେଇ ଫକୀରମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ନିଷ୍ପତକୁ ବିରୋଧ କରିଛନ୍ତି ଛାତ୍ରଛାତ୍ରୀମାନେ । କୋଭିଡ ସଂକ୍ରମଣ କାଳରେ ଏହି ନିଷ୍ପତ୍ତି ପ୍ରତ୍ୟାହାର ଦାବିରେ ଛାତ୍ରଛାତ୍ରୀମାନେ ମଙ୍ଗଳବାର ଦିନ ଜିଲାପାଳଙ୍କଠାରେ ଫେରାଦ ହୋଇଥିବା ବେଳେ ବୁଧବାର କଲେଜ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ସେମାନଙ୍କ ଅଭିଯୋଗ ଅନୁସାରେ କୋଭିଡ ସଂକ୍ରମଣର ଦ୍ୱିତୀୟ ଲହରରେ ଭୟଭୟତା ବଢ଼ି ଚାଲିଥିବା ବେଳେ ଅଫଲାଇନ ପରୀକ୍ଷା ସେମାନଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି । ଅଫ ଲାଇନରେ ଏକତ୍ର ଅଧିକ ସଂଖ୍ୟାକ ଛାତ୍ରଛାତ୍ରୀ ପରୀକ୍ଷା ଦେବା ଦ୍ୱାରା ସଂକ୍ରମିତ ହେବାର ଆଶଙ୍କା ରହିଛି । ଏଭଳି ସ୍ଥିତିରେ କର୍ତ୍ତୃପକ୍ଷ ଅଫଲାଇନରେ ପରୀକ୍ଷା ନ କରାଇ ଅନଲାଇନରେ ପରୀକ୍ଷା ପାଇଁ ସେମାନେ ଦାବି ଜଣାଇଛନ୍ତି । ଦାବି ପୂରଣ ନହେବା ପର୍ଯ୍ୟନ୍ତ ଏମିତି ଆନ୍ଦୋଳନ ଜାରି ରହିବ ବୋଲି ଛାତ୍ରଛାତ୍ରୀମାନେ ଚେତାବନୀ ଦେଇନ୍ତି ।

# ସମାଜସେବୀଙ୍କ ପରଲୋକ



ଖଇରା, ୧୫/୪ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଗଗନଧୂଳୀ ପଞ୍ଚାୟତ ଅଧୀନ ଗଣ୍ଡୁଆ ଗ୍ରାମର ସମାଜସେବୀ କରୁଣାକର ବାରିକ(୭୨) ରବିବାର ଦିନ କର୍କଟ ରୋଗରେ ପ୍ରାଣ ହରାଇଛନ୍ତି । ସ୍ୱର୍ଗତ ବାରିକ ତୁଡିଗଡିଆ ଶହୀଦ ଜନକଲ୍ୟାଣ ପରିଷଦ, ଖଇରା ବରିଷ୍ଠ ନାଗରିକ ମଞ୍ଚରେ ସକ୍ରୀୟ ସଭ୍ୟ ରହି ବିଭିନ୍ନ ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ । ସେ ୭ଦିନ ଧରି କଟକ ବଡ ମେଡିକାଲରେ ଚିକିତ୍ସାଧୀନ ଥିଲେ । ତାଙ୍କ ମର ଶରୀରକୁ ଏକ ଶୋଭାଯାତ୍ରାରେ ତୁଡିଗଡିଆ ବଜାରରୁ ଘରକୁ ନିଆଯାଇଥିଲା । ସେ ଅଲେଖ ଧର୍ମରେ ଦିକ୍ଷିତ ଥିଲେ । କରୁଣାକର ଜେନା, ବିଷ୍ଣୁ ମୋହନ ଶତପଥି, ଚିତ୍ତ ରଞ୍ଜନ ପାଣିଗ୍ରାହୀ, ଭୀମସେନ ରାମ, ଲୋକନାଥ ପଣ୍ଡା, ଭାସ୍କର ପାଣିଗ୍ରାହୀ ଙ୍କ ସମେତ ବହୁ ମାନ୍ୟଗନ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ । ତାଙ୍କ ମୃତ୍ୟୁରେ ବରିଷ୍ଠ ନାଗରିକ ମଞ୍ଚ, ଖଇରା ତରଫରୁ ଶୋକ ପ୍ରକାଶ କରାଯିବା ସହ ପରିବାରକୁ ସମବେଦନା ଜ୍ଞାପନ କରାଯାଇଛି ।

# ଡ. ବାବା ସାହେବ ଆମ୍ବେଦକରଙ୍କ ୧୩୧ତମ ଜନ୍ମବାର୍ଷିକୀରେ ସଂବିଧାନ ବଂଚାଅ ଦିବସ ପାଳନ

ବାଲେଶ୍ୱର, ୧୫/୪ (ନି.ପ୍ର): ସଂବିଧାନର ପ୍ରଣେତା ତଥା ସମାଜ ସଂସ୍କାରକ ଡ. ବାବା ସାହେବ ଆମ୍ବେଦକରଙ୍କ ୧୩୦ ତମ ଜନ୍ମ ବାର୍ଷିକୀ ପାଳନ ଅବସରରେ ଈଶ୍ୱର ଦାସ ଭବନ, ନୂଆ ବଜାର ଠାରେ "ସଂବିଧାନ ବଂଚାଅ ଦିବସ" ଉପରେ ଏକ ଆଲୋଚନା ସଭା ସଂଗଠିତ ହୋଇ ଯାଇଛି । ଦଳିତ ଶୋଷଣ ମୁକ୍ତି ମଂଚ, ଦଳିତ ବିକାଶ ମଂଚ, କୃଷକ ସଂଘର୍ଷ ସମନ୍ୱୟ ସମିତି ସମେତ ଅନେକ ସଂଗଠନ ଏହି ଆଲୋଚନା ସଭା ସଂଗଠିତ କରିଛନ୍ତି । ଶ୍ୟାମ ସୁନ୍ଦର ଜେନାଙ୍କ ଅଧକ୍ଷତାରେ ଆରମ୍ଭ ହୋଇଥିବା ଆଲୋଚନା ସଭା ପୂର୍ବରୁ ଡ. ବାବା ସାହେବ ଆମ୍ବେଦକରଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଗଭୀର ସମ୍ମାନ ଓ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଡ. ଆମ୍ବେଦକର ଦେଶରେ ଥିବା ଜାତିଗତ ବିଦ୍ୱେଶ ଓ ହିଂସା ବିରୋଧରେ ଲଢ଼େଇ କରିବା ସହିତ ତଳେ ପଡ଼ିରହିଥିବା ଲୋକଙ୍କୁ ଶିକ୍ଷିତ କରି ନିଆ ସମସ୍ୟା ପାଇଁ ନିଜେ ସଂଗ୍ରାମ କରିବାକୁ ଆହ୍ୱାନ ଦେଇଥିଲେ । ଦେଶର ସାମାଜିକ-ଅର୍ଥନୈତିକ ଅବସ୍ଥାକୁ ଲକ୍ଷ୍ୟ କରି ଦେଶ ପାଇଁ ସଂବିଧାନ ପ୍ରସ୍ତୁତ କରିଥିଲେ, ସେହି ସଂବିଧାନ ଦେଶର ସମସ୍ତ ନାଗରିକଙ୍କୁ ସମାନ ଅଧିକାର ସହିତ ଗଣତନ୍ତ୍ରକୁ ସୁଦୃଢ଼ କରି ପାରିଛି । ଦେଶର ସାର୍ବଭୌମତ୍ୱ ଅଖଣ୍ଡତା ପାଇଁ ଏହି ସଂବିଧାନ ହେଉଛି ଏକ ବଡ଼ଅସ୍ତ୍ର । କେନ୍ଦ୍ରରେ ବିଜେପି ସରକାର ଆସିଲା ପରେ ଏହି ସଂବିଧାନ ଆଜି ବିପନ୍ନ । ସ୍ୱାଧୀନ ବକ୍ତବ୍ୟ ରଖୁଥିବା ଲୋକଙ୍କୁ ଦେଶଦ୍ରୋହୀର ଆଖ୍ୟା ଦିଆଯାଉଛି । ସାମ୍ରାଜ୍ୟବାଦୀ ଆମେରିକା ପାଖରେ ଦେଶର ସାର୍ବଭୌମତ୍ୱ ଆଜି ବଂଧା ପଡ଼ିଛି । ଦେଶର ସମସ୍ତ ସଂପଦ ଦେଶୀୟ ଏବଂ ବିଦେଶୀ କଂପାନୀ ହାତକୁ ଟେକି ଦିଆଯାଉଛି । ସଂବାଦ ମାଧମ ମଧ ନିରପେକ୍ଷ ସଂବାଦ ଦେଇପାରୁ ନାହାଁନ୍ତି । ବିଚାରାଳୟ ମଧ ନିରପେକ୍ଷ ନୁହେଁ । ଏଭଳି ଏକ ସଂବିଧାନିକ ସଂକଟ ସମୟରେ ଡ. ବାବା ସାହେବ ଆମ୍ବେଦକରଙ୍କ ଆଦର୍ଶ ଓ କର୍ମ ଆଜି ଆମ ପାଇଁ ପ୍ରେରଣା ଦାୟକ ବୋଲି ଆଲୋଚନା ସଭାରେ ବକ୍ତାମାନେ ଆହ୍ୱାନ ଦେଇ ଥିଲେ । ଏହି ଆଲୋଚନା ସଭାରେ ଶିଶିର ହୁଇ, ଭାଗବତ ପାଣିଗ୍ରାହୀ, ପଞ୍ଚାନନ ପରିଡ଼ା, ରଘୁନାଥ ମହାଳିକ, ଗୌରାଙ୍ଗ ପାଣିଗ୍ରାହୀ, ବିକାଶ ଦାସ, ଈଶାଣୀ ସଡ଼ଙ୍ଗୀ, ମନୋଜ ନାୟକ, ମଧୁସୂଦନ ମାଝି, ପ୍ରେମରଞ୍ଜନ ପାତ୍ର, କମଳ ନାୟକ, ରାଜକିଶୋର ଲେଙ୍କା, ଅଭିରାମ ଦାସ ବ୍ୟକ୍ତି ବିଶେଷ ମାନେ ବକ୍ତବ୍ୟ ରଖିଥିଲେ । ଶେଷରେ ଶ୍ରମିକ ନେତା ନିକୁଂଜ ବସନ୍ତ ରାଏ ଧନ୍ୟବାଦ ଦେଇଥିଲେ ।

# ସିଲ୍କ ଶାଢ଼ିରେ ଟ୍ରେଣ୍ଡି ଡ୍ରେସ୍



**ଘରେ ପୁରୁଣା ସିଲ୍କ ଶାଢ଼ି ଥିବ ଯାହା କେବଳ ୱାର୍ଡରୋବର ଗୋଟିଏ କୋଣରେ ସାଇତା ହୋଇ ରହିଥିବ । ଏହାକୁ ନୂଆ ଅନ୍ଦାଜ୍ ଏବଂ ଷ୍ଟାଇଲିଶ ଲୁକ୍ ଦେବାକୁ ଚାହୁଁଥିଲେ, ଫ୍ୟାଶନ ଦୁନିଆରେ ଆସିଛି ନୂଆ ଫଣ୍ଡା । ଏଭଳି ଶାଢ଼ିରେ ଟ୍ରେଣ୍ଡି ଷହ୍ରସ୍ ତିଆରି କରି ମଡର୍ଣ୍ଣ ଲୁକ୍ ବି ପାଇପାରିବେ ।**

### ସିସଲ୍କ ସ୍କର୍ଟ କିମ୍ୱା ସଚାରା :

ସିଲ୍କ ଶାଢ଼ିରେ ସଚାରା ଶୁଟ କିମ୍ବା ସ୍କର୍ଟ ତିଆରି କରି ପିନ୍ଧିପାରିବେ । ଫଙ୍କସନ ପାଇଁ ଏହା ସବୁଠୁ ବେଷ୍ଟ ଅପ୍ସନ । ଏଭଳି ଉପାୟ ଅନେକ ବଲିଉଡ ଅଭିନେତ୍ରୀ ଆପଣାଇ ସାରିଛନ୍ତି । ଚାହିଁଲେ ଏହି ଡିଜାଇନ ପାଇଁ ଡ୍ରେସର ତଳ ଭାଗକୁ ସିମ୍ପଲ ରଖିପାରିବେ ନଚେତ ଶାଢ଼ି ବର୍ଡର ଲଗାଇପାରିବେ ।



### ଡ୍ରେସ୍ :

ଯଦି କୌଣସି ବିବାହ ଉତ୍ସବରେ ଯୋଗଦେବାକୁ ଯାଉଛନ୍ତି, ତେବେ ସିଲ୍କ ଶାଢ଼ିରେ ତିଆରି ଡ୍ରେସ୍ ବେଶ୍ ସୁନ୍ଦର ଦିଶିବ । ପୁରୁଣା ଶାଢ଼ିରେ ୱାନ୍ ପିସ୍ ଡ୍ରେସ୍ ତିଆରି କରନ୍ତୁ; ଏହା ଭିଡ଼ ଭିତରୁ ଆପଣଙ୍କୁ ଅଲଗା ଲୁକ୍ ଦେବ । ରହିଲେ ତା' ଉପରେ ଏମ୍ବ୍ରୋୟଡରି ଡିଜାଇନ୍ କରିପାରିବେ ।

### ସିଲ୍କ କୁର୍ତ୍ତା :

ସ୍କର୍ଟ ସହ ସିଲ୍କ କୁର୍ତ୍ତା ପିନ୍ଧିବାର ଟ୍ରେଣ୍ଡ ଏବେ ବେଶ୍ ଚାହିଦାରେ ରହିଛି । ଶାଢ଼ିର ପ୍ଲେନ୍ ଭାଗକୁ ସ୍କର୍ଟ ଏବଂ ପଣତକୁ କୁର୍ତ୍ତା ପାଇଁ ବ୍ୟବହାର କରିପାରିବେ । ଶାଢ଼ି ପଣତର ଡିଜାଇନ ଭାଗକୁ ସମ୍ମୁଖକୁ ରଖିଲେ ବେଶ୍ ସୁନ୍ଦର ଦିଶିଥାଏ ।

### ସିଲ୍କ ଟ୍ରାଉଜର :

ଚାହିଁଲେ ୱେଷ୍ଟର୍ଣ୍ଣ ଡ୍ରେସ୍ଟି ଏଥିରେ ତିଆରି କରିପାରିବେ । ସିଲ୍କ ଟ୍ରାଉଜର୍ସ ଏବଂ କ୍ୟୁଲାଟ୍ସ ମଧ୍ୟ ତିଆରି କରି ପାରିବେ ।



### ସିଲ୍କ ଦୁପଟ୍ଟା :

ପ୍ଲେନ ଶୁଟ୍ ସହ ସିଲ୍କ ଶାଢ଼ିରେ ତିଆରି ଦୁପଟ୍ଟା ବେଶ୍ ରୟାଲ ଲୁକ୍ ଦେଇଥାଏ । ପାର୍ଟିୱେର ଭାବେ ଏହାକୁ ବ୍ୟବହାର କରିପାରିବେ ।



# ମସରୁମ୍ କୋର୍ମା



### ସାମଗ୍ରୀ:

କଟାପିଆଜ- ୧କପ୍, କଟା ବଟନ ଛତୁ- ୨କପ୍, କଟା ଆଳୁ- ୧, କଟାଗାଜର-୧/୨କପ୍, ଗ୍ରୀନ ମଟର-୧/୨କପ, କଟା କଞ୍ଚାଲଙ୍କା, ଅଦାରସୁଣ ପେଷ୍ଟ- ୧ଚାମଚ, ଲଙ୍କାଗୁଣ୍ଡ-୧/୨ ଚାମଚ, ଧନିଆଗୁଣ୍ଡ-୧/୨ ଚାମଚ, ହଳଦୀ ଗୁଣ୍ଡ,୧/୨ ଚାମଚ, ଦହି-୧/୨କପ୍, କାଜୁ-୫୦ଗ୍ରାମ, ଚାରମଗଜ-୧/୪ କପ୍, ନଡ଼ିଆ କୋରା- ୧/୨ କପ୍, ତେଜପତ୍ର-୨, ଗୁଜରାତି -୨. ଲବଙ୍ଗ-୨, ଜିରା-୧/୪ ଚାମଚ, ଡାଲଚିନି-୧ଇଞ୍ଚ, କଟା ଧନିଆ ପତ୍ର-୨ଚାମଚ, ଲୁଣ, ତେଲ, ତେଲ ଏବଂ ପାଣି ଆବଶ୍ୟକ ଅନୁସାରେ ।

### ପ୍ରସ୍ତୁତି ପ୍ରଣାଳୀ:

ପ୍ରଥମେ ଚାରମଗଜ, କାଜୁକୁ ପାଣିରେ କିଛି ସମୟ ଭିଜାଇ ରଖନ୍ତୁ । ଗ୍ରାଇଣ୍ଡରରେ କୋରା ନଡ଼ିଆ, ଅଳ୍ପ ପିଆଜ, ଚାରମଗଜ, କାଜୁକୁ ପକାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏବେ କଡ଼େଇରେ ତେଲ ଗରମ କରି ଜିରା, ତେଜପତ୍ର, ଲବଙ୍ଗ, ଗୁଜରାତି ଏବଂ ଡାଲଚିନି ପକାନ୍ତୁ । ସାମାନ୍ୟ ଭାଜି ହେବା ପରେ ବଳକା ପିଆଜ, କଞ୍ଚାଲଙ୍କା ପକାଇ ସୁନେଲି ହେବାକୁ ଛାଡ଼ନ୍ତୁ । ଏବେ ଅଦାରସୁଣ ପେଷ୍ଟ, ଧନିଆ ଗୁଣ୍ଡ, ଜିରାଗୁଣ୍ଡ, ହଳଦୀ, ସାମାନ୍ୟ ଲୁଣ, ଲଙ୍କାଗୁଣ୍ଡ ପକାଇ ମସଲାକୁ କଷନ୍ତୁ । ମସଲା କଷି ହେବା ପରେ ସେଥିରେ ଗ୍ରୀନ ମଟର, ଛତୁ ଏବଂ ଆଳୁ ପକାଇ କିଛି ସମୟ ସିଝିବାକୁ ଛାଡ଼ନ୍ତୁ । ଏବେ ସେଥିରେ କାଜୁ ମିଶ୍ରଣ ପେଷ୍ଟକୁ ପକାଇ ଆଉ ଟିକିଏ ଗୋଳାନ୍ତୁ । ଶେଷରେ ଦହି ଓ ସାମାନ୍ୟ ପାଣି ଲୁଣ ପକାଇ ଘୋଡ଼ାଇ ଦିଅନ୍ତୁ । ଫୁଟିଆସଲେ ପ୍ଲେଟକୁ କାଢ଼ ଧନିଆ ପତ୍ରରେ ଗାର୍ଣ୍ଣିସ୍ କରି ଗରମ ପରଷନ୍ତୁ ।



# ଚିଙ୍ଗୁଡ଼ି ଝାଲ

### ସାମଗ୍ରୀ:

ବଡ଼ ଚିଙ୍ଗୁଡ଼ି-୬ଟି, ଟମାଟୋ-୨ଟି, ସୋରିଷ ତେଲ-୨ଚାମଚ, ଶୁଖିଲା ଲଙ୍କା-୬ଟି, ରସୁଣ-୮କୋଳା, ସ୍ୱାଦ ଅନୁସାରେ ଲୁଣ ଓ ହଳଦୀ ।





### ପ୍ରଣାଳୀ:

ଚିଙ୍ଗୁଡ଼ିକୁ ଭଲଭାବେ ସଫା କରି ହଳଦୀ ଗୋଳାଇ କିଛି ସମୟ ପାଇଁ ରଖିଦେବେ । ଏହାପରେ ସୋରିଷ, ଶୁଖିଲା ଲଙ୍କା ଓ ରସୁଣକୁ ମିଶାଇ ଏକ ଚିକ୍କଣ ମସଲା ପ୍ରସ୍ତୁତ କରିବେ । ହଳଦୀ ଗୋଳା ଚୁଙ୍ଗୁଡ଼ିରେ ସୋରିଷ ମସଲା, ଲୁଣ ଓ କଟା ଟମାଟୋ, ସୋରିଷ ତେଲ ଓ ଏକ କପ ପାଣି ମିଶାଇ ଢ଼ାଙ୍କୁଣୀ ଦେଇ ଚିଙ୍ଗୁଡ଼ିକୁ ହାଲକା ଆଞ୍ଚରେ ବସାଇଦେବେ । ମଝିରେ ମଝିରେ ଢ଼ାଙ୍କୁଣୀ କାଢ଼ି ଚିଙ୍ଗୁଡ଼ିଗୁଡ଼ିକ ସିଝିଲା କି ନାହି ଦେଖିବେ । ଚିଙ୍ଗୁଡ଼ି ଗୁଡ଼ିକ ସିଝିଯାଇ ମସଲା ସବୁ ଚିଙ୍ଗୁଡ଼ିର ଦେହକୁ ଦେହ ଲାଗିଲାପରେ ଚିଙ୍ଗୁଡ଼ି ସବୁକୁ ଗୋଟିଏ ପାତ୍ରକୁ କାଢ଼ି ପରଶିଦେବେ ଓ ଗରମ ଗରମ ଚିଙ୍ଗୁଡ଼ି ଝାଲର ମଜାନେବେ ।

# ପୁଷ୍ଟିକର କଖାରୁ

**ସବୁଜ ପନିପରିବା ସ୍ୱାସ୍ଥ୍ୟ ପକ୍ଷେ ହିତକାରୀ ହୋଇଥାଏ । କିନ୍ତୁ କିଛି ପରିବା ଖାଇବା ପାଇଁ ରୁଚିକର ହୋଇନଥିଲେ ବି ସ୍ୱାସ୍ଥ୍ୟ ପାଇଁ ଖାଇବାକୁ ପଡ଼ିଥାଏ । ତେବେ କଖାରୁ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଗୁଣକାରୀ ହୋଇଥାଏ । କଖାରୁ ଦ୍ୱାରା ଯେଉଁ ସବୁ ରୋଗର ଉପଚାର ମିଳେ ସେଗୁଡ଼ିକ ହେଲା:**



***ପେଟ ଜନିତ ସମସ୍ୟା:-*** କଖାରୁ ଖାଇବା ଦ୍ୱାରା ପେଟର ସମସ୍ତ ସମସ୍ୟା ଦୂର ହୋଇଥାଏ । ଏହା ପାଚନ କ୍ରିୟା ନିୟନ୍ତ୍ରଣ କରିଥାଏ । ଏଥିରେ ଥିବା ଡାଇଟାରୀ ଫାଇବର ପେଟର ଅମ୍ଳ ଭାଗକୁ ଦୂର କରିଥାଏ ।

***ମଧୁମେହରୁ ରକ୍ଷା:-*** କଖାରୁରେ ଭରପୂର ଭିଟାମିନ୍- ସି ରହିଥାଏ । ମଧୁମେହ ନିୟନ୍ତ୍ରଣ ପାଇଁ ମଧ୍ୟ ଏହା ଉପକାରୀ ହୋଇଥାଏ । ଇନ୍‌ସୁଲିନ୍ ନେଉଥିବା ମଧୁମେହ ରୋଗୀ ଦିନକୁ ୨ଥର କଖାରୁ ଖାଇବା ଆବଶ୍ୟକ ।

***କର୍କଟରୁ ରକ୍ଷା:-*** କଖାରୁରେ ଆଣ୍ଟିଅକ୍ସିଡେଣ୍ଟର ପରିମାଣ ରହିଥାଏ ଯାହା କର୍କଟରେ ସେଲ୍ ଗୁଡ଼ିକୁ କମାଇବାରେ ସାହାଯ୍ୟ କରେ । ତେଣୁ ଦୈନିକ ସୁପ୍, ସ୍ନାକ୍ସ ଖାଇବା ଆବଶ୍ୟକ ।

***ଦୁଶ୍ଚିନ୍ତାରୁ ମୁକ୍ତି:-*** କଖାରୁ ଖାଇବା ଦ୍ୱାରା ଅନିଦ୍ରା, ଦୁଶ୍ଚିନ୍ତା, ରାଗ ଉପରେ ନିୟନ୍ତ୍ରଣ କ୍ଷମତା ଆଣିଥାଏ । କଖାରୁ ସେବନ ଦ୍ୱାରା ସ୍ମରଣ ଶକ୍ତି ମଧ୍ୟ ବୃଦ୍ଧି ପାଇଥାଏ ।

***ହୃଦୟର ଯତ୍ନ:-*** ଯଦି ହୃଦୟଜନିତ ସମସ୍ୟା ଥାଏ ତେବେ କଖାରୁ ଖାଇବା ଦ୍ୱାରା ମେଦର ନିୟନ୍ତ୍ରଣ ରହିଥାଏ ଓ ହୃଦୟ ସମ୍ପୂର୍ଣ୍ଣ ସୁସ୍ଥ ରହିଥାଏ ।


***ମେଦର ନିୟନ୍ତ୍ରଣ:-*** ଏହାକୁ ଖାଇବା ଦ୍ୱାରା କ୍ୟାଲେରୀ କମ୍ ଓ ଫାଇବରର ମାତ୍ରା ଅଧିକ ହୋଇଥାଏ । ତେଣୁ ବାରମ୍ବାର ଭୋକ ହୋଇନଥାଏ ଏବଂ ଓଭର ଡାଇଟିଂ କରିବାକୁ ପଡ଼ିନଥାଏ ।

***ଦୃଷ୍ଟିଶକ୍ତି ବଢ଼ିଥାଏ:-*** କଖାରୁରେ ଥିବା ଭିଟାମିନ୍-ଏ ଦ୍ୱାରା ଦୃଷ୍ଟିଶକ୍ତି ବଢ଼ିଥାଏ । ସେଥିପାଇଁ ଦୈନିକ କିଛି ପରିମାଣର କଖାରୁ ଖାଇବା ଆବଶ୍ୟକ ।

# ଗ୍ଲୁକୋମା ଚିକିତ୍ସା କରିବ ସ୍ମାର୍ଟ ଡିଭାଇସ



'ଗ୍ଲୁକୋମା' ଆଖି ପାଇଁ ସବୁଠୁ ଭୟାନକ ରୋଗ ମଧ୍ୟରୁ ଗୋଟିଏ ବୋଲି କୁହାଯାଏ । ବିଶ୍ୱସ୍ତରରେ ଦୃଷ୍ଟିହୀନତାର ପ୍ରମୁଖ କାରଣ ମଧ୍ୟରୁ ଏହା ଅନ୍ୟତମ । ଚକ୍ଷୁରେ ଚାପ ବୃଦ୍ଧି, ମୋଟାପଣ, ଉଚ୍ଚରକ୍ତଚାପ ଏବଂ ଅଧକପାଳୀ ଆଦି ଏହାର ମୁଖ୍ୟ କାରକ । ଏବେ ବୈଜ୍ଞାନିକମାନେ ଏକ ସ୍ମାର୍ଟ ଡିଭାଇସ୍ ତିଆରି କରିଛନ୍ତି, ଯାହା ଗ୍ଲୁକୋମା ରୋଗୀଙ୍କ ଦୃଷ୍ଟିଶକ୍ତି ଠିକ୍ ରଖିବାରେ ସାହାଯ୍ୟ କରିବ । ଆମେରିକା ସ୍ଥିତ ପରଡ୍ୟୁ ୟୁନିଭର୍ସିଟିର ଆସିଷ୍ଟାଣ୍ଟ ପ୍ରଫେସର ୟୋବୋନ୍ ଲି' ଙ୍କ ମତରେ, ଏହି ଡିଭାଇସ ଗ୍ଲୁକୋମା ରୋଗୀଙ୍କ ପାଇଁ ବରଦାନ ସଦୃଶ କାମ କରିବ । ସ୍ମାର୍ଟ ଡିଭାଇସଟି ଆଖି ଭିତରେ କମ୍ପନ ଉତ୍ପନ୍ନ କରିଥାଏ, ଯଦ୍ଦ୍ୱାରା ଭିତରୁବାହାରୁଥିବା ପାଣିରୁ କମ କରାଯାଇପାରିବ । ଏହି କୌଶଳ ଅଧିକ ସୁରକ୍ଷିତ ଏବଂ ଉପଯୋଗୀ । ଏହି କୌଶଳ ଜରିଆରେ ଚିକିତ୍ସା କରିବା ଦ୍ୱାରା ରୋଗୀର ଆଖି ଭିତରକୁ ଏକ ନଳୀ ପ୍ରବେଶ କରାଯିବ । ଏହାଦ୍ୱାରା ଭିତରେ ଜମିଥିବା ଲିକ୍ୱିଡ଼କୁ ଟାଣି ବାହାରକୁ ଅଣାଯିବାରେ ସହଜ ହେବ । କିନ୍ତୁ ଏ ସମୟରେ ଗ୍ଲୁକୋମା ରୋଗୀ ଗମ୍ଭୀର ସ୍ତର ପର୍ଯ୍ୟନ୍ତ ଯେମିତି ନ ପହଞ୍ଚିଥାନ୍ତି । ପ୍ରାରମ୍ଭିକ ସ୍ତରରେ ଏହାର ଲକ୍ଷଣ ଦେଖାଦେଇନଥାଏ । କିନ୍ତୁ ଯେତେବେଳେ ଏହାର ଲକ୍ଷଣ ବୁଝାପଡ଼େ, ସେତେବଳେ ଆଖିର ବହୁତ କ୍ଷତି ହୋଇସାରିଥା, । ଏହାର ଅନ୍ତିମ ଅବସ୍ଥାରେ ଏକମାତ୍ର ଚିକିତ୍ସା ଅସ୍ତ୍ରୋପଚାର । ଅସ୍ତ୍ରୋପଚାର ଜରିଆରେ ସିନା ଗ୍ଲୁକୋମା ଚିକିତ୍ସା କରାଯାଇଥାଏ ସତ; କିନ୍ତୁ ଏହା ଗମ୍ଭୀର ସ୍ଥିତିରେ କରାଯାଏ । ବର୍ତ୍ତମାନ ସମୟରେ ଏହି ସ୍ମାର୍ଟ ଡିଭାଇସ୍ ଗ୍ଲୁକୋମା ରୋଗୀଙ୍କ ପାଇଁ ବିଶେଷ ଉପଯୋଗୀ ସାବ୍ୟସ୍ତ ହୋଇପାରେ । ତେବେ ଏହା ଚିକିତ୍ସା କ୍ଷେତ୍ରରେ କେବେ ଉପଯୋଗ ହେବ ତା'ର କୌଣସି ସୂଚନା ମିଳିବନାହିଁ ।




# ଚୀନ୍ ଇଂଜିନିୟରଙ୍କ ଉପାଦେୟ ହିଟର୍

ବର୍ତ୍ତମାନ ଭାରତର ଦିଲ୍ଲୀ ଓ ଚୀନ୍‌ର ବେଜିଂ ପ୍ରଦୂଷଣ ତାଲିକାରେ ଶୀର୍ଷରେ ଅଛି । ଏଠା ଗବେଷକ ଦଳ ନିଜ ପାରୁପର୍ଯ୍ୟନ୍ତ ଚେଷ୍ଟା କରି ବିଭିନ୍ନ ଧରଣର ଉନ୍ନତମାନର ଉପକରଣ ନିର୍ମଣ କରୁଛନ୍ତି, ଯାହା ପ୍ରଦୂଷଣକୁ ସମ୍ପୂର୍ଣ୍ଣ ଭାବେ ନିୟନ୍ତ୍ରିତ କରିବ । ନିକଟରେ ଚୀନ୍‌ରେ ଏକ ଜାତୀୟସ୍ତରରେ କର୍ମଶାଳା ଅନୁଷ୍ଠିତ ହୋଇଥିଲା, ସେଠାକାର ପ୍ରଦୂଷଣକୁ ରୋକିବା ନିମନ୍ତେ ବିଭିନ୍ନ ଉପଯୋଗୀ ଯନ୍ତ୍ର ପ୍ରଦର୍ଶିତ ହୋଇଥିଲା । ତନ୍ମଧ୍ୟରେ ଥିଲା ଏକ ଉପଯୋଗୀ ହିଟର୍ । ଶୀତଦିନରେ ଏଇ ହିଟର୍ କକ୍ଷକୁ ଉଷୁମ କରିବ ବୋଲି ଇଂଜିନିୟରଙ୍କ ମତ । ବ୍ୟାଟେରୀ, ବିଦ୍ୟୁତ, ତେଲ, ଗ୍ୟାସ୍ ଇତ୍ୟାଦ୍ୟରେ ଏଇ ହିଟର୍ ଚାଳିତ ହେବା ସହ ବିଭିନ୍ନ ସାଇଜ୍‌ର ମିଳିପାରିବ । ପରିବାରର ସଂଖ୍ୟା ଅନୁସାରେ ଜଣେ ବ୍ୟକ୍ତି ଏହି ହିଟର୍ କିଣିବ । ୨ ହଜାର ଟଙ୍କାରୁ ୫୫ ହଜାର ଟଙ୍କା ପର୍ଯ୍ୟନ୍ତ ହିଟର୍ ମିଳିବ ବୋଲି ପ୍ରକାଶ । ଖୁବ୍ ଶୀଘ୍ର ଆମ ରାଜଧାନୀ ଦିଲ୍ଲୀରେ ଏଇ ହିଟର୍ ବିକ୍ରି ଆରମ୍ଭ ହେବ ବୋଲି କମ୍ପାନୀ ତରଫରୁ ସ୍ପଷ୍ଟ କରାଯାଇଛି ।





CMYK

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୬ ଅପ୍ରେଲ ୨୦୨୧, ଶୁକ୍ରବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବୁଝାମଣାର ଗୁରୁତ୍ୱ....

କରୋନା ମହାମାରୀ ସଂକ୍ରମଣର ଦ୍ୱିତୀୟ ଲହର ଏବେ ଭାରତ ସମେତ ସମଗ୍ର ବିଶ୍ୱକୁ ଆଚ୍ଛନ୍ନ କରି ରଖିଥିବା ବେଳେ ଏହି ପୃଷ୍ଠଭୂମିରେ ଭର୍ଚୁଆଲ ମୋଡ଼ରେ ଆରମ୍ଭ ହୋଇଛି ରାଇସିନା ବାର୍ତ୍ତାଳାପର ଷଷ୍ଠ ସଂସ୍କରଣ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ଏହି ସମ୍ମିଳନୀରେ ରୁଆଣ୍ଡା ରାଷ୍ଟ୍ରପତି ଏବଂ ଡେନମାର୍କର ପ୍ରଧାନମନ୍ତ୍ରୀ ଯୋଗ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଏହି ଚାରିଦିନିଆ ସମ୍ମିଳନୀର ଉଦଘାଟନୀ ଅଧିବେଶନରେ ଉଦ୍‌ବୋଧନ ଦେଇ ବିଶ୍ୱ ନେତୃବର୍ଗଙ୍କୁ ଏକ ନୂତନ ବିଶ୍ୱ ଶୃଙ୍ଖଳା ଗଠନ କରିବା ସକାଶେ ଆହ୍ୱାନ ଜଣାଇଛନ୍ତି। କରୋନା ମହାମାରୀ ସମଗ୍ର ମାନବ ସମାଜ ନିମନ୍ତେ ଯେଉଁ ବିପଦ ସୃଷ୍ଟି କରିଛି ତାହା ସୂଚାଇ ଦେଇଛି ଯେ ମାନବ ସମାଜର ଭବିଷ୍ୟତକୁ ସୁନିଶ୍ଚିତ ରଖିବାକୁ ହେଲେ ସାମୂହିକ ପ୍ରୟାସ ଲୋଡ଼ା। ବ୍ୟକ୍ତିଗତ ସ୍ୱାର୍ଥସିଦ୍ଧିର ପ୍ରତିଯୋଗିତା ହିଁ ଆମକୁ ଆଜି ଏଭଳି ବିପତ୍ତିର ଦ୍ୱାରଦେଶରେ ଦଣ୍ଡାୟମାନ କରାଇଛି ବୋଲି ପ୍ରଧାନମନ୍ତ୍ରୀ ସତର୍କ କରାଇ ଦେଇଛନ୍ତି। ଅତୀତରେ ଯେଉଁସବୁ ବୈଶ୍ୱିକ ସଂଘ ଓ ସଂଗଠନମାନ ଗଠନ କରାଯାଇଥିଲା ତାହା ଗଠିତ ହୋଇଥିଲା ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ସଂଘଟିତ ଦୁଇ ଦୁଇଟି ବିଶ୍ୱଯୁଦ୍ଧର ବିଭୀଷିକାକୁ ଦେଖି। ତୃତୀୟ ବିଶ୍ୱଯୁଦ୍ଧର ଆଶଙ୍କାକୁ ଏଡ଼ାଇବା ଥିଲା ଏହାର ଅନ୍ତର୍ନିହିତ କାରଣ। ଆଶ୍ୱସ୍ତିର କଥା ଯେ ବିଶ୍ୱବାସୀଙ୍କୁ ତୃତୀୟ ମହାଯୁଦ୍ଧ ଦେଖିବାକୁ ପଡ଼ିନାହିଁ। କିନ୍ତୁ ଏହା ପରିବର୍ତ୍ତେ ଯେଉଁ ଶୀତଳ ଯୁଦ୍ଧ, ଛାୟାଯୁଦ୍ଧ ଏବଂ ଆତଙ୍କବାଦୀ କାଣ୍ଡ ବିଶ୍ୱସାରା ଘଟିଛି ତାହା ମାନବ ସମାଜ ଆଖିରୁ ଶାନ୍ତି ଓ ନିଦ୍ରା ଛଡ଼ାଇ ନେଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। କେବଳ ରକ୍ତପାତ ନୁହେଁ, ଦାରିଦ୍ର୍ୟ ଓ କ୍ଷୁଧା ବିଶ୍ୱକୁ ବ୍ୟାପକ ଭାବେ ଆକ୍ରାନ୍ତ କରି ରଖିଛି। ଏହାର ମୁକାବିଲା ପାଇଁ ଯେଉଁ ସମୂହ ସଂଗ୍ରାମର ଆବଶ୍ୟକତା ରହିଛି ତାହା ଏଯାବତ୍ ସାକାର ହୋଇପାରିନାହିଁ ବୋଲି ପ୍ରଧାନମନ୍ତ୍ରୀ ସ୍ପଷ୍ଟ ସ୍ୱରରେ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ମତ ଯେ ବାସ୍ତବତା ଉପରେ ଆଧାରିତ ସେଥିରେ ଦ୍ୱିରୁକ୍ତି ଥାଇନପାରେ। ଏହି ନଗ୍ନସତ୍ୟତକୁ ଏବେ କରୋନା ମହାମାରୀ ଆହୁରି ସ୍ପଷ୍ଟ କରିଛି। ବିଶ୍ୱରେ ଦାରିଦ୍ର୍ୟ ଓ କ୍ଷୁଧାର ତାଡ଼ନା ଯେତିକି ଉତ୍କଟ, ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ଉତ୍ତାପନ ବୃଦ୍ଧି ଯୋଗୁଁ ଘଟୁଥିବା ପ୍ରାକୃତିକ ବିପର୍ଯ୍ୟୟ ମାନବ ସମାଜ ପାଇଁ ସେତିକି ବଡ଼ ଚେତାବନୀ। ବିଶ୍ୱ ନେତୃବର୍ଗଙ୍କୁ ସାମୂହିକ ଭାବେ ଏହା ବିରୁଦ୍ଧରେ କାର୍ଯ୍ୟ କରିବା ସକାଶେ ତତ୍ତୁଲ୍ୟ ପ୍ରେରଣା ଯୋଗାଇବା ଉଚିତ ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆହ୍ୱାନ ଜଣାଇଛନ୍ତି। ଏହା ପ୍ରଚ୍ଛନ୍ନ ଭାବେ ସୂଚୀତ କରେ ଯେ ବର୍ତ୍ତମାନର ବିଶ୍ୱ ରାଜନୈତିକ ଶୃଙ୍ଖଳା ଏବଂ ଆର୍ଥିକ ସହଯୋଗର ମେଂଟ ବିଶ୍ୱର ସର୍ବାଙ୍ଗୀନ ଉନ୍ନତି ସାଧନ ନିମନ୍ତେ ପର୍ଯ୍ୟାପ୍ତ ନୁହେଁ। ଏଥିରେ ବ୍ୟାପକ ସଂସ୍କାର ଜରୁରି ହୋଇପଡ଼ିଛି। ବିଶ୍ୱକୁ ଧନୀ ଓ ଦରିଦ୍ର ଗୋଷ୍ଠୀରେ ବିଭାଜିତ କରିବାର ପରିଣାମ ସମଗ୍ର ବିଶ୍ୱ ଦେଖିସାରିଛି। ଦିନକୁ ଦିନ ଏହା ଉତ୍କଟ ପରିସ୍ଥିତିକୁ ଜନ୍ମ ଦେଇଛି। କିନ୍ତୁ ଏହାର ସମାଧାନ ପାଇଁ ଯେଉଁଭଳି ଭାବେ ମାନସ ମନ୍ଥନ ହେବା ଆବଶ୍ୟକ ତାହା କେହି ଚିନ୍ତା ସୁଦ୍ଧା କରିନାହାନ୍ତି। ଅନ୍ୟ ଅର୍ଥରେ କହିଲେ ସମୟର ପରିବର୍ତ୍ତନ ସହ ଚିନ୍ତାଧାରା ଓ କାର୍ଯ୍ୟପନ୍ଥାରେ ମଧ୍ୟ ପରିବର୍ତ୍ତନ ଜରୁରି। ବିଂଶ ଶତାବ୍ଦୀର ବାସ୍ତବତା ଏକବିଂଶ ଶତାବ୍ଦୀରେ ଏବେ ଅଲୋଡ଼ା ଅବା ଅପର୍ଯ୍ୟାପ୍ତ ପରି ପ୍ରତୀୟମାନ ହୁଏ। କରୋନା ମହାମାରୀ ଏହାର ସଦ୍ୟତମ ଉଦାହରଣ ବୋଲି ପ୍ରଧାନମନ୍ତ୍ରୀ ସମସ୍ତଙ୍କୁ ଚେତାଇ ଦେଇଛନ୍ତି। ତେବେ କେବଳ ଚେତାବନୀ ଅବା ଆଲୋଚନା ଯଥେଷ୍ଟ ନୁହେଁ। ଏଥିରୁ ସମସ୍ତଙ୍କର ଚୈତନ୍ୟ ଉଦୟ ହେବା ମଧ୍ୟ ବାଂଛନୀୟ। ଅନ୍ୟଥା ବିଶ୍ୱରେ ଯେଉଁ ନୂଆ ନୂଆ ବିବାଦର କଳାବାଦଲ ଦୃଶ୍ୟମାନ ହେଉଛି ତାହା ଭବିଷ୍ୟତରେ ଅଧିକ ଉତ୍କଟ ଆକାର ଧାରଣ କରିବ ସିନା, ଆପେ ଅପସରି ଯିବାର ପ୍ରଶ୍ନ ଉଠୁନାହିଁ। ମାନବ ସମାଜକୁ ସାମଗ୍ରିକ ଭାବେ ଦେଖିବାର ସମୟ ଉପସ୍ଥିତ। ତେଣୁ ସେମାନଙ୍କର ସାମଗ୍ରିକ କଲ୍ୟାଣ ନିମନ୍ତେ ସମୂହ ଚିନ୍ତନ ଓ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବା ନିମନ୍ତେ ସମସ୍ତେ ମୁକ୍ତ ମନରେ ଆଗେଇ ଆସିବା ଉଚିତ୍। ଅତୀତରେ ଅନୁଷ୍ଠିତ ଏଭଳି ବାର୍ତ୍ତାଳାପର ପ୍ରତି ସଂସ୍କରଣରେ ଅନେକ ବୈଶ୍ୱିକ ଓ କ୍ଷେତ୍ରୀୟ ପ୍ରସଙ୍ଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି। ବାସ୍ତବତା ଦିଗରେ ଅନେକ ପଥ ମଧ୍ୟ ଅତିକ୍ରମ କରାଯାଇଛି। ଆଶା କରିବା ସମୀଚୀନ ହେବ ଯେ ଚଳିତ ପର୍ଯ୍ୟାୟ ବାର୍ତ୍ତାଳାପ ସମାପ୍ତ ହେବା ବେଳକୁ ଏ ଦିଗରେ ବିଶ୍ୱ ନେତୃବର୍ଗ କିଛି ସହମତରେ ପହଂଚିପାରିବେ।

# ଚାଚା ନେହେରୁ



ଅକ୍ଷୟ କୁମାର ରାଉତ



ଯୁଗଯୁଗ ଧରି ମଣିଷ ପ୍ରକୃତି ସହିତ ସଂଗ୍ରାମ କରିଆସିଛି, ଧୂଳି ଧୂସରିତ ଏଇ ଧରାବକ୍ଷରେ ସ୍ୱର୍ଗର ପାରିଜାତ କାନନ ସୃଷ୍ଟି କରିବାକୁ। ସଭ୍ୟତାର ସୂର୍ଯ୍ୟୋଦୟ ଠାରୁ ଲୋକେ ସଂସାରକୁ ଆସନ୍ତି, ଖାଆନ୍ତି, ପିଅନ୍ତି ଆଉ ଦିନେ ବିଦାୟ ନେଇ ଚାଲିଯାଆନ୍ତି। ଏତ ପୋକ ମାଛିର ଜୀବନ। ଯେଉଁ ମଣିଷ ମାନବ ସେବାକୁ ବ୍ରତ କରି, ଜୀବନକୁ ଶିବଭାବି ସେବା କରେ, ତାକୁ ହରାଇଲେ ସମସ୍ତ ଜୀବଜଗତ ଓ ମନୁଷ୍ୟ ସମାଜ ଦୁଃଖୀ ହୁଏ। ଆଖିରୁ ଲୁହ ଝରାଇ ତାର ଗୁଣ ବାହୁନେ। ଏମିତି ଜୀବନ ଥିଲା ଜବାହାରଲାଲାଙ୍କର । ୧୮୮୯ ମସିହା ନଭେମ୍ବର ୧୪ ତାରିଖରେ ସ୍ୱରପାରାଣୀଙ୍କ ଗର୍ଭରୁ ମୋତିଲାଲଙ୍କ ଔରସରୁ ଏକ ପୁତ୍ର ସନ୍ତାନ ଜନ୍ମ ଲାଭ କଲା। ପୁତ୍ରଟିର ନାମ କରଣ କରାଗଲା ଜବାହାରଲାଲ। ଜହର ଅର୍ଥାତ ରତ୍ନ, ଲାଲ ଅର୍ଥ ପୁତ୍ର।

ଯୁଗଯୁଗ ଧରି ମଣିଷ ପ୍ରକୃତି ସହିତ ସଂଗ୍ରାମ କରିଆସିଛି, ଧୂଳି ଧୂସରିତ ଏଇ ଧରାବକ୍ଷରେ ସ୍ୱର୍ଗର ପାରିଜାତ କାନନ ସୃଷ୍ଟି କରିବାକୁ। ସଭ୍ୟତାର ସୂର୍ଯ୍ୟୋଦୟ ଠାରୁ ଲୋକେ ସଂସାରକୁ ଆସନ୍ତି, ଖାଆନ୍ତି, ପିଅନ୍ତି ଆଉ ଦିନେ ବିଦାୟ ନେଇ ଚାଲିଯାଆନ୍ତି। ଏତ ପୋକ ମାଛିର ଜୀବନ। ଯେଉଁ ମଣିଷ ମାନବ ସେବାକୁ ବ୍ରତ କରି, ଜୀବନକୁ ଶିବଭାବି ସେବା କରେ, ତାକୁ ହରାଇଲେ ସମସ୍ତ ଜୀବଜଗତ ଓ ମନୁଷ୍ୟ ସମାଜ ଦୁଃଖୀ ହୁଏ। ଆଖିରୁ ଲୁହ ଝରାଇ ତାର ଗୁଣ ବାହୁନେ। ଏମିତି ଜୀବନ ଥିଲା ଜବାହାରଲାଲାଙ୍କର । ୧୮୮୯ ମସିହା ନଭେମ୍ବର ୧୪ ତାରିଖରେ ସ୍ୱରପାରାଣୀଙ୍କ ଗର୍ଭରୁ ମୋତିଲାଲଙ୍କ ଔରସରୁ ଏକ ପୁତ୍ର ସନ୍ତାନ ଜନ୍ମ ଲାଭ କଲା। ପୁତ୍ରଟିର ନାମ କରଣ କରାଗଲା ଜବାହାରଲାଲ। ଜହର ଅର୍ଥାତ ରତ୍ନ, ଲାଲ ଅର୍ଥ ପୁତ୍ର।

ଆନନ୍ଦ ଭବନରେ ଜବାହାରଲାଲ ଖୁସୀରେ ବଢିବାକୁ ଲାଗିଲେ। ସେ ମୁବାରକ ଅଲ୍ଲୀଙ୍କ ଠାରୁ ନାନାଦି ଗପ ଶୁଣନ୍ତି। ସିପାହୀ ବିଦ୍ରୋହର ଘଟଣାବଳୀ ତାଙ୍କ ଉପରେ ପ୍ରଭାବ ପକାଇଥିଲା। ଛୋଟବେଳରୁ ଭାରତକୁ ସ୍ୱାଧୀନତା କିପରି ମିଳିବ ସେ ଚିନ୍ତା କରୁଥିଲେ। ୧୫ ବର୍ଷ ବୟସରେ ଇଂଲଣ୍ଡର ହ୍ୟାରୋ ସ୍କୁଲରେ ନାମ ଲେଖାଇ ପଢା ପଢିରେ ମନ ଲଗାଇ ଦେଲେ। ହ୍ୟାରୋ ସ୍କୁଲରେ ପାଠ ପଢା ଶେଷ କରି, କେମ୍ବ୍ରିଜ ବିଶ୍ୱ ବିଦ୍ୟାଳୟରେ ନାଁ ଲେଖାଇଲେ। ସେଠି ସେ ବିଜ୍ଞାନ ପଢିଲେ, କେମେଷ୍ଟ୍ରୀ, ବଟାନି ଓ ଖଣିତତ୍ତ୍ୱ ବିଷୟ ନେଇ, କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ରୁ ଡ଼ିଗ୍ରୀ ପାଶ୍ କରି ସେ ଆୟାରଲ୍ୟାଣ୍ଡ ଓ ନରୱେ ଭ୍ରମଣରେ ଯାଇଥିଲେ। ବହୁତ ଦୁର୍ଗମ ପାହାଡ଼ିଆ ଅଂଚଳ ଭ୍ରମଣ ସାରି ଏକ ହୋଟେଲରେ ବିଶ୍ରାମ ନେଲେ। ସ୍ନାନ ପାଇଁ ହୋଟେଲରେ ସୁବିଧା ନଥିବାରୁ , ଏକ ଝରଣାରେ ସ୍ନାନ ସମୟରେ ଗୋଡ଼ ଖସିଗଲା। ସେ ଝରଣା ସ୍ରୋତରେ ଭାସିଗଲେ। ବହୁ କଷ୍ଟରେ କୂଳରେ ପହଂଚିଲେ ତାଙ୍କ ବନ୍ଧୁ ଟାଣି ଉପରକୁ ଉଠେଇଲେ। ଏକ ପ୍ରକାର ମୃତ୍ୟୁ ମୁଖରୁ ରକ୍ଷା ପାଇଗଲେ। ୧୯୧୨ ଖ୍ରୀଷ୍ଟାବ୍ଦରେ ଲଣ୍ଡନରୁ ବାରିଷ୍ଟରି ପରୀକ୍ଷାରେ ଉତିର୍ଣ୍ଣ ହେଲେ। ଭାରତକୁ ଫେରି ବମ୍ବେ ବନ୍ଦରରେ ପହଂଚିଲେ। ଏଲ୍ଲାହାବାଦରେ ପିତାଙ୍କୁ ନପାଇ ସେ ମସୋରୀକୁ ଗଲେ। ପିତାଙ୍କ ଜୁନିୟର ଭାବେ ଏଲହାବାଦ କୋର୍ଟରେ ଓକିଲାତି ଆରମ୍ଭ କଲେ। ମୋତିଲାଲ ପୁଅ ଜବାହରଙ୍କୁ ପଚାରିଲେ ନ୍ତ ସ୍ତ୍ରୀ ସୁନ୍ଦରୀ ଚାହୁଁଚ ନା ଶିକ୍ଷିତା ଚାହୁଁଚନ୍ତ ଜବାହର ଉତ୍ର ଦେଲେ ଆପଣଙ୍କର ନାକ ଦରକାର କି ଆଖି ? ଆପଣଙ୍କ ପ୍ରଶ୍ନ ଠିକ୍ ଏମିତି ମୋର ଦୁଇଟି ଯାକ ଦରକାର। ମୋତିଲାଲ ଷୋଡଷ ବର୍ଷୀ ଅନିନ୍ଦ୍ୟ ସୁନ୍ଦରୀ ଉଚ୍ଚା, ପତଳା ଓ ଗୌରବର୍ଣ୍ଣ କମଳା କୁ ପୁତ୍ରବଧୁ କରିବାକୁ ସ୍ଥିର କଲେ। ୧୯୧୬ ମସିହା ଶ୍ରୀ ପଂଚମୀ ଦିନ ମୋତିଲାଲ ନିଜର ପୁତ୍ରର ବିବାହ ଉତ୍ସବ ବହୁତ ଆଡ଼ମ୍ବର ସହକାରେ ଶେଷ କଲେ। ଜବାହାରଲାଲ ଓ କମଳା ଦୁହିଁଙ୍କ ଜୀବନରେ ନୂଆ ରୂପ, ନୂଆ ମହକ ଓ ସୁଖ ସନ୍ତୋଷ ଭରି ହୋଇଗଲା। ଦେଶ ସେବା ପାଇଁ କମଳାଙ୍କ ମନରେ ଯେଉଁ ଆଗ୍ରହ ତାହା ଜବାହାରଙ୍କୁ ଖୁସି ଦେଉଥିଲା। ନୂଆ ସୁଖ ଦୁଇ ଜୀବନକୁ ଭଲ ଲଗୁଥିଲା। ସରୋଜିନୀ ନାଇଡୁଙ୍କର ଭାଷଣରେ ଜବାହାରଙ୍କ ମନରେ ଦେଶ ପ୍ରେମ ଓ ଜାତୀୟତାଭାବ ସୃଷ୍ଟି ହେଲା। ଗାନ୍ଧୀଙ୍କର ବ୍ୟକ୍ତିତ୍ୱ ଓ ଚମ୍ପାରଣର ନୀଳଚାଷୀଙ୍କ ବିଜୟ ଜବାହାରଙ୍କୁ ପ୍ରଭାବିତ କରିଥିଲା। କମଳା ନେହୁରୁଙ୍କ ଗର୍ଭରୁ ଏକ କନ୍ୟାଜାତ ହେଲା। ଯାର ନାମ ଦିଆଗଲା ଇନ୍ଦିରା। ପିତାଙ୍କ ବାରଣ ହେତୁ ଜବାହାର ସତ୍ୟାଗ୍ରହରେ ଯୋଗ ଦେଇ ପାରିଲେ ନାହିଁ। ଗାନ୍ଧୀ ଆସି ଆନନ୍ଦ ଭବନରେ ଚାରିଦିନ ରହି ପିତାଙ୍କ ମନକଷ୍ଟ ନକରିବାକୁ ଜବାହାରଙ୍କୁ ପରାମର୍ଶ ଦେଲେ। ଗାନ୍ଧିଜୀ ସତ୍ୟାଗ୍ରହ ଆନ୍ଦୋଳନରେ ଗିରଫ ହେଲେ। ଗାନ୍ଧିଜୀଙ୍କ ଗିରଫ ଯୋଗୁ ଜନତା ପୋଲିସ ସହ ଧସ୍ତା ଧସ୍ତି ଆରମ୍ଭ ହୋଇଗଲା। ପୋଲିସ ଗୁଳିରେ ନିରୀହ ଲୋକଙ୍କୁ ହତ୍ୟା କଲେ। ଡ଼ାୟାର ସାହେବ ପାବରେ ଆତଙ୍କ ସୃଷ୍ଟି କରି କେତେକଙ୍କୁ ବନ୍ଦୀ କଲେ। ହଣ୍ଟର କମିଶନକୁ କଂଗ୍ରେସ ବିରୁଦ୍ଧ କଲା।

ଲୋକମାନ୍ୟ ବାଳ ଗଙ୍ଗାଧର ତିଳକଙ୍କର ମୃତ୍ୟ ଶୋଭାଯାତ୍ରାରେ ଗାନ୍ଧୀଙ୍କ ସହିତ ଜବାହାର ଯୋଗଦେଲେ। ଏହି ସମୟରେ କମଳା ଏକ ପୁତ୍ରଙ୍କୁ ଜନ୍ମ କରିବାର ସାତ ଦିନ ପରେ ତାର ମୃତ୍ୟୁ ହୋଇଗଲା। କମଳା ଯକ୍ଷ୍ମାରେ ଅସୁସ୍ଥ ହୋଇଗଲେ। ସେଥିପାଇଁ କମଳାଙ୍କୁ ସଙ୍ଗରେ ଧରି ଜବାହାର ଇଉରୋପ ଚାଲିଗଲେ। ଜେନେଭା ଠାରେ କିଛି ଦିନ ରହିଲେ। ମୋତିଲାଲ କନ୍ୟା କୃଷ୍ଣାଙ୍କୁ କମଳା ନେହେରୁଙ୍କର ସେବା କାର୍ଯ୍ୟ ପାଇଁ ଜେନେଭା ପଠାଇ ଦେଲେ। ଋଷ୍ ଆନ୍ଦୋଳନର ଦଶମ ବାର୍ଷିକୋତ୍ସବର ଆମନ୍ତ୍ରଣ ରକ୍ଷାକରି ମୋତିଲାଲ, ଜବାହର ଓ କୃଷ୍ଣା ବର୍ଲିନ ଠାରୁ ଋଷ୍ ଅଭିମୁଖେ ରେଳ ଯାତ୍ରା କଲେ। ସେମାନେ ପହଂଚିବା ବେଳକୁ ଉତ୍ସବ ସମାପ୍ତି ହୋଇଥିଲା। ତଥାପି ସେମାନେ ଋଷ୍‌ରେ ଚ୍ଚରି ଦିନ ରହିଗଲେ। କମଳା ନେହୁରଙ୍କ ସ୍ୱାସ୍ଥ୍ୟ ସ୍ୱଭାବିକ ହେବାରୁ ଜବାହାର ସପରିବାରେ ଭାରତକୁ ଫେରିଆସିଲେ। ପାବ କେଶରୀ ଲାଲା ଲଜପତ ରାୟ ସାଇମନ କମିଶନଙ୍କୁ ବିରୋଧ କଲେ। ଗୋରା ସିପାହୀ ମାନେ ଜନସାଧାରଣଙ୍କୁ ଗୋରୁ ଗାଈଙ୍କ ଭଳି ଲାଠିରେ ମାଡ ଦେଲେ। ଗୋରା ସିପାହୀ ମାଡରେ ଲାଲା ଲଜପତ ରାୟ କିଛି ଦିନ ପରେ ମୃତ୍ୟୁ ମୁଖରେ ପଡିଲେ। ଲାଲାଙ୍କ ମୃତ୍ୟୁ ପରେ ଭାରତ ବର୍ଷରେ ଆନ୍ଦୋଳନ ତେଜି ଉଠିଲା। ଭଗତ୍‌ସିଂହ ଲାଲା ଲଜପତ ରାୟଙ୍କୁ ହତ୍ୟା କରିଥିବା ଗୋରା ପୋଲିସଙ୍କୁ ହତ୍ୟା କରି ଗିରଫ ହେଲେ। ଜବାହାରଙ୍କୁ ପୋଲିସ୍ ମାଡ଼ ମାରିଥିବା କଥା ଚ୍ଚରି ଆଡେ ପ୍ରଚ୍ଚରିତ ହୋଇଗଲା। ଲାଠି ମାଡରେ ଜବାହାରଙ୍କର ସର୍ବାଙ୍ଗ ଶରୀର ବ୍ୟଥା ହେଉଥାଏ। ମୋତିଲାଲ ଖବର ପାଇ ଏହ୍ଲାବାଦରେ ପହଂଚି ଜବାହାରଙ୍କୁ ଦେଖା କଲେ। ମୋତିଲାଲ ଏକ ସମ୍ବିଧାନ ତିଆରି କଲେ ତାହା ନେହେରୁ ରିପୋର୍ଟ ନାମରେ ପ୍ରସିଦ୍ଧ। ଏହି ରିପୋର୍ଟରେ ଔପନିବେଶିକ ସ୍ୱାଧୀନତା ଥିଲା। ଏହାକୁ ସୁବାଷ ବୋଷ ଓ ଅନ୍ୟାନ୍ୟ ସତ୍ୟାଗ୍ରହୀମାନେ ବିରୋଧ କଲେ। କଂଗ୍ରେସର କଲିକତା ଅଧିବେସନରେ ଏକ ସୁତ୍ର ବାହାରିଲା। କଂଗ୍ରେସ ଔପନିବେଶିକ ସ୍ୱାଧୀନତା କରାଇ ନପାରିଲେ ଭାରତକୁ ପୂର୍ଣ୍ଣ ସ୍ୱାଧୀନତା ନିମିତ ଦାବି କରାଯିବ। ଏହି ଔପନିବେଶକ ବାଦରୁ କଂଗ୍ରେସର ସଂପାଦକ ଜବାହାରଲାଲ ଓ ସୁବାଷ ବୋଷ ବିରୋଧ କରି କଲିକତା ଅଧିବେସନକୁ ଗଲେ ନାହିଁ। ମୋତିଲାଲ ସ୍ୱରାଜ ଦଳ ଗଠନ କଲେ। ମୋତିଲାଲ ଇସ୍ତଫା ଦେବାପରେ ଜବାହାର ୧୯୨୯ ମସିହାରେ କଂଗ୍ରେସର ସଭାପତି ହେଲେ। ପୂର୍ଣ୍ଣ ସ୍ୱରାଜକୁ କଂଗ୍ରେସର ଲକ୍ଷ ବୋଲି ଗ୍ରହଣ କରିନିଆଗଲା। ଇଂରେଜ ସରକାର ୧୯୨୯ରେ ଭାରତକୁ ଔପନିବେଶିକ ସ୍ୱାଧୀନତା ଦେଲେ ନାହିଁ। କଂଗ୍ରେସ ଲାହୋର ଅଧିବେଶନରେ ପୂର୍ଣ୍ଣ ସ୍ୱାଧୀନତା ପାଇବା ନିମିତ ଆନ୍ଦୋଳନ ଆରମ୍ଭ କରିଦେଲେ। (କ୍ରମଶଃ)

+ପାରାଦ୍ୱୀପ ଗଡ଼, କୁଜଙ୍ଗ , ଜଗତ୍‌ସିଂହପୁର

ମୋ-୯୯୩୭୬୯୧୪୭୫

# ପୌରାଣିକ ପୃଷ୍ଠଭୂମିରେ ବେନିସାଗର

ଶ୍ରୀକୃଷ୍ଣ ସାମଲ

ଓଡିଶାର ଉତ୍ତର ପଶ୍ଚିମ ସୀମା ଅନ୍ତର୍ଗତ ମୟୂରଭଂଜ ଜିଲ୍ଲାର ସୀମାନ୍ତରେ ଅବସ୍ଥିତ ଅଧିଷ୍ଠାତ୍ରୀ ଦେବୀ ମା' କୀଚକେଶ୍ୱରୀଙ୍କ ପୀଠ ଦେଶରୁ ମାତ୍ର ତିନି ଚ୍ଚରି କିଲୋମିଟର ଅତିକ୍ରମ କରି ଗଲେ ଦୃଷ୍ଟିଗୋଚରକୁ ଆସେ ପ୍ରାକୃତିକ ସୌନ୍ଦର୍ଯ୍ୟଭରା ବିଶାଳ ଶାଳ ଜଙ୍ଗଲ ଅଭ୍ୟନ୍ତରରେ ଏକ ଘନନୀଳ ଜଳରାଶି ପରିବେଷ୍ଟିତ ବିଶାଳ ପୁଷ୍କରିଣୀ ବେନିସାଗର । ଏହି ପୁଷ୍କରିଣୀର ନାମାନୁସାରେ ସେହି ଅଞ୍ଚଳର ନାମକରଣ ବି ବେନି ସାଗର ନାମରେ ସର୍ବଜନ ବିଦିତ । ଐତିହାସିକ ପୃଷ୍ଠଭୂମି ଅନୁଯାୟୀ ସେଠାରେ ବେଣୁ ନାମକ ଜଣେ ରାଜା ରାଜତ୍ୱ କରୁଥିଲେ ଓ ସେ ସେହି ବିରାଟ ପୁଷ୍କରିଣୀ ଖନନ କରିଥିଲେ । ତାଙ୍କରି ନାମାନୁସାରେ ସେହି ବିଶାଳ ପୁଷ୍କରିଣୀର ନାମ ବେନିସାଗର ରଖା ଯାଇଛି । ହେଲେ ପୌରାଣିକ ପୃଷ୍ଠଭୂମିରେ ଏହି ସ୍ଥାନର ମହତ୍ତ୍ୱ ଅଲଗା । ଯାହାହେଉ ଏହି ମହତ୍ତ୍ୱକୁ ଗୁରୁତ୍ୱାରୋପ କରି ଭାରତ ସରକାରଙ୍କ ପ୍ରତ୍ନତତ୍ତ୍ୱ ବିଭାଗ ଏହାକୁ ହାତକୁ ନେଇ ଏହାର ଗବେଷଣା ଓ ଖନନ କାର୍ଯ୍ୟ କଲାପରେ ସ୍ପଷ୍ଟ ଜଣାପଡିଲା ଯେ ଏହି ସ୍ଥାନର ପରମ୍ପରା ଓ ପୌରାଣିକ ପୃଷ୍ଠଭୂମି ପ୍ରାୟ ବିରାଟଗଡ ଖିଚିଂର ପରମ୍ପରା ଓ ପୌରାଣିକ ପୃଷ୍ଠଭୂମି ସହ ସମାନ । କାରଣ ଏଠାରେ ଲୋକଲୋଚନକୁ ଆସୁଥିବା ଶିବଲିଙ୍ଗ, ପ୍ରସ୍ତର ମୂର୍ତ୍ତି, ମାଟି ତଳୁ ମିଳୁଥିବା ବିଭିନ୍ନ ସାମଗ୍ରୀ ପ୍ରାୟ ବିରାଟଗଡ ଖୀଚିଂରୁ ମିଳୁଥିବା ସାମଗ୍ରୀ ସହିତ ସମାନ । ଏଣୁ ମନେ ହୁଏ ଏହା ପୁରାଣ ଯୁଗରେ ବିରାଟ ରାଜାଙ୍କର ପ୍ରତ୍ୟକ୍ଷ ଶାସନାଧୀନ ଥିଲା ଏବଂ ବେନିସାଗର ସେହି ପୁରାଣ ଯୁଗର ସ୍ୱାକ୍ଷର ବହନ କରି ସେହି ଦିନ ପାଖକୁ ଏଠାରେ ପ୍ରସିଦ୍ଧଲାଭ କରି ଲୋକଲୋଚନକୁ ଆସିଛି । ଏହାର ସତ୍ୟତା ଉପରେ ସୁନିଶ୍ଚିତ ହେବାକୁ ହେଲେ ଆମକୁ ଜନଶୃତିର ବିଶ୍ୱାସ ବଳୟ ଭିତରକୁ ପଶିବାକୁ ହେବ । ଯାହାର ସ୍ପଷ୍ଟ ଚିତ୍ର ଏହିପରି ।

ଏକଦା ଅଜ୍ଞାତବାସ ବେଳେ ଦ୍ରୌପଦୀ ଏହି ରମଣୀୟ ସ୍ଥାନକୁ ପ୍ରମୋଦ ବିହାର କରିବାକୁ ଆସିଥିଲେ ଓ ଏଠାକାର ଏହି ଫେନୀଳ ସ୍ନିଗ୍ଧ ଜଳରାଶି ବିମଣ୍ଡିତ ଏହି ବିଶାଳ ପୁଷ୍କରିଣୀକୁ ଅବଲୋକନ କରି ଏଠାରେ ସ୍ନାନ ତର୍ପଣ କରିବାକୁ ଲୋଭ ସମ୍ବରଣ କରିପାରିଲେ ନାହିଁ । ସେ ନିଜର କେଶଗୁଚ୍ଛକୁ ମସ୍ତକ ଉପରେ ଗୁଡାଇ ଅତି ବିମୋହିତ ହୋଇ ସ୍ନାନତର୍ପଣ କରୁଥିଲା ବେଳେ ହଠାତ୍ ମସ୍ତକ ଉପରେ ଥିବା କେଶଗୁଚ୍ଛ ମୁକୁଳା ହୋଇଯିବାରୁ ତାହା ସମ୍ପୂର୍ଣ୍ଣ ଜଳସ୍ପର୍ଶ କରିବା ପୂର୍ବରୁ ସମ୍ଭାଳି ନେଇଥିଲେ ଦ୍ରୌପଦୀ । ତାଙ୍କର କୁରୁସଭାସ୍ଥଳର ଶପଥ ମନେ ପଡିଗଲା । ସତରେ ପତିବ୍ରତା ଓ ପବିତ୍ରତା ଥିବା ସତୀ ନାରୀର ଶପଥ କେବେ ବିଫଳ ହୁଏନି । ତାଙ୍କ ନିମନ୍ତେ ଏହା ବ୍ୟତିକ୍ରମ ଅବା ହୁଅନ୍ତା କିପରି ? ଯାହାହେଉ ଏଠାରୁ ପ୍ରତ୍ୟାବର୍ତ୍ତନ ପରେ ଦ୍ରୌପଦୀ ପାଇଁ ସବୁ ଅଘଟଣ ଘଟିବା ଆରମ୍ଭ ହୋଇଗଲା । ବିରାଟ ରାଜାଙ୍କ ରାଣୀ ସୁଦେଷ୍ଣାଙ୍କ ସହୋଦର ପ୍ରବଳ ପରାକ୍ରମୀ କୀଚକଙ୍କ ଲୋଲୁପ ଦୃଷ୍ଟିରେ ପଡିଲେ ଦ୍ରୌପଦୀ । କୀଚକର ବାହୁ ବଳରେ ବିରାଟ ରାଜ୍ୟ ନୀତିରେ ଏଥିରେ ତାଙ୍କୁ କେହି କ୍ଷାନ୍ତ କରି ପାରିଲେ ନାହିଁ । ଏମିତି କି ନିଜର ଭଉଣୀ ସୁଦେଷ୍ଣା ବି ଦ୍ରୌପଦୀଙ୍କୁ ଏଥିପାଇଁ ପ୍ରବର୍ତ୍ତାଇବାକୁ ପଠାଇଲେ ନାହିଁ । କଥା ପ୍ରଥମ ପାଣ୍ଡବଙ୍କ ନିକଟରେ ଉପସ୍ଥାପନ କଲେ ପା'ଳି । ସେତେବେଳେ ପଞ୍ଚ ପାଣ୍ଡବ ଦ୍ରୌପଦୀ ଛଦ୍ମବେଶରେ ଥାନ୍ତି । ଯୁଧିଷ୍ଠିର ଏହା ଶୁଣି ଦ୍ରୌପଦୀଙ୍କୁ ଦ୍ୱିତୀୟ ପାଣ୍ଡବ ଭୀମଙ୍କ ନିକଟରେ ଫେରାଦ ହେବା ପାଇଁ ସୂଚନା ଦେଲେ । ତାହା ହିଁ ହେଲା । ଦ୍ୱିତୀୟ ପାଣ୍ଡବ ଭୀମ ଦ୍ରୌପଦୀଙ୍କୁ ଇଙ୍ଗିତ ଦେଲେ ଯେ ନିଶାର୍ଦ୍ଧରେ ତୁମେ ତାଙ୍କୁ ରଙ୍ଗଶାଳାରେ ପ୍ରଣୟ ପାଇଁ ଆମନ୍ତ୍ରଣ ଜଣାଇ ଦିଅନ୍ତ । ଆଶ୍ଚର୍ଯ୍ୟ ହେଲେ ଦ୍ରୌପଦୀ । ହେଲେ ଦ୍ୱିତୀୟ ପାଣ୍ଡବ ଭୀମ ଦ୍ରୌପଦୀଙ୍କ ସଂଶୟ ଦୂର କରି ସବୁ କହିଗଲେ । ସେତେବେଳକୁ ମା' କୀଚେଶ୍ୱରୀଙ୍କ ଅପାର କରୁଣାରୁ ମହାପ୍ରତାପଶାଳୀ ହୋଇସାରିଥାଏ କୀଚକ । ହେଲେ ନାରୀପ୍ରତି ଭ୍ରଷ୍ଟାଚ୍ଚରୀ ହେବାରୁ ଏ କ୍ଷେତ୍ରରେ ମା' କିଚେଶ୍ୱରଙ୍କ କରୁଣା କୀଚକ ପ୍ରତି ଊଣା ହୋଇଗଲା । ରଙ୍ଗଶାଳାରେ କୀଚକର ନିଧନ ପରେ ଭୀମ ଆଣି ଅଂଜଳୀଏ ରକ୍ତ ଦ୍ରୌପଦୀଙ୍କୁ ଦେବାରୁ ଦ୍ରୌପଦୀ ବେଣୀ ବନ୍ଧନ କଲେ । ହେଲେ ଭୀମ ଦ୍ରୌପଦୀଙ୍କୁ ଶେଷ ଶପଥ ପାଇଁ ସତର୍କ ରହିବାକୁ ସୂଚନା ଦେଲେ । ଏଠାରେ ଅବତାରଣା କରାଯାଇ ପାରେ ଯେ କୀଚକଙ୍କ ନାମାନୁସାରେ କୀଚକେଶ୍ୱରୀଙ୍କ ନାମ ସର୍ବଜନ ବିଦିତ ହୋଇଥିଲେ ମଧ ମା' ପୁଅର ଦୁଷ୍କର୍ମକୁ କେବେ ହେଲେ କ୍ଷମା ଦିଏ ନାହିଁ ।

ଅଜ୍ଞାତବାସ ସମୟସୀମା ଅତିକ୍ରାନ୍ତ ହେଲାପରେ ସବୁସତ୍ୟ ପଦାକୁ ଆସିଲା। ଏଣୁ ସେଦିନ ସେଠାକାର ଯେଉଁ ବିଶାଳ ପୁଷ୍କରିଣୀରେ ଦ୍ରୌପଦୀ ସ୍ନାନତର୍ପଣ କରିଥିଲେ ତାର ନାମ ରଖାଗଲା ବେଣୀ ସାଗର । ଏକଦା ସେହି ଅଞ୍ଚଳ ଓଡିଆ ଭାଷାଭାଷୀ ଅଞ୍ଚଳ ଥିଲା ଓ କାଳକ୍ରମେ ଏହା ଅବିଭକ୍ତ ବିହାର ସହିତ ମିଶି ଏବେ ଝାଡଖଣ୍ଡ ରାଜ୍ୟରେ ଅଛି । ଏଠାକାର ଜନସାଧାରଣ ଏବେ ହିନ୍ଦୀ ଉପରେ ଗୁରୁତ୍ୱ ଦେଉଥିବାରୁ ଏହାର ନାମ ବେଣୀ ସାଗର ବଦଳରେ ବେନି ସାଗର ହୋଇଯାଇଛି । ଅତୀତରେ ବଡ ବଡ ପୁଷ୍କରିଣୀ ସବୁ ରାଜାମହାରାଜା ଓ ବଦାନ୍ୟ ବ୍ୟକ୍ତିମାନେ ଖନନ କରୁଥିଲେ ଓ ସେସବୁକୁ ସାଗର କୁହାଯାଉଥିଲା ଓ ସେମାନଙ୍କ ନାମାନୁସାରେ ପୁଷ୍କରିଣୀର ନାମକରଣ କରାଯାଉଥିଲା । ଜନଶୃତି ଅନୁଯାୟୀ ଏହି ପୁଷ୍କରିଣୀର ନାମ ବିରାଟ ସାଗର ଥିଲା ଓ ଦ୍ରୌପଦୀଙ୍କ ସ୍ନାନ ପରେ ଏହି ପୁଷ୍କରିଣୀର ନାମ ବେଣୀ ସାଗର ରଖାଯାଇଛି । ଯାହା ହେଉ ଏଠାକାର ଜନଉପଜାତି ବାଥୁଡି ଓ ଭୂୟାଁ ସମ୍ପ୍ରଦାୟର ଲୋକମାନେ ଶୈଭ ଆରାଧନା କରୁଥିଲା ବେଳେ ବିରାଟଗଡ ଖିଚିଂରେ ସେହି ଜନଉପଜାତି ସମ୍ପ୍ରଦାୟର ଲୋକମାନେ ଉଭୟ ଶୈବ ଓ ଶାକ୍ତ ଆରାଧନା କରୁଥିଲେ । ଏଣୁ ବିରାଟଗଡ ଖୀଚିଂ ଓ ବେନିସାଗର ମଧ୍ୟରେ କ୍ଷୀରନୀରର ସାମସ୍ୟ ରହିଛି ।

ଶ୍ରୀକୃଷ୍ଣ ନିବାସ

କରଂଜିଆ, ମୟୂରଭଂଜ

ମୋ-୯୪୩୭୩୨୦୬୭୯

## କବିତା କୋଣାର୍କ



### ଆଞ୍ଜୁଳାଏ ବୈଶାଖ...

**ଅମୂଲ୍ୟ କୁମାର ପଣ୍ଡା**

ବୈଶାଖ
ବର୍ଷ ଭିତରେ ପ୍ରଥମ ମାସ
ଅତି ସରାଗେ ଆସେ
କୃଷ୍ଣଚୂଡ଼ାର ନାଲିଆ ହସକୁ
ମଲ୍ଲୀ ମାଳତୀ ବାସେ।

ସୂର୍ଯ୍ୟ
ମାସ ଆରମ୍ଭୁ ରଙ୍ଗ ଦେଖାଏ
ବଢି ଯାଏଟି ପାରା
ସିଏ ହସିଲେ ଆଗକୁ ପରା
ଆସିବ ବର୍ଷା ଧାରା।

ଖରା
ଖରା ବଢିଲେ ଉତ୍ତାପ ବଢେ
ଶୁଖଇ ନଦୀ ନାଳ
ଏହି ଦିନରେ ନିଆଁକୁ ଡର
ଛପର ଯେତେ ଚାଳ।

ଜଳଛତ୍ର
ବୈଶାଖ ଏହି ଏହି ଦିନରେ
ଜଳଛତ୍ର ଯିଏ ଦିଏ
ଭଲ ମଣିଷ ଭାବରେ ଗଣା
ପୂଣ୍ୟ ଗୋଟାଇ ନିଏ।

ଛତା
ଗଲେ ବାହାର ସଙ୍ଗରେ ନେବ
ଛତା ଜୋତାକୁ ଜାଣି
ବାଟରେ ରହି ପିଇବ ଦେଖି
ଲସି ପଇଡ ପାଣି।

ଅଂଶୁଘାତ
ଗଛ ଲଗାଇ ଯତନ ନେଲେ
ବାୟୁ ଯେ ଥଣ୍ଡା ହେବ
ଗଛ କାଟିଲେ ଅଂଶୁଘାତଟି
ଜାଣ ଜୀବନ ନେବ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋ :- ୯୯୩୮୯୦୬୦୭୦

## କବିତା କୋଣାର୍କ

### ବାପା...

**ଅଧ୍ୟାପକ ଶରତ କୁମାର ଦାସ**

ଠିକ୍ ସେଦିନ
ମାଛି ଅନ୍ଧାରୁଆ ସଂଜ ବେଳେ
ଭଲକରି ଚିହ୍ନିଲି ତମକୁ,ବାପା
ଅବଶ୍ୟ ଦେଖିଥିଲି ତ
ଆଗରୁ ଅନେକ ଥର
ମାଟିକୁ ଛୁଇଁବା ପରେ ମୁଁ ।

ଧୋବ ଫରଫର କଇଁଫୁଲିଆ ଆଲୁଅ ଓ
କଳା ମିଟିମିଟି ବହଳ
ଅନ୍ଧାରର ଆବର୍ତ୍ତ ମଧରେ,
ଯାହା ଦେଖିଥିଲି ଆଗରୁ
ତାହା ଥିଲା ଏକାନ୍ତ ଅସ୍ପଷ୍ଟ
ପୁଣି ଝାପ୍ସା ଝାପ୍ସା ।

ସେଦିନ ତମେ ଲାଗୁଥିଲ ଅନେକ ନିଆରା
ଆକାଶଠୁ ଆହୁରି ଉଚ୍ଚ,ଆଲୁଅ ଠୁ ସ୍ୱଚ୍ଛ
ସମୟଠୁ ଢେର୍ ପ୍ରଖର
ପୁଣି ସମୁଦ୍ରଠୁ ଶତେଗୁଣ ଗଭୀର
ମାତ୍ର, ତମେ ଥିଲ ଆଗଠାରୁ
ଆହୁରି ଶାନ୍ତ , ନୀରବ,
ନିସ୍ତେଜ, ନିସ୍ତବ୍ଧ ଓ ନିର୍ବିକାର ।

ଠିକ୍ ଚିହ୍ନିଲି ତମକୁ ସେଦିନ
ପରଖିନେଲି ମଧ ତମ ଅସହାୟ ପଣକୁ
ହାତ ବଢେଇଲି ଧରିବାକୁ
କଇଁ କଇଁ ହୋଇ କାନ୍ଦିବାକୁ ପୁନଶ୍ଚ
ତମ ବିଶାଳ ଛାତିରେ
ମଥା ରଖି ନିର୍ଭୟରେ ।

ପବନ ବେଗରେ ଧାଉଁଥିଲ
ତମେ ଆଗକୁ ଆଗକୁ
ଧରିପାରିଲିନି ମୁଁ,
ଝୁଣ୍ଟିପଡୁଥିଲି ବାର୍ ବାର୍
ଆମ ଗାଆଁଦାଣ୍ଡର ପକ୍କା
ମଝି ରାସ୍ତାରେ ,
ରହିଗଲି ପଛରେ ତମର,
ଅନେକ ପଛରେ
କିଛି କଥା ରହିଗଲା
ମୋ ଭିତରେ ବାନ୍ଧି ହୋଇ
କହିପାରିଲିନି ଅବା କେବେ ବି ଆଉ
କହିପାରିବି ନାହିଁ ଏ ଜୀବନରେ ନିଶ୍ଚୟ।

କାହାକୁ ପଚାରିବି ବାପା ...!
ଏମିତି କାହିଁକି ହେଲା
ସମୟଟା ବାଟ ଭାଙ୍ଗି ଚାଲିଗଲା
ଅମଡା ବାଟରେ
ସୂର୍ଯ୍ୟ ବୁଡିଗଲେ ପାହାଡ ସନ୍ଧିରେ
ଅବେଳରେ ସଂଜ ଆସିବା ପୂର୍ବରୁ ,
ଶୁନ୍ ଶାନ୍ ହୋଇଗଲା କିଚିରିମିଚିରି ଶବ୍ଦ
ଦୁନିଆର ଯେତେ ସ୍ୱପ୍ନ କୋଳାହଳ
ସେତିକି ଖସିପଡିଲା ଆକାଶଟା
ମୋ ମୁଣ୍ଡ ଉପରେ ଗୋଟାପଣ ।

ଖାଁ ଖାଁ ଦାଣ୍ଡପିଣ୍ଡା,
ପୁଣି ବାଡି ପଛ ଗଛଲତା
ଖଳାବର୍ଡି ଧାନଗଦା ,ସବୁ ଚୁପ୍ ଚାପ୍
ଘର ସାରା ଶୂନ୍ୟତାରେ ଭରା,
ଖାଲି ଗୋଟେ କଳା ଛାଇ
ଏପଟ ସେପଟ
ବେଳ ଅବେଳରେ ପୁଣି କେବେ କେବେ
ଦୃଶ୍ୟ ଅଦୃଶ୍ୟରେ ସଁ ସଁ
ଧାଉଁଥାଏ ଯେମିତି ।

ଖୁବ୍ ଯୋର୍ ରେ ଡାକେ ମୁଁ ତମକୁ
ବାପା... ବାପା ...ବାପା......
ଦିନର ଆଲୁଅ ଖତେଇ ହୁଏ ଜିଭ କାଢି
ରାତିର ଅନ୍ଧାର ଦିଶେ
ଆହୁରି ଗାଢ୍ ଓ ବହଳ
ସମୁଦ୍ର ଲାଗେ ଅଶାନ୍ତ
କୁନ୍ଥୁରି କାନ୍ଥୁରି ହୋଇ
ଜୀଇଁବାକୁ ଚେଷ୍ଟା କରେ
ବାକିତକ ଜୀବନ ତମ ଆବର୍ତ୍ତମାନରେ
ନାଲି କଙ୍କଡାର ଖୋଳପା ଭିତରେ ।

ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

### ସମ୍ପର୍କର ମୂଲ୍ୟ...

**ପ୍ରଦୀପ୍ତ ଆଚାର୍ଯ୍ୟ,**

ଚକ୍ଷୁରେ ଯାହାର, ନିଦ୍ରା ଭରପୁର,
ବିଛଣା ସେ ପାଏନାହିଁ,
ସୁନ୍ଦର ବିଛଣା,
ଥାଇ ପାଶେ ଥୋକେ,
କଲବଲ ନିଦ୍ରା ପାଇଁ।

ଦୟାଭାବ ଯାର, ହୃଦୟେ ପୁରିତ,
ସମ୍ବଳ ନାହିଁ ତା ପାଶେ,
ପ୍ରାଚୁର୍ଯ୍ୟତା ମଧ୍ୟେ, ରହିଥିବା ଜନ,
ହୃଦୟେ ଦୟା ନଆସେ।

ସତ୍ୟର ଆଶ୍ରୟ, ନେଉଥିବା ବ୍ୟକ୍ତି,
ଜଗତ ଚକ୍ଷୁରେ ଦୋଷୀ,
ମିଥ୍ୟାବାଦୀ ଲୋକ, କରଇ ପ୍ରମାଣ,
ନିଜକୁ ସଦା ନିର୍ଦୋଷୀ।

ସମ୍ପର୍କର ମୂଲ୍ୟ, ବୁଝିଥିବା ବ୍ୟକ୍ତି,
ସମ୍ପର୍କ ନପାଏ ଖୋଜି,
ଯା ସାଥେ ସମ୍ପର୍କ, ରଖିବାକୁ ଇଚ୍ଛା,
ମୂଲ୍ୟ ସେ ପାରେନି ବୁଝି।

ଅବସରପ୍ରାପ୍ତ ପ୍ରଧାନଶିକ୍ଷକ,
ଈଶାଣୀବ୍ରହ୍ମପୁର, କଟକ
(ମୋ) ୬୩୭୧୫୯୩୨୨୦

CMYK




# ହଲିଉଡରେ ହୁମା



ବଲିଉଡ ପରେ ଏବେ ହଲିଉଡ ମୁହାଁ ଭର୍ସଟାଇଲ ଅଭିନେତ୍ରୀ ହୁମା କୁରେଶି। ବଲିଉଡରେ ନିଜ ଦମଦାର ଅଭିନୟ ବଳରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ପରେ ଏବେ ହଲିଉଡରେ ଡେବ୍ୟୁ କରିବାକୁ ଯାଉଛନ୍ତି ହୁମା। ନେଟ୍‌ଫ୍ଲିକ୍ସର ଅପକମିଂ ଫିଲ୍ମ `Army Of The Dead ଜରିଆରେ ସେ ହଲିଉଡରେ ଏଣ୍ଟ୍ରି କରିଛନ୍ତି। ଏହି ଫିଲ୍ମରେ ହୁମାଙ୍କୁ ଗୀତା ଚରିତ୍ରରେ ଦେଖିବାକୁ ମିଳିବ। ନିକଟରେ ଏହି ଫିଲ୍ମର ଦମଦାମର ଟ୍ରେଲର ରିଲିଜ ହୋଇଛି। ରିଲିଜ ହେବାର ଦିନକ ଭିତରେ ହିଁ ଏହା ୟୁଟ୍ୟୁବ୍ ?ରେ ହଇଚଇ ସୃଷ୍ଟି କରିଛି। ଫିଲ୍ମର ଟ୍ରେଲରକୁ ୨୦ ଲକ୍ଷରୁ ବି ଅଧିକ ଲୋକ ଦେଖିସାରିଲେଣି। ରିଲିଜ ହୋଇଥିବା ଏହି ଟ୍ରେଲରରେ ଫିଲ୍ମର ସବୁ କଳାକାରଙ୍କୁ ଦେଖିବାକୁ ମିଳିଛି। ଜ୍ୟାକ୍ ସ୍ନାୟଡରଙ୍କ ନିର୍ଦ୍ଦେଶନାରେ ତିଆରି ଏହି ଫିଲ୍ମଟି ଏକ ଜମ୍ବି ହିଷ୍ଟ ଫିଲ୍ମ। ଆସନ୍ତା ମେ' ୨୧ ତାରିଖରେ ଫିଲ୍ମଟି ପରଦାକୁ ଆସିବ। ଫଆର୍ମି ଅଫ୍ ଦ ଡେଡ୍' ୨୦୦୪ରେ ରିଲିଜ ହୋଇଥିବା ହଲିଉଡ ଫିଲ୍ମ ଫଡନ୍ ଅଫ୍ ଦ ଡେଡ୍'ର ସିକ୍ୱେଲ ପାର୍ଟ। ସୂଚନାଯୋଗ୍ୟ ଯେ, ହଲିଉଡ ଫଲ୍ମ ବ୍ୟତୀତ ହୁମାଙ୍କୁ ତାଙ୍କ ଅପକମିଂ ଫିଲ୍ମ ଫବେଲ ବଟମ୍'ରେ ମଧ ଦେଖିବାକୁ ମିଳିବ। ଏହି ଫିଲ୍ମର ଲିଡ୍ ରୋଲରେ ଅକ୍ଷୟ କୁମାର ଅଛନ୍ତି। ଅନ୍ୟ ପ୍ରମୁଖ ଭୂମିକାରେ ବାଣୀ କପୁର ମଧ ନଜର ଆସିବେ। ନିକଟରେ ହିଁ ଏହି ଫିଲ୍ମର ଶୁଟିଂ ଶେଷ ହୋଇଛି। ଖୁବ୍‌ଶୀଘ୍ର ଏହାର ପରଦାକୁ ଆସିବ।

# ଝିଅ 'ଡାଏନା'ର ଫଟୋ ଶେୟାର କଲେ ପ୍ରିୟଙ୍କା ଚୋପ୍ରା

ବଲିଉଡ ସୁନ୍ଦରୀ ପ୍ରିୟଙ୍କା ଚୋପ୍ରା ନିଜର ସୌନ୍ଦର୍ଯ୍ୟ ଏବଂ ରୋକ୍ ଠୋକ୍ କଥାବାର୍ତ୍ତାକୁ ନେଇ ନିଜ ପ୍ରଶଂସକଙ୍କ ହୃଦୟରେ ରାଜ କରନ୍ତି। ହଲିଉଡ ଷ୍ଟାର ନିକ୍ ଜୋନ୍ସକୁ ସେ ବିବାହ କରିବା ପରେ ପ୍ରାୟତଃ ସେ ବିଦେଶରେ ରହୁଛନ୍ତି। ହଲିଉଡ ଏବଂ ବଲିଉଡରେ ତାଙ୍କ ସମସ୍କନ୍ଧ ଅଭିନେତ୍ରୀ ମାନେ ମା' ହୋଇଗଲେଣି। ଏହାରି ଭିତରେ ସେ ତାଙ୍କ ଝିଅ 'ଡାଏନା'ର ଫଟୋ ଶେୟାର କରିଛନ୍ତି। ଯାହାକି ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏବେ ପ୍ରିୟଙ୍କା ଚୋପ୍ରା ଝିଅର ଫଟୋ ଶେୟାର କରିବା ପରେ ତାଙ୍କ ପ୍ରଶଂସକଙ୍କ ମଧ୍ୟରେ ଉତ୍ସୁକତା ବଢ଼ିଛି। ପ୍ରିୟଙ୍କା ଏବେ ତାଙ୍କ ସ୍ୱାମୀ ନିକଙ୍କ ସହ ଶାଶୁ ଘରେ ଅଛନ୍ତି। ସେ ସୋଶାଲ ମିଡିଆରେ ନିଜର କାମ ବାବଦରେ ମଧ ସୂଚନା ଦିଅନ୍ତି। ଯାହାକୁ ତାଙ୍କ ପ୍ରଶଂସକ ମାନେ ଭରପୁର ଲାଇକ୍ ଏବଂ କମେଣ୍ଟ କରିବା ସହିତ ଶେୟାର କରନ୍ତି। ନିକଟରେ ପ୍ରିୟଙ୍କ ସୋଶାଲ ମିଡିଆ ଇନଷ୍ଟାଗ୍ରାମରେ ସୂଚନା ଦେଇ କହିଥିଲେ ସେ ବ୍ରିଟିଶ ଏକାଡେମୀ ସିନେମା ପୁରସ୍କାରର ଉପସ୍ଥାପନ କରିବେ। ଯାହାକି ଏପ୍ରିଲ ୧୦ ଓ ୧୧ ଦୁଇ ଦିନ ଧରି ଚାଲିବ। ରୟାଲ ଆଲବର୍ଟ ହଲରେ ଏହି ସମାରୋହ ଅନୁଷ୍ଠିତ ହେଉଛି। ସବୁଠୁ ବଡ଼ କଥା ହେଉଛି ପ୍ରିୟଙ୍କାଙ୍କ ଫିଲ୍ମ 'ଦ ହ୍ୱାଇଟ ଟାଇଗର' ମଧ ଦୁଇଟି ଏହି ପୁରସ୍କାର ପାଇଁ ମନୋନୀତ ହୋଇଛି। ତେବେ ଶନିବାର ପ୍ରିୟଙ୍କା ତାଙ୍କ ଝିଅ ସହିତ ଏହି ଫଟୋ ସେୟାର କରିଛନ୍ତି। ଯାହା ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏବେ ଆପଣ ମଧ ଭାବୁଥିବେ ପ୍ରିୟଙ୍କା କେବେ ଝିଅ ଜନ୍ମ ଦେଲେ କିଛି ଜଣାପଡ଼ିଲାନି।

ବାସ୍ତବରେ ପ୍ରିୟଙ୍କାଙ୍କର ୩ଟି ପୋଷା କୁକୁର ଅଛି। ସେ ସମସ୍ତଙ୍କୁ ବହୁତ ଯତ୍ନ ନିଅନ୍ତି। ପ୍ରିୟଙ୍କା ଘରେ ରହିବା ସମୟରେ ତିନି କୁକୁର ସହ ସମୟ ବିତାନ୍ତି। ଏହି ତିନି କୁକୁରର ନାଁ ହେଲା ଡାଏନା, ଜିନୋ ଏବଂ ପାଣ୍ଡା। ସେ ଅନେକ ଥର କହିଛନ୍ତି ଯେ ସେ ତାଙ୍କର ତିନି ପୋଷା କୁକୁରଙ୍କ ମା' ଭାବରେ ଗର୍ବିତ। ପ୍ରିୟଙ୍କାଙ୍କର ଗୋଟିଏ କୁକୁର ଯାହାର ନାମ ଡାଏନା ତା ସହିତ ଏକ ଫଟୋ ଶେୟାର କରିଛନ୍ତି ଇନଷ୍ଟାଗ୍ରାମରେ।



# ରିଲିଜ୍ ହେଲା 'ମେଜର'ର ଟିଜର୍

ମହେଶ ବାବୁଙ୍କ ପ୍ରଡକ୍ସନ୍ ହାଉସ୍‌ର ପ୍ରଥମ ପ୍ରଯୋଜିତ ଚଳଚ୍ଚିତ୍ର 'ମେଜରର ଟିଜର୍ ରିଲିଜ୍ ହୋଇଛି। ୨୬/୧୧ ତାଜ୍ ହୋଟେଲ୍ ?ରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ନେଇ ନିର୍ମିତ ଏହି ଚଳଚ୍ଚିତ୍ରରେ ଅଦିବି ଶେଷ ମେଜର୍ ସନ୍ଦୀପ ଉନ୍ନିକୃଷ୍ଣନ୍‌ଙ୍କ ଭୂମିକାରେ ଅଭିନୟ କରିବେ। ସେହିଭଳି ଅଭିନେତ୍ରୀ ସାଇ ମଞ୍ଜରେକର ଏହି ଚଳଚ୍ଚିତ୍ରରେ ଅଦିବିଙ୍କ ପାର୍ଟନର୍ ଅର୍ଥାତ୍ ନାୟିକା ଭାବେ ପରଦାକୁ ଆସିବେ। ହିନ୍ଦୀ ବ୍ୟତୀତ ତେଲୁଗୁ ଓ ମାଲାୟଲମ୍ ଭାଷାରେ ଏହି ଚଳଚ୍ଚିତ୍ର ମୁକ୍ତିଲାଭ କରିବ। ଚଳଚ୍ଚିତ୍ରର ଟିଜର ଖୁବ୍ ଦର୍ଶକାଦୃତି ଲାଭ କରିଥିବା ବେଳେ ଚଳଚ୍ଚିତ୍ର ମଧ ବଡ଼ ପରଦାରେ ଦମ୍ ଦେଖାଇବ ବୋଲି ଆଶା କରାଯାଉଛି।




# ୩ କୋଟି ଟଙ୍କାର ମାସ୍କ ପିନ୍ଧିଲେ ଉର୍ବଶୀ

ମହାମାରୀ କରୋନା ଠାରୁ ବଞ୍ଚିବା ପାଇଁ ଏକମାତ୍ର ବିକଳ୍ପ ହେଉଛି ମାସ୍କ। ସରକାର ମଧ ମାସ୍କ ପିନ୍ଧିବା ପାଇଁ ଗାଇଡଲାଇନ୍ ଜାରି କରିଛନ୍ତି। ସରକାରଙ୍କ ଏହି ନିୟମ ପାଳନ କରିବାକୁ ଯାଇ ବଲିଉଡର ଜଣେ ଅଭିନେତ୍ରୀ ପିନ୍ଧିଛନ୍ତି ସବୁଠାରୁ ଦାମୀ ମାସ୍କ। ବଲିଉଡ ଅଭିନେତ୍ରୀ ଉର୍ବଶୀ ରୌତେଲା। ସର୍ବଦା ନିଜ ଫ୍ୟାଶନ୍ ସେନ୍ସକୁ ନେଇ ଚର୍ଚ୍ଚାରେ ରହୁନ୍ତି। ଏହାରି ଭିତରେ ଅଭିନେତ୍ରୀଙ୍କ ଏକ ପୋଷ୍ଟ ସାମ୍ନାକୁ ଆସିଛି, ଯେଉଁଥିରେ ସେ ହୀରା ଜଡିତ ଫେସ୍ ମାସ୍କ ପିନ୍ଧିଥିବା ଦେଖିବାକୁ ମିଳିଛି। ଅଭିନେତ୍ରୀଙ୍କ ଏହି ନୂଆ ରୂପ ଏବେ ସୋଶାଲ ମିଡିଆରେ ହଇଚଇ ସୃଷ୍ଟି କରିଦେଇଛି। ପ୍ରଶଂସକଙ୍କୁ ତାଙ୍କର ଏହି ରୂପ ବେଶ୍ ପସନ୍ଦ ମଧ ଆସୁଛି। ଏକ ଇଣ୍ଟରନ୍ୟାସନାଲ ବ୍ରାଣ୍ଡର ଶୁଟିଂ ସମୟରେ ଉର୍ବଶୀ ୩ କୋଟି ଟଙ୍କାର ହୀରା ଜଡିତ ମାସ୍କ ପିନ୍ଧିଥିଲେ। ଏହି ମାସ୍କ ପିନ୍ଧିଥିବା ବେଳର ଏକ ଭିଡିଓକୁ ଉର୍ବଶୀ ନିକଟରେ ନିଜ ଇନ୍‌ଷ୍ଟାଗ୍ରାମରେ ସେଆର କରିଥିଲେ। ଏହି ଭିଡିଓକୁ ସେଆର କରି କ୍ୟାପସନ୍‌ରେ ଲେଖିଛନ୍ତି, "ତାଙ୍କର ଏହି ମାସ୍କ ବେଶ୍ ଓଜନଦାର ଥିଲା। ଇଣ୍ଟରନ୍ୟାସନାଲ ବ୍ରାଣ୍ଡର ଶୁଟିଂ ବେଳେ ସେ ମନଭରି ଉପଭୋଗ କରିଥିଲେ। ଏତେ ଗୁଡିଏ ହୀରାକୁ ଏକା ସାଙ୍ଗରେ ସେ ତାଙ୍କ ଜୀବନ କାଳରେ କେବେ ଦେଖିନଥିଲେ।" ସୂଚନାଯୋଗ୍ୟ ଯେ, ଖୁବ୍‌ଶୀଘ୍ର ଉର୍ବଶୀଙ୍କୁ ଏକ ତାମିଲ ଫିଲ୍ମ ଫବ୍ଲାକ ରୋଜ'ରେ ଦେଖିବାକୁ ମିଳିବ। ଫେଶନେବୁଲ ଦେଖାଯିବା ଏବଂ ନିଜ ଲୁକ୍‌କୁ ନେଇ ନୂଆ ନୂଆ ଏକ୍ସପେରିମେଣ୍ଟ କରିବା ଉର୍ବଶୀଙ୍କୁ ବେଶ୍ ପସନ୍ଦ। ସେ ଯେଉଁଠିକୁ ବି ଯାଆନ୍ତି ନିଜ ସୁନ୍ଦରତା ଏବଂ ଗ୍ଲାମରସ ଲୁକ୍ ଯୋଗୁଁ ସମସ୍ତଙ୍କ ହୃଦୟ ଜିତି ନିଅନ୍ତି। ତାଙ୍କର ଗୋଟିଏ ଝଲକ୍ ପାଇବା ପାଇଁ ପ୍ରଶଂସକମାନେ ମଧ ପାଗଳ ହୋଇଯା'ନ୍ତି। ଦାମୀ ଆଉଟ୍ ଫିଟ୍ ଏବଂ ଜୁଏଲାରୀ ଯୋଗୁଁ ଉର୍ବଶୀ ସର୍ବଦା ଚର୍ଚ୍ଚାରେ ମଧ ରୁହନ୍ତି।



# ପ୍ରଭାସ କହିଲେ-ପର୍ବ ଅନେକ, ପ୍ରେମ ଏକ



ନୂଆ ରୂପରେ ବାହୁବଳୀ ଫେମ୍ ତଥା ସୁପରଷ୍ଟାର ପ୍ରଭାସ। ସାମ୍ନାକୁ ଆସିଛି ତାଙ୍କ ନୂଆ ଲୁକ୍। ଏହି ଲୁକ୍‌କୁ ସେ ନିଜ ତାଙ୍କ ଇନ୍‌ଷ୍ଟାଗ୍ରାମରେ ସେଆର କରିଛନ୍ତି। ତାଙ୍କର ଏହି ନୂଆ ଫଟୋକୁ ସେଆର କରି ସେ କହିଛନ୍ତି ପର୍ବ ଅନେକ, ପ୍ରେମ ଏକ। ପ୍ରକୃତରେ ପ୍ରଭାସଙ୍କ ଅପକମିଂ ବିଗ୍ ବଜେଟ୍ ଫିଲ୍ମ ଫରାଧେ ଶ୍ୟାମ୍'ର ଆଉ ଏକ ନୂଆ ପୋଷ୍ଟର ରିଲିଜ ହୋଇଛି। ଚୈତ୍ର ନବରାତ୍ରୀ ଅବସରରେ ଫିଲ୍ମର ନିର୍ମାତାମାନେ ପ୍ରଶଂସକ ପାଇଁ ଏହି ପୋଷ୍ଟର ରିଲିଜ କରିଛନ୍ତି। ଏହି ପୋଷ୍ଟରକୁ ପ୍ରଭାସ ତାଙ୍କ ଇନ୍‌ଷ୍ଟାଗ୍ରାମରେ ସେଆର କରିଛନ୍ତି। ପୋଷ୍ଟରକୁ ସେଆର କରି ପ୍ରଭାସ ତାଙ୍କ ପ୍ରଶଂସକଙ୍କୁ ଉଗାଡି ପର୍ବର ଶୁଭେଚ୍ଛା ଜଣାଇଛନ୍ତି। ଏଥିସହ ସେ କହିଛନ୍ତି, "ଗୋଟିଏ ଜିନିଷ ଏହି ସୁନ୍ଦର ପର୍ବଗୁଡ଼ିକୁ ବାନ୍ଧିଥାଏ ଏବଂ ତାହା ହେଉଛି ପ୍ରେମ, ଏହାକୁ ଅନୁଭବ କର। ଏହାର ଆନନ୍ଦ ନିଅ ଓ ଏହାକୁ ଚାରିଆଡେ ବିସ୍ତାର କର। ଆପଣଙ୍କୁ ଏବଂ ଆପଣଙ୍କ ପ୍ରିୟଜନମାନଙ୍କୁ ଉଗାଡି, ଗୁଡି ପାଡୱା, ବୈଶାଖି, ବିଶୁ, ପୁଥାଣ୍ଡୁ, ଜୁଆର ଶୀତଲ, ଚେତି ଚାନ୍ଦ, ବୋହାଗ ବିହୁ, ନାଭରେହ ଏବଂ ପୋଇଲା ବୋଶାକର ହାର୍ଦ୍ଦିକ ଶୁଭକାମନା।" ରିଲିଜ ହୋଇଥିବା ଏହି ନୂଆ ପୋଷ୍ଟରରେ ପ୍ରଭାସ ଏକ ପିଲରକୁ ଧରି ଠିଆ ହୋଇଥିବା ଦେଖିବାକୁ ମିଳିଛି। ସେ ବାଦାମୀ ରଙ୍ଗର ଟି-ସାର୍ଟ ଏବଂ ଚେକ୍ ପ୍ୟାଣ୍ଟ ପିନ୍ଧିଥିବା ନଜର ଆସିଛନ୍ତି। ଏଥିସହ ଏହି ପୋଷ୍ଟର ତଳେ ଫିଲ୍ମର ନାଁ ଓ ରିଲିଜ ତାରିଖ ମଧ ଲେଖା ହୋଇଛି। ସୂଚନାଯୋଗ୍ୟ ଯେ, ଏହା ପୂର୍ବରୁ ଫରାଧେ ଶ୍ୟାମ' ଫିଲ୍ମର ଆହୁରି ୩ଟି ପୋଷ୍ଟର ଏବଂ ଗୋଟିଏ ଟିଜର ରିଲିଜ ହୋଇସାରିଛି। ଏବେ ପ୍ରଶଂସକମାନେ ଏହି ଫିଲ୍ମର ଟ୍ରେଲର ରିଲଜ ଅପେକ୍ଷା ଅଛନ୍ତି। ଫିଲ୍ମର ଲିଡ୍ ରୋଲରେ ପ୍ରଭାସ ଥିବା ବେଳେ ତାଙ୍କ ଅପୋଜିଟରେ ପୂଜା ହେଗଡେ ଅଛନ୍ତି। ଆସନ୍ତା ଜୁଲାଇ ୩୦ରେ ଫିଲ୍ମଟି ବଡ ପରଦାକୁ ଆସିବ।

# ପଦ ଛାଡ଼ିଲେ ଦୀପିକା



ପଦ ଛାଡିଲେ ବଲିଉଡର ପଦ୍ମାବତୀ। ଇସ୍ତଫା ଦେଲେ ଦୀପିକା ପାଦୁକୋନ୍। ମୁମ୍ବାଇ ଏକାଡେମୀ ଅଫ୍ ମୁଭିଙ୍ଗ୍ ଇମେଜ୍ (MAMI) ରୁ ସେ ଇସ୍ତଫା ଦେଇଥିବା ନେଇ ଘୋଷଣା କରିଛନ୍ତି। ଏନେଇ ଅଭିନେତ୍ରୀ ତାଙ୍କ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଏକ ବିବୃତ୍ତି ଜାରି କରି ତାଙ୍କ ପ୍ରଶଂସକଙ୍କୁ ସୂଚନା ଦେଇଛନ୍ତି। ଦୀପିକା କହିଛନ୍ତି, ସେ ଆଉ MAMI ର ସଭାପତି ଭାବରେ ନିଜ କାର୍ଯ୍ୟ ଜାରି ରଖିବେ ନାହିଁ। ପଦ୍ମାବତ ଅଭିନେତ୍ରୀ ତାଙ୍କ ବିବୃତ୍ତିରେ ଖୁଲାସା କରିଛନ୍ତି ଯେ, ନିଜ କାମର ବ୍ୟସ୍ତ ବହୁଳତା ଭିତରେ ସେ ଆଉ ଏହି ଚେୟାରମ୍ୟାନ୍ ପଦବୀକୁ ଠିକ୍ ରୂପେ ତୁଲାଇ ପାରିବେ ନାହିଁ କି ଏହା ଉପରେ ଆଉ ଧ୍ୟାନ ଦେଇପାରିବେ ନାହିଁ। ଦୀପିକା ପଦ ଛାଡିଥିବା ନେଇ ନିଜ ଇନ୍‌ଷ୍ଟା ଷ୍ଟୋରୀରେ ଫଟୋ ସେଆର କରି ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି ଯେ, MAMIରେ ନିଜ ଭୂମିକାରୁ ତାଙ୍କୁ ଯେଉଁ ଅନୁଭବ ମିଳିଛି, ତାହା ତାଙ୍କ ପାଇଁ ସମୃଦ୍ଧ ଥିଲା। MAMI ତାଙ୍କ ସହ ସମ୍ପର୍କ ଜାରି ରଖିବେ ବୋଲି ସେ ଆଶା କରିଛନ୍ତି। ଏହି ଏକାଡେମୀ ସହ ମୋର ସମ୍ପର୍କ ସାରା ଜୀବନ ରହିବ ବୋଲି ମସ୍ତାନୀ ଗାର୍ଲ କହିଛନ୍ତି।

ସୂଚନାଯୋଗ୍ୟ ଯେ, ଚଳଚ୍ଚିତ୍ର ନିର୍ମାତା କିରଣ ରାଓଙ୍କ ସ୍ଥାନରେ ଦୀପିକାଙ୍କୁ MAMIର ଚେୟାରମ୍ୟାନ୍ ଭାବେ ନିଯୁକ୍ତ କରାଯାଇଥିଲା। ବର୍ତ୍ତମାନ ଦୀପିକାଙ୍କ ହାତରେ ଅନେକ ବଡ ବଡ ଫିଲ୍ମ ରହିଛି। ନିକଟରେ ସେ ଅମିତାଭ ବଚ୍ଚନଙ୍କ ସହ ଆଉ ଏକ ଫିଲ୍ମରେ କାମ କରିବା ନେଇ ଘୋଷଣା କରିଥିଲେ। ଏହି ଫିଲ୍ମଟି ରବର୍ଟ ଡିନିରୋ ଏବଂ ଏନି ହାଥୱେ ଦ୍ୱାରା ଅଭିନିତ ହଲିଉଡ ଫିଲ୍ମ ଫଇଣ୍ଟର୍ଣ୍ଣ'ର ରିମେକ୍। ନିକଟରେ ଏହି ଫିଲ୍ମର ପୋଷ୍ଟର ମଧ ରିଲିଜ ହୋଇସାରିଛି। ଏହାପୂର୍ବରୁ ବିଗ୍-ବି ଏବଂ ଦୀପିକା ଫିଲ୍ମ ଫପିକୁ' ଓ ଫଆରକ୍ଷଣ'ରେ ଏକାଠି କାମ କରିସାରିଛନ୍ତି।



# ବଲିଉଡରେ ଇରଫାନ୍‌ଙ୍କ ପୁଅ ବାବିଲ, ଆସିଲା ଫାଷ୍ଟଲୁକ୍

ଦିବଙ୍ଗତ ଅଭିନେତା ଇରଫାନ୍ ଖାନ୍ ଓ ତାଙ୍କ ପୁଅ ବାବିଲ ଖାନ୍ ଖୁବ୍‌ଶୀଘ୍ର ବଲିଉଡରେ ଡେବ୍ୟୁ କରିବାକୁ ଯାଉଛନ୍ତି ଦିବଙ୍ଗତ ଅଭିନେତା ଇରଫାନ୍ ଖାନ୍‌ଙ୍କ ପୁଅ ବାବିଲ ଖାନ୍। ସେ ଅନୁଷ୍କା ଶର୍ମାଙ୍କ ଫିଲ୍ମରୁ ବଲିଉଡରେ ଏଣ୍ଟ୍ରି କରିବାକୁ ଯାଉଛନ୍ତି। କେବଳ ସେତିକି ନୁହେଁ ତାଙ୍କ ଫିଲ୍ମର ଫାଷ୍ଟ ଲୁକ୍ ମଧ ଏବେ ସାମ୍ନାକୁ ଆସିଛି। ଯାହାକୁ ବାବିଲ ନିଜ ଇନଷ୍ଟାଗ୍ରାମରେ ସେଆର କରିଛନ୍ତି। ।ବିଲ ତାଙ୍କ ଡେବ୍ୟୁ ଫିଲ୍ମ ଫକାଲା'ର ପ୍ରଥମ ଶୁଟିଂ ସେଡ୍ୟୁଲ ପୂରଣ କରିଛନ୍ତି। ଏହି ଶୁଟିଂ ବେଳର ଭିଡିଓକୁ ଏବେ ସେ ତାଙ୍କ ଇନଷ୍ଟାଗ୍ରାମରେ ସେଆର କରିଛନ୍ତି। ବାବିଲ ସେଆର କରିଥିବା ଭିଡିଓରେ, ଫିଲ୍ମର ସୁଟିଂ କାଶ୍ମୀରରେ କରାଯାଇଥିବା ଦେଖିବାକୁ ମିଳିଛି। ଚାରଆଡେ ବରଫ ଭିତରେ କିଭଳି ସେ ଫିଲ୍ମର ସୁଟିଂ କରୁଛନ୍ତି ତାହା ଏହି ଭିଡିଓରେ ଦେଖାଇଛନ୍ତି ଇରଫାନଙ୍କ ପୁଅ। ଏହି ଭିଡିଓକୁ ସେଆର କରି ବାବିଲ ଲେଖିଛନ୍ତି, ମୁଁ ଅନୁଭବ କଲି ଯେ ଏହା ମନେ ରଖିବା ଆବଶ୍ୟକ, ଯଦି ତୁମେ ନିଜ ପ୍ରତି ଅତ୍ୟନ୍ତ ଯତ୍ନଶୀଳ ଏବଂ ସଚ୍ଚୋଟ ନୁହଁ, ତେବେ ତୁମର ଆତ୍ମର ଗୁରୁତ୍ୱ ବୁଡ଼ିଯିବ। ଆପଣ ଜଣେ ଅଭିନେତା ହୁଅନ୍ତୁ ଅବା ସାଧାରଣ ମଣିଷ, ଆପଣମାନେ ନିଜ ନିଜ କାହାଣୀର ଏକ ଅଂଶ ଏବଂ ସେହି କାହାଣୀ ଆପଣଙ୍କଠାରୁ ସବୁବେଳେ ବଡ଼ ରହିବ।

# ଗୀତ ହିଁ ମୋ ଜୀବନ-ମନୋରଂଜନ ମୁଦୁଲି



ସ୍ୱପ୍ନଭିଜା ଅଳସୀ ରାତିରେ ପ୍ରିୟତମାର କଥା ମନେ ପଡ଼ିଲେ, ମଧୁଶାଳାରେ ପିଆଲା ଭାଙ୍ଗିଲେ, ନିରୀହ ଶିଶୁଟିର ଓଠରୁ ହସ ଝରିଲେ ଯାହାଙ୍କ କଥା ମନେପଡ଼େ ସେ ହେଉଛନ୍ତି ଓଡ଼ିଶାର ଚର୍ଚ୍ଚିତ ଗୀତିକାର ଓ କବି ମନୋରଂଜନ ମୁଦୁଲି। ତାଙ୍କ ପାଇଁ ଶବ୍ଦ ହେଉଛି ପରଂବ୍ରହ୍ମ। ସାହିତ୍ୟ, ସଂଗୀତ, ସଂସ୍କୃତି, ପରମ୍ପରା ପ୍ରଭୃତି ପ୍ରତ୍ୟେକ କ୍ଷେତ୍ରରେ ଶ୍ରୀ ମୁଦୁଲି ସଠିକ୍ ଭାବେ ଅଙ୍କ କସି ପାରିଛନ୍ତି। ଓଡ଼ିଆ ସିନେମା, ଯାତ୍ରା ଜଗତ, ସାହିତ୍ୟ ଜଗତ, ସାମ୍ବାଦିକତାର ସାମ୍ରାଜ୍ୟ ପ୍ରଭୃତି ପ୍ରତ୍ୟେକ ଦିଗକୁ ସେ ନିଜର କଲମ ମୁନରେ ଛୁଇଁ ପାରିଛନ୍ତି। ଶ୍ରୀ ମୁଦୁଲିଙ୍କ ମନଛୁଆଁ ଗୀତ, କବିତା ଓ ଉପସ୍ଥାପନା ଶୈଳୀ ସମସ୍ତଙ୍କୁ ଆକର୍ଷିତ କରିଥାଏ। ମନୋରଂଜନଙ୍କ ପ୍ରିୟ ଗୀତ ମଧ୍ୟରେ ରହିଛି- କେମିତି ସହର ଏ କେମିତି ସହର, ଏ ମଧୁଶାଳା ମୋତେ ଦେଇପାରିଲାନି ନିଶା, ବାଇଜି କୋଠି, ବାଲିଘର, ଏଇ ମନ ମଧୁଶାଳା। ଭଦ୍ରକ ଜିଲ୍ଲାର ତିହିଡ଼ି ବ୍ଲକ ନିକଟସ୍ଥ ଚକଓରଡ଼ା ଗ୍ରାମରେ ଶ୍ରୀ ମୁଦୁଲି ୧୯୮୧ ମସିହା ମଇମାସ ୨୬ ତାରିଖରେ ଜନ୍ମଲାଭ କରନ୍ତି। ତାଙ୍କର ପିତା ମହେଶ୍ୱର ମୁଦୁଲି ଓ ମାତା ଶାନ୍ତିଦେବୀ। ତାଙ୍କର ପତ୍ନୀ ସାବିତ୍ରୀ ସାହୁ ଜଣେ କଳା ସଂସ୍କୃତି ପ୍ରେମୀ ମଣିଷ। ପ୍ରତ୍ୟେକ କ୍ଷେତ୍ରରେ ମନୋରଂଜନଙ୍କୁ ସେ ସହଯୋଗ କରିଥାନ୍ତି। ଶ୍ରୀ ମୁଦୁଲିଙ୍କର ଏକ କବିତା ପୁସ୍ତକ 'କେହି ନଥିଲା ବେଳେ' ଖୁବଶୀଘ୍ର ପ୍ରକାଶ ପାଇବାକୁ ଯାଉଛି। ସବୁଆଡ଼େ ଚର୍ଚ୍ଚା ମନୋରଂଜନଙ୍କର। କେତେବେଳେ ସେ ତୋଳନ୍ତି ବାଲିଘର ତ କେତେବେଳେ ପାଲଟିଯାନ୍ତି ଯାଯାବର। କେତେବେଳେ ସେ ମଧୁଶାଳାରେ ତ କେତେବେଳେ ସେ ପାନ୍ଥଶାଳାରେ। ଅନେକ ଦୁଃଖ କଷ୍ଟ ଯନ୍ତ୍ରଣା ଘାତ ପ୍ରତିଘାତ ଝଡ଼ଝଂଜା ଦେଇ ସେ ଜୀବନର ଲମ୍ବାରାସ୍ତାରେ ଅତିକ୍ରମ କରିଥାନ୍ତି। ହସ ହସ ମୁହଁ ଓ ମିଠା ମିଠା କଥାରେ ସେ ସର୍ବଦା ସମସ୍ତଙ୍କୁ ଆପଣାର କରିନିଅନ୍ତି। ତାଙ୍କର ପ୍ରିୟ ଗୀତିକାର ଅକ୍ଷୟ ମହାନ୍ତି, ଶିବବ୍ରତ ଦାସ, ନିଜାମ ଓ ପଂଚାନନ ନାୟକ। ଗାନ୍ଧୀବିଚାର ମଂଚ, ରଙ୍ଗରାଗ, ଅନ୍ୱେଷା ସାହିତ୍ୟ ସଂସଦ, ନବଜୀବନ, ଖରସ୍ରୋତା ଓ ବହୁ ସାହିତ୍ୟ ଅନୁଷ୍ଠାନରୁ ସେ ସମ୍ବର୍ଦ୍ଧିତ ହୋଇଛନ୍ତି। ତାଙ୍କ ଜୀବନର ଦୁଃଖ- ମଣିଷ ଠିକ୍ ଭାବେ ମଣିଷକୁ ଓ ପୃଥିବୀକୁ ବୁଝିପାରୁନି। ଈଶ୍ୱରଙ୍କ କୃପାରୁ ତାଙ୍କର ଭବିଷ୍ୟତର ଚଲାପଥ କୁସୁମିତ ହେଉ।

ଉପସ୍ଥାପନା: ପ୍ରଦୀପ୍ତ ମହାନ୍ତି
ସଂପାଦକ - ରଙ୍ଗରାଗ
ବରଣ୍ଡୁଆ, ବେତଡ଼ା, ଭଦ୍ରକ
ମୋ: ୯୯୩୭୯୭୬୩୫୧

# ଗୁଡ୍ ନ୍ୟୁଜ୍ ଦେଲେ 'ହ୍ୟାରି ପୋଟର' ଅଭିନେତ୍ରୀ

ଗୁଡ୍ ନ୍ୟୁଜ୍ ଦେବେ ପ୍ରସିଦ୍ଧ ହଲିଉଡ ଫିଲ୍ମ ହ୍ୟାରି ପୋଟର ଅଭିନେତ୍ରୀ ଅଫସାଂ ଆଜାଦ। ସେ ଖୁବଶୀଘ୍ର ମା' ହେବାକୁ ଯାଉଛନ୍ତି। ନିକଟରେ ସେ ଏକ ଫଟୋ ସେଆର କରି ଏହି ସୂଚନା ଦେଇଛନ୍ତି। ନିଜ ଇନ୍‌ଷ୍ଟାଗ୍ରାମରେ ଏହି ଅଭିନେତ୍ରୀ ଜଣକ ବେବି ବମ୍ପକୁ ଦେଖାଇଛନ୍ତି। ଏଥିସହ କିଛି ଫଟୋ ମଧ ସେଆର କରିଛନ୍ତି। ସେ ସେଆର କରିଥିବା ଫଟୋରେ ତାଙ୍କ ସ୍ୱାମୀ ନବିଲ କାଜିଙ୍କୁ ମଧ ଦେଖିବାକୁ ମିଳିଛି। ଏଥିସହ ଜୁଲାଇ ମାସରେ ତାଙ୍କ ଘରକୁ ନୂଆ ଅତିଥି ଆସିବାକୁ ଥିବା ନେଇ ମଧ ସେ ଘୋଷଣା କରିଛନ୍ତି। କେବଳ ସେତିକି ନୁହେଁ ଫଟୋରେ ଅଫସାଂ ଓ ନବିଲ ଉଭୟ ବେଶ୍ ଖୁସି ଥିବା ନଜର ଆସିଛନ୍ତି। ଏହି ଫଟୋକୁ ସେଆର କରି ଅଫସାଂ କ୍ୟାପସନରେ ଲେଖିଛନ୍ତି, "ସମସ୍ତଙ୍କ ପାଇଁ ମୁଁ ଏକ ସିକ୍ରେଟର ଖୁଲାସା କରିବାକୁ ଯାଉଛି- ମୁଁ ମମି ହେବାକୁ ଯାଉଛି। ମୋ ଜୀବନର ଏହା ସବୁଠାରୁ ବଡ଼ ଉପହାର। ଧନ୍ୟବାଦ।" ଏହି ଖବର ସାମ୍ନାକୁ ଆସିବା ପରେ ଚାରିଆଡୁ ତାଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିଛି। ସୂଚନାଯୋଗ୍ୟ ଯେ, ଅଫସାଂ ଆଜାଦ ହଲିଉଡ ଫିଲ୍ମ ହ୍ୟାରି ପୋଟର ସିରିଜରେ ୨୦୦୫ରୁ ୨୦୧୧ ଯାଏ କାମ କରିଛନ୍ତି। ଏଥିରେ ସେ ପଦ୍ମା ପାଟିଲ ଚରିତ୍ରରେ ଅଭିନୟ କରିଥିଲେ। ଏହି ଫିଲ୍ମରେ ତାଙ୍କ ଅଭିନୟକୁ ଲୋକେ ଖୁବ୍ ପସନ୍ଦ ମଧ କରିଥିଲେ।



# ଭୁବନେଶ୍ୱରରେ କାର୍ଯ୍ୟକ୍ଷମ ହେଲା ଆଦିତ୍ୟ ଅଶ୍ୱିନୀ କୋଭିଡ୍ ହସ୍ପିଟାଲ




ଭୁବନେଶ୍ୱର,୧୫/୪ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ଆଜି କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ୩ଶହ ଅତିକ୍ରମ କରିଥିବାବେଳେ ଆଦିତ୍ୟ ଅଶ୍ୱିନୀ ହସ୍ପିଟାଲ ଓ ସମ୍ କୋଭିଡ୍ ହସ୍ପିଟାଲକୁ ଆଜିଠୁ କାର୍ଯ୍ୟକ୍ଷମ କରାଯାଇଛି ବୋଲି ବିଏମସି ସୂଚନା ଦେଇଛି। ବିଏମସିର ସୂଚନା ଅନୁସାରେ, କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଏହାର ମୁକାବିଲା ପାଇଁ ସବୁ ପ୍ରକାରର ପଦକ୍ଷେପ ନିଆଯାଉଛି। ଆଇସିୟୁ ସହ ମୋଟ ୧୫୦ ବେଡ୍ ବିଶିଷ୍ଟ କୋଭିଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ ହୋଇଛି । ସମ୍ କୋଭିଡ୍ ହସ୍ପିଟାଲର ବେଡ୍ ସଂଖ୍ୟା ୨୫୦ରୁ ୫୦୦କୁ ବୃଦ୍ଧି କରାଯାଇଥିବାବେଳେ ପଟିଆରେ ୬୦, ଡୁମୁଡୁମାରେ ୪୫ଟି ବେଡ୍‌ରେ କୋଭିଡ୍ କେୟାର ହସ୍ପିଟାଲ ଖୋଲିବ। ପୂର୍ବରୁ ଘାଟିକିଆ, ଗଜପତିନଗର ଓ କିଟରେ ୩ଟି କ୍ୱାରେଣ୍ଟାଇନ ସେଣ୍ଟର କରାଯାଇଛି। ଓୟୋ ହୋଟେଲରେ ୪୦ଟି ବେଡ୍ ବିଶିଷ୍ଟ କ୍ୱାରେଣ୍ଟାଇନ ଗୃହର ବ୍ୟବସ୍ଥା ହୋଇଛି। ସେହିପରି ବିଏମସି କମିଶନର ପ୍ରେମଚନ୍ଦ୍ର ଚୌଧୁରୀ କହିଛନ୍ତି ଯେ, ବିଏମସି କଣ୍ଟ୍ରୋଲ ରୁମରେ ୧୦ଟି ରାପିଡ୍ ରେସପନ୍ସ ଟିମକୁ ମୁତୟନ କରାଯାଇଥିବା ବେଳେ ୮ଟି ରାପିଡ୍ ରେସପନ୍ସ ଟିମକୁ ଜୋନାଲ ଡେପୁଟି କମିଶନରଙ୍କ ଅଧୀନରେ ରଖାଯାଇଛି। ଏହି ଟିମ୍ ଦୈନିକ ସ୍ଥାନୀୟ ସଂକ୍ରମିତଙ୍କ ଚିହ୍ନଟ କରିବ। କୋଭିଡ୍ ସଂକ୍ରମିତଙ୍କ ପାଖରେ ଫୋନ୍ କଲ ହେଉ ଅବା ବ୍ୟକ୍ତିଗତ ଭାବେ ଯାଇ ବିଏମସି ପହଂଚୁଛି। ଆବଶ୍ୟକ ପଡ଼ିଲେ ହୋମ୍ ଆଇସୋଲେସନ କିଟ୍ ଯୋଗାଇ ଦିଆଯାଉଛି। ସେହିପରି ଯଦି କେହି କିଛି ସମସ୍ୟା ଅନୁଭବ କରନ୍ତି ଓ ହସ୍ପିଟାଲ ସ୍ଥାନାନ୍ତର ହେବାକୁ ଚାହାଁନ୍ତି ତା'ହେଲେ ବିଏମସିର ଟୋଲ ଫ୍ରି ନମ୍ବର ୧୯୨୯କୁ ଫୋନ୍ କରି ଏହି ସୁବିଧା ପାଇପାରିବେ। ରାଜଧାନୀରେ ଏବେ ପ୍ରାୟ ଦୈନିକ ୧୦ହଜାର ଡୋଜ୍ କୋଭିଡ୍ ଟିକା ପ୍ରଦାନ କରାଯାଉଛି। ଭୁବନେଶ୍ୱରରେ ଏବେସୁଦ୍ଧା ଟୀକାର ଅଭାବ ପରିଲକ୍ଷିତ ହୋଇନାହିଁ। ବଜାର ଓ ମନ୍ଦିରଗୁଡ଼ିକରେ ସଂକ୍ରମଣର ଆଶଙ୍କା ଥିବାରୁ ପୁଲିସ ସହାୟତାରେ ମାସ୍କ ଚେକିଂ ଓ ଗହଳି ଏଡ଼ାଇବାକୁ ପଦକ୍ଷେପ ନିଆଯାଉଛି।

# ମୁଖ୍ୟମନ୍ତ୍ରୀ ଚୁପ୍ କାହିଁକି: ପ୍ରକାଶ ମିଶ୍ର




ଭୁବନେଶ୍ୱର ,୧୫/୪ (ନି.ପ୍ର): ଓଡ଼ିଶାରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। କୁଖ୍ୟାତ ଗ୍ୟାଙ୍ଗଷ୍ଟର ହାଇଦର ଫେରାର ହେବାର ୪ ଦିନ ବିତିଥିଲେ ମଧ୍ୟ ଓଡ଼ିଶା ପୁଲିସ ତା'କୁ ଧରିବାରେ ବିଫଳ ହୋଇଛି। ଏହି ଘଟଣାରେ ବଡ଼ ବଡ଼ ଅଧିକାରୀ ମାନଙ୍କର ସଂପୃକ୍ତି ଥିବା ବେଳେ କେବଳ ୬ ଜଣ ତଳିଆ କର୍ମଚାରୀଙ୍କୁ ନିଲମ୍ବନ କରାଯିବା ଅତ୍ୟନ୍ତ ନିନ୍ଦନୀୟ ଘଟଣା। ହାଇଦର ଫେରାର୍ ଘଟଣାରେ ମୁଖ୍ୟମନ୍ତ୍ରୀ କାହିଁକି ଚୁପ୍ ରହିଛନ୍ତି ବୋଲି ବରିଷ୍ଠ ବିଜେପି ନେତା ତଥା ପୂର୍ବତନ ପୁଲିସ ଡିଜି ପ୍ରକାଶ ମିଶ୍ର ପ୍ରଶ୍ନ କରିଛନ୍ତି। ବୁଧବାର ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମିଶ୍ର କହିଲେ ଯେ ଗ୍ୟାଙ୍ଗଷ୍ଟର ହାଇଦର ବିଭିନ୍ନ ଅପରାଧିକ କାର୍ଯ୍ୟକଳାପରେ ସଂଶ୍ଲିଷ୍ଟ ଥିଲା। ତାଙ୍କୁ ସମ୍ବଲପୁର ଜେଲରେ ରଖି ମଧ୍ୟ ବିଭିନ୍ନ ଆଳ ଦେଖାଇ କଟକ ଅଣାଯାଉଥିଲା। ଏଭଳି ଦୁର୍ଦ୍ଦାନ୍ତ ଅପରାଧୀକୁ କାହିଁକି ବାରମ୍ୱାର କଟକ ଅଣାଯାଉଥିଲା ତାହା ସ୍ପଷ୍ଟ ହେବା ଦରକାର। ସେହିପରି କଟକ ବଡ଼ ମେଡିକାଲରେ ରୋଗୀଙ୍କୁ କ୍ୟାବିନ ମିଳିବା କାଠିକର ପାଠ। କିନ୍ତୁ ହାଇଦରକୁ ଏତେ ସହଜରେ କ୍ୟାବିନ କିପରି ମିଳିଲା କିଡ୍‌ନି ଜନିତ ସମସ୍ୟା ଥିବା ଯୋଗୁଁ ହାଇଦରକୁ କଟକ ମେଡିକାଲ ଅଣାଯାଇଥିଲା ବୋଲି ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଛି। କିଡନି ରୋଗ ଥିଲେ ଖାଦ୍ୟପେୟ ଉପରେ ଅନେକ କଟକଣା ରହିଥାଏ। କିନ୍ତୁ ହାଇଦରକୁ କାହା ନିର୍ଦ୍ଦେଶରେ ବିରିୟାନି ଦିଆଯାଉଥିଲା କଟକ ବଡ଼ ମେଡିକାଲରୁ ହାଇଦର ଫେରାର୍ ହେବାର ୨/୩ ଘଣ୍ଟା ପର୍ଯ୍ୟନ୍ତ କାହାକୁ ଖବର ଦିଆଯାଇ ନ ଥିଲା। ଜାଣିଶୁଣି ହାଇଦରକୁ ଖସାଇଦେବାର ଯୋଜନା କରାଯାଇଥିଲା। ଏହି ଷଡ଼ଯନ୍ତ୍ରରେ ଜେଲ୍ କର୍ତ୍ତୃପକ୍ଷ, ମେଡିକାଲ କର୍ତ୍ତୃପକ୍ଷ ଓ ପୁଲିସର ହାତ ରହିଛି। ଏମାନଙ୍କ ମଧ୍ୟରେ ସମନ୍ୱୟ ରଖିବା ପାଇଁ କିଏ ଜଣେ ବଡ ଅଧିକାରୀ ଏଥିରେ ସାମିଲ ଥାଇପାରନ୍ତି। ଗୃହ ବିଭାଗର ମୁଖ୍ୟ ଖୋଦ୍ ମୁଖ୍ୟମନ୍ତ୍ରୀ ଥିବା ବେଳେ ଏତେ ବଡ଼ ଘଟଣା ପରେ ବି ମୁଖ୍ୟମନ୍ତ୍ରୀ ସମୀକ୍ଷା ନ କରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ଶ୍ରୀ ମିଶ୍ର କହିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଲେଖାଶ୍ରୀ ସାମନ୍ତସିଂହାର, କାଳନ୍ଦୀ ସାମଲ, ଟଙ୍କଧର ତ୍ରିପାଠୀ ଓ ଉମାକାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ପବିତ୍ର ଓଡିଆ ନବବର୍ଷ ଅବସରରେ ଜନହିତକର କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୫/୪ (ନି.ପ୍ର): ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡିଆ ନବବର୍ଷକୁ ଏକ ନିଆରା ଢଙ୍ଗରେ ପାଳନ କରିଛି ଦୀର୍ଘ ୨୮ ବର୍ଷରୁ ଊର୍ଦ୍ଧ୍ୱକାଳ ଧରି ସାଂସ୍କୃତିକ, ସମାଜସେବା ତଥା ଜନହିତକର କାର୍ଯ୍ୟକ୍ରମକୁ ଉଲ୍ଲେଖନୀୟ ଅବଦାନ ଦେଇଆସୁଥିବା ରାଜ୍ୟର ଅଗ୍ରଣୀ ସାମାଜିକ ତଥା ସାଂସ୍କୃତିକ ଅନୁଷ୍ଠାନ ନୀଳାଦ୍ରିବିହାର ଯୁବ ଓ ସାଂସ୍କୃତିକ ସଂଘ। ଦୀର୍ଘ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କରୋନା ମହାମାରୀରେ କବଳିତ ବିଭିନ୍ନ ଥଇଥାନ କେନ୍ଦ୍ରରେ କାଳାତିପାତ କରୁଥିବା ଅନାଥ, ଦିବ୍ୟାଙ୍ଗ, ବାସହୀନ ଓ ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀମାନଙ୍କୁ ସହାୟତାର ହାତ ବଢାଇଛି ସଂଘ। ସରକାରଙ୍କ କରୋନା କଟକଣାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ୍ଷ ଭାବରେ ଛାତ୍ରଛାତ୍ରୀମାନଙ୍କ ପାଖରେ ପହଞ୍ଚି ପାରୁନଥିବା ପରିପ୍ରେକ୍ଷୀରେ ସଂଘର ସଭାପତି ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଏହି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରୁଥିବା ଅଗ୍ରଣୀ ସାମାଜିକ ଅନୁଷ୍ଠାନ କାଞ୍ଚନ ଫାଉଣ୍ଡେସନକୁ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିତରଣ ପାଇଁ ବସ୍ତ୍ର,ଖାଦ୍ୟ ପାନୀୟ ତଥା ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ହସ୍ତାନ୍ତର କରାଯାଇଛି। ଉତ୍ସବରେ ଉପସ୍ଥିତ ଫାଉଣ୍ଡେସନ୍‌ର ସଭାପତି ଶ୍ରୀ ତାପସ ରନ ମଲ୍ଲିକ୍ ଏବଂ ଉପଦେଷ୍ଟା ଶ୍ରୀ ଶୁଭଜିତ୍ ପଣ୍ଡା ସଂଘର ଏହି ନିଆରା ଉଦ୍ୟମକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ମିଳିତ ଭାବରେ କାର୍ଯ୍ୟକରିବାକୁ ଆହ୍ୱାନ ଦେଇଥିଲେ।

# ଫିକା ପଡୁଛି 'ଟିକା ଉତ୍ସବ' : ୧୦ ଜିଲ୍ଲାରେ ଟିକାକରଣ ଅଟକିଲା




ଭୁବନେଶ୍ୱର ,୧୫/୪ (ନି.ପ୍ର): ରାଜ୍ୟରେ ଟିକାର ଅଭାବ ଜାରି ରହିଛି। ଗତକାଲି ୧୧ଜିଲ୍ଲାରେ ଟିକାକରଣ ବନ୍ଦ ହୋଇଥିବା ବେଳେ ଆଜି ୧୦ଟି ଜିଲ୍ଲାରେ ଏହାର ପ୍ରଭାବ ଦେଖିବାକୁ ମିଳିଛି। ତେଣୁ ରାଜ୍ୟରେ ଦୈନିକ ୨ଲକ୍ଷ ଟିକାକରଣ ଲକ୍ଷ୍ୟ ବାଧାପ୍ରାପ୍ତ ହୋଇଛି। ଏପରିକି ଦୈନିକ ୧ଲକ୍ଷ ଲୋକଙ୍କୁ ମଧ୍ୟ ଟିକା ଦେବା ସମ୍ଭବ ହେଉନାହିଁ। ଅପରପକ୍ଷରେ ରାଜ୍ୟରେ ଏବେ ଯେତିକି ଟିକା ମହଜୁଦ ଅଛି, ତାହିଁରେ ଆସନ୍ତା ୨ଦିନ ଟିକାକରଣ ହୋଇପାରିବ ବୋଲି କୁହାଯାଉଛି। ତେଣୁ ଖୁବଶୀଘ୍ର ଆଉ ଟିକା ନ ଆସିଲେ ଟିକାକରଣ ସଂପୂର୍ଣ୍ଣ ବନ୍ଦ ହୋଇଯିବା ନେଇ ଆଶଙ୍କା ଦେଖାଗଲାଣି। ରାଜ୍ୟରେ ଆଜି ୫୫୬ ଟିକାଦାନ କେନ୍ଦ୍ରରେ ଟିକାକରଣ ହୋଇଛି। ଏଥିରେ ୬୩ଟି କେନ୍ଦ୍ର କେବଳ 'କୋଭାକ୍ସିନ୍' ଟିକା ଦିଆଯାଇଛି। ବେ?ଦ୍ଧ, ଗଜପତି, ଯାଜପୁର, ଝାରସୁଗୁଡ଼ା, କନ୍ଧମାଳ, କେନ୍ଦ୍ରାପଡ଼ା, କୋରାପୁଟ, ନବରଙ୍ଗପୁର ଓ ସୋନପୁର ଜିଲ୍ଲାରେ ଟିକାକରଣ ହୋଇପାରି ନାହିଁ। ଫଳରେ ରାଜ୍ୟରେ 'ଟିକା ଉତ୍ସବ' ସଂପୂର୍ଣ୍ଣ ଫିକା ପଡ଼ିଛି। ଏପରିକି ୮ଟି ଜିଲ୍ଲାରେ ୧୦ରୁ କମ୍ ଅଧିବେଶନ ସମ୍ଭବ ହୋଇପାରିଛି। ଆଜି ୪୫ବର୍ଷରୁ ଅଧିକ ୫୮,୧୮୨ ଜଣଙ୍କୁ ପ୍ରଥମ ଓ ୧୧,୮୫୪ଜଣଙ୍କୁ ଦ୍ୱିତୀୟ ଡୋଜ୍ ଟିକା ଦିଆଯାଇଛି। ଆଜି କୌଣସି ବ୍ୟକ୍ତିଙ୍କଠାରେ ଟିକାର ପାର୍ଶ୍ୱ ପ୍ରତିକ୍ରିୟା ଦେଖିବାକୁ ମିଳିନାହିଁ। ରାଜ୍ୟରେ ସମୁଦାୟ ୪୬ଲକ୍ଷ ୫୬ହଜାର ୪୫୦ଜଣ ଟିକା ନେଇ ସାରିଲେଣି। ରାଜ୍ୟରେ ପଞ୍ଜୀକୃତ ସ୍ୱାସ୍ଥ୍ୟକର୍ମୀଙ୍କ ମଧ୍ୟରୁ ୯୫.୨ ପ୍ରତିଶତ ପ୍ରଥମ ଓ ୮୬.୬ ପ୍ରତିଶତ ଦ୍ୱିତୀୟ ଡୋଜ୍ ଟିକା ନେଇ ସାରିଲେଣି। ସେହିପରି ଆଗଧାଡ଼ିର ଯୋଦ୍ଧାଙ୍କ ମଧ୍ୟରୁ ୮୬.୨ ପ୍ରଥମ ଓ ୮୫.୨ ଦ୍ୱିତୀୟ ଡୋଜ୍ ଟିକା ଦିଆଯାଇଛି। ଅପରପକ୍ଷରେ ଆସନ୍ତାକାଲି ସବୁ ଜିଲ୍ଲାରେ ଟିକାକରଣ ହେବ ବୋଲି ସୂଚନା ଦେଇଛନ୍ତି ରାଜ୍ୟ ଟିକାକରଣ ନୋଡାଲ ଅଧିକାରୀ ଡା.ବିଜୟ ପାଣିଗ୍ରାହୀ। ମାତ୍ର ରାଜ୍ୟରେ ଯଥେଷ୍ଟ ପରିମାଣର ଟିକା ନ ଥିବାରୁ ସର୍ବାଧିକ ୨ଦିନ ଟିକାକରଣ ସମ୍ଭବ ହୋଇପାରିବ। ରାଜ୍ୟକୁ ପରବର୍ତ୍ତୀ ଟିକା କେବେ ଆସିବ ତାହା କେନ୍ଦ୍ର ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇ ନ ଥିବା ସେ କହିଛନ୍ତି। ଗତକାଲି ରାଜ୍ୟରେ ୨ଲକ୍ଷ ଡୋଜ୍‌ର 'କୋଭାକ୍ସିନ୍' ଟିକା ପହଞ୍ଚିଛି। ମାତ୍ର ରାଜ୍ୟବ୍ୟାପୀ ଦିଆଯାଉଥିବା 'କୋଭିସିଲ୍‌ଡ' ଟିକାର ଯୋଗାଣରେ ଅନିୟମିତତା ଦେଖିବାକୁ ମିଳିଛି।

## ବିଜେପିରେ ସାମିଲ ହେଲେ ଧର୍ମଶାଳାର କଂଗ୍ରେସ ନେତ୍ରୀ ସ୍ମୃତିରେଖା ପହି

ଭୁବନେଶ୍ୱର,୧୫/୪ (ନି.ପ୍ର): ଧର୍ମଶାଳା ନିର୍ବାଚନମଣ୍ଡଳୀର କଂଗ୍ରେସ ବିଧାୟିକା ପ୍ରାର୍ଥୀନୀ ତଥା ପୂର୍ବତନ ମୁଖପାତ୍ର ସ୍ମୃତିରେଖା ପହି ଏବଂ ତାଙ୍କର ଶତାଧିକ ସମର୍ଥକ ବୁଧବାର ବିଜେପିରେ ସାମିଲ ହୋଇଛନ୍ତି। ରାଜ୍ୟସଭାପତି ସମୀର ମହାନ୍ତି ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ରାଜ୍ୟ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ କଂଗ୍ରେସର ବରିଷ୍ଠ ନେତା ପ୍ରାର୍ଥ ସାରଥୀ ପହି, ହୃଷି ପାଣି, ରବିନ୍ଦ୍ର ମଲ୍ଲିକ, ପୂର୍ବତନ ସରପଂଚ ଓ ବ୍ଲକ ସଭାପତି ବନମାଳୀ ରାଉତ, ବିଭୂତି ଭୂଷଣ ଜେନା, ପୂର୍ଣ୍ଣ ତରାଇ, ଅରୁଣ ଲେଙ୍କା, ହରି ମଲ୍ଲିକ, କଂଗ୍ରେସ ସଂଖ୍ୟା ଲଘୁ ନେତା ଶେଖ ମୁକ୍ତାର, ଶେଖ ଅଲ୍ଲିମୁଦ୍ଦିନ, ଅଚ୍ୟୁତାନନ୍ଦ ଜେନାଙ୍କ ସମେତେ ଶତାଧିକ କଂଗ୍ରେସ ଓ ବିଜେଡି କର୍ମୀ ବିଜେପିରେ ସାମିଲ ହୋଇଛନ୍ତି। ଅନୁଗୋଳ ଜିଲ୍ଲାର ଛେଣ୍ଡିପଦା ନିର୍ବାଚନମଣ୍ଡଳୀର ଜରପଡା ଜୋନ୍ କଂଗ୍ରେସ ସଭାପତି ଚିତ୍ରସେନ ସାହୁ, ବିଜେଡି ନେତା ହୃଷିକେଶ ସାହୁ, ନିରଞ୍ଜନ ସାହୁ, କ୍ଷୀରୋଦ ପ୍ରଧାନ, ନିରାକାର ପ୍ରଧାନ, ଭୀଷ୍ମ ସାହୁ ପ୍ରମୁଖ ବିଦ୍ଧିବଦ୍ଧ ଭାବେ ବିଜେପିରେ ସାମିଲ ହୋଇଛନ୍ତି।

# କଟକରେ ସିଲଭର ସିଟି ବୋଟ୍ କ୍ଲବ ଲୋକାର୍ପିତ

କଟକ/ଭୁବନେଶ୍ୱର,୧୫/୪ (ନି.ପ୍ର): କଟକର ସିଲଭର ସିଟି ବୋଟ କ୍ଲବକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଏକ ଭର୍ଚୁଆଲ ପ୍ଲାଟଫର୍ମରେ ଲୋକାର୍ପିତ କରିଛନ୍ତି। ମହାନଦୀ ଜଳ ଭିତିକ ମନୋରଞ୍ଜନକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଉକ୍ତ ବୋଟ କ୍ଲବ୍‌ଟି ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ମାଧ୍ୟମରେ ଓଡିଶା ପର୍ଯ୍ୟଟନ ସହାୟତାରେ ୨ କୋଟି ଟଙ୍କା ବିନିଯୋଗରେ ନବୀକରଣ କରାଯାଇଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜଳରାଶି ଅନ୍ତର୍ଭୁକ୍ତ ରାଜ୍ୟର ପର୍ଯ୍ୟଟନ ସମ୍ଭାବନାକୁ ସଂଯୋଗ କରିବା ପାଇଁ ଆମେ ଚିହ୍ନଟ କରିଥିବା ପର୍ଯ୍ୟଟନସ୍ଥଳୀଗୁଡ଼ିକର ଭିତିଭୂମିର ବିକାଶ କରୁଛୁ। ମହାନଦୀର ଏହି ମନୋଜ୍ଞ ପରିବେଶରେ ମନୋରଞ୍ଜନ ଓ ଦୁଃସାହସିକ ଜଳକ୍ରୀଡ଼ା ଭିତିକ ପର୍ଯ୍ୟଟନ ହବ୍ ପ୍ରତିଷ୍ଠା କରିବାରେ ସହାୟତା କରିବ। ଫନି ଦ୍ୱାରା ପ୍ରତିକୂଳ ପ୍ରଭାବିତ ଏହି ବୋଟ କ୍ଲବରେ ଭିତିଭୂମି ଏକ ଫ୍ଲୋଟିଂ ଜେଟି, ଲାଇଫଗାର୍ଡ, ଟଏଲେଟ୍ କମ୍ପ୍ଲେକ୍ସ, ରେଷ୍ଟୁରାଂଟ ଏବଂ ପର୍ଯ୍ୟାପ୍ତ ପାର୍କିଂ ସ୍ଥାନ ଏବଂ ପିଲାମାନଙ୍କ ଖେଳ ପଡ଼ିଆ ସହିତ ଏକ ପାର୍କ ଅନ୍ତର୍ଭୁକ୍ତ କରିବା ପାଇଁ ନବୀକରଣ କରାଯାଇଛି। ଅତିରିକ୍ତ ଭାସମାନ ଜେଟି ଯୋଡିବା ପାଇଁ ଭିତିଭୂମି ପର୍ଯ୍ୟାୟକ୍ରମେ ଆହୁରି ବୃଦ୍ଧି କରାଯିବ। ଏଠାରେ ଜେଟ ସ୍କି, ସ୍ପିଡ୍ ବୋଟ, ଡେ କ୍ରୁଜ୍, ବାନାନା ବୋଟ, ଇନଫ୍ଲେଟେବୁଲ୍ ବୋଟ୍, ୱାଟର ସ୍କୁଟର, ଫ୍ଲୋଟିଂ କାଫେ, କାୟାକିଂ, କାନୋଇଙ୍ଗ, ପେଡାଲ୍ ବୋଟ୍, ସ୍କୁବା ଡାଇଭିଂ ଇତ୍ୟାଦି ସୁବିଧା ମିଳିବ। ଉକ୍ତ ବୋଟ କ୍ଲବରେ ଅପରେଟରମାନଙ୍କୁ ସାଧାରଣ ଭିତିଭୂମି ଏବଂ ଉପଭୋକ୍ତା ଫି ମଡେଲରେ ପରିଚାଳନା କରିବାକୁ ଅନୁମତି ଦିଆଯିବ । ସେହିପରି ସାଂସଦ ସୁବାସ ସିଂ ସିଲଭର ସିଟି କ୍ଲବରେ ରାତି ରହଣି ପାଇଁ ଅତିରିକ୍ତ ଗୃହ ନିର୍ମାଣ ଉପରେ ଗୁରୁତ୍ୱାରୋପ କରିଥିଲେ ଯାହା ବିଭିନ୍ନ କୋଣରୁ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ । ରାଜ୍ୟର ସୁବର୍ଣ୍ଣ ତ୍ରିଭୁଜରେ କଟକ ସହରକୁ ସଂଯୋଗ କରିବାକୁ ସେ ଅନୁରୋଧ କରିଛନ୍ତି ଯାହା ପର୍ଯ୍ୟଟକଙ୍କୁ କଟକ ଭ୍ରମଣର ସୁଯୋଗ ସୃଷ୍ଟି କରିବ । କଟକ ସାଂସଦ ଭର୍ତୃହରି ମହତାବ ସାମୁଦ୍ରିକ ସଂଗ୍ରାହଳୟକୁ ଓଡ଼ିଶାର ପର୍ଯ୍ୟଟନ ମାନଚିତ୍ରରେ ଅନ୍ତର୍ଭୁକ୍ତ କରିବା ଏବଂ ନିକଟସ୍ଥ ଅନ୍ୟ ପର୍ଯ୍ୟଟନ ସ୍ଥାନଗୁଡ଼ିକର ସମ୍ଭାବନାକୁ ଅନୁସନ୍ଧାନ କରି ଭିତିଭୂମିର ବିକାଶ କରିବା ପାଇଁ ଅନୁରୋଧ କରିଥିଲେ । ପର୍ଯ୍ୟଟନ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଲ କୁମାର ଦେବ ସମଗ୍ର ରାଜ୍ୟରେ ନିର୍ଦ୍ଦିଷ୍ଟ ପର୍ଯ୍ୟଟନ ସ୍ଥଳୀର ବିକାଶ ରଣନୀତି ବିଷୟରେ ଉଲ୍ଲେଖ କରିଥିଲେ ।ସମାବେଶକୁ ସମ୍ବୋଧିତ କରି ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହି କହିଥିଲେ ଯେ ଏହି ପ୍ରକଳ୍ପ ମୌଳିକ ଭିତିଭୂମି ସହିତ ଏକାଧିକ ଜଳକ୍ରୀଡ଼ା ଅପରେଟରଙ୍କୁ ସମର୍ଥନ କରିବ ଏବଂ କଟକ ତଥା ନିକଟବର୍ତ୍ତୀ ଜିଲ୍ଲାମାନଙ୍କରେ ଜଳ ଭିତିକ ପର୍ଯ୍ୟଟନ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବା ପାଇଁ ଏହା ତିଆରି ହୋଇଛି । ଅଦ୍ୟାବଧି ଦୁଇଗୋଟି ଅପରେଟର ଜଳକ୍ରୀଡ଼ା କରିବା ପାଇଁ ସ୍ୱୀକୃତ କରାଯାଇଛି ଏବଂ ପରବର୍ତ୍ତୀ ସମୟରେ ଅଧିକ ଅପରେଟରଙ୍କୁ ନିୟୋଜନ କରିବା ପାଇଁ ପଦକ୍ଷେପ ନିଆଯାଉଛି। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ସୌଭିକ୍ ବିଶ୍ୱାଳ, ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ,ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମର ଅଧକ୍ଷା ଶ୍ରୀମତୀ ଶ୍ରୀମୟୀ ମିଶ୍ର ,ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ ଏବଂ କଟକର ଜିଲ୍ଲାପାଳ ଭବାନୀ ଶଙ୍କର ଚୟିନି ଏହି ସମାରୋହରେ ଉପସ୍ଥିତ ଥିଲେ।

# ଉତ୍କଳ ସମ୍ମିଳନୀ ପକ୍ଷରୁ ଓଡିଆ ନବବର୍ଷ ପାଳିତ

ଭୁବନେଶ୍ୱର,୧୫/୪ (ନି.ପ୍ର): ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟି ପକ୍ଷରୁ ବୁଧବାର ପଣା ସଂକ୍ରାନ୍ତି ଓଡ଼ିଆ ନୂଆ ବର୍ଷ ନିରାଡମ୍ବରରେ ପାଳନ କରାଯାଇଛି। ଏହି ଅବସରରେ ସଭାପତି ବସନ୍ତ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତା ଏବଂ ସାଧାରଣ ସଂପାଦକ ଡା. ରାଧାନାଥ ପ୍ରହରାଜଙ୍କ ପରିଚାଳନାରେ କୋଭିଡ୍-୧୯ ରୋଗ ପ୍ରତିରୋଧ ନିୟମାବଳୀ ଅନୁସରଣ କରାଯାଇ ନୂଆ ଗାଁ ଠାରେ ଏକ ସଭା ଅନୁଷ୍ଠିତ ହୋଇ ଏଥିରେ ସଂପ୍ରତି ରାଜ୍ୟର ସୀମା, ଜଳ, ଖଣିଜ ପଦାର୍ଥ ଏବଂ ସରକାରଙ୍କ ବାରମ୍ବାର ନିଷ୍ପତି ଓ ପ୍ରତିଶ୍ରୁତି ସତ୍ତ୍ୱେ ସରକାରୀ ନଥିରେ ଓଡ଼ିଆ ଭାଷା ବାଧ୍ୟତାମୂଳକ ଭାବରେ ଲେଖାନଯିବା ଓ ଏହାର ଖିଲାପକାରୀମାନଙ୍କୁ ଦଣ୍ଡ ଦିଆନଯିବା ନେଇ ଦେଖା ଦେଇଥିବା ସମସ୍ୟା ଉପରେ ବିଭିନ୍ନ ଦୃଷ୍ଟିକୋଣରୁ ଆଲୋଚନା କରାଯାଇଥିଲା। ପଡୋଶୀ ରାଜ୍ୟମାନଙ୍କ ପକ୍ଷରୁ ବିଶେଷ କରି ଆନ୍ଧ୍ରପ୍ରଦେଶର ଆମ ରାଜ୍ୟ ଉପରେ ସୁଚିନ୍ତିତ ଆକ୍ରମଣ ଆମ୍ଭମାନଙ୍କୁ ଆଉ ଏକ ସ୍ୱାଧୀନତା ସଂଗ୍ରାମର ସୂଚନା ଦେଲାଣି କି ବୋଲି ସଭାରେ ଆଶଙ୍କା ପ୍ରକାଶ ପାଇବା ସହ ଏଥିପାଇଁ ରାଜ୍ୟବାସୀ ସଜାଗ ରହିବାକୁ ଅନୁରୋଧ କରାଯାଇଥିଲା।

## ଓଏମ୍‌ସି ଖଣିଜ ପଦାର୍ଥ ବିକ୍ରିରେ ସ୍ୱଚ୍ଛତା ପାଇଁ ଆଇଟି ବ୍ୟବସ୍ଥା: ଜିଆଇଓଏମ୍, ଭିମ୍‌ସର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୫/୪ (ନି.ପ୍ର): ଏଣିକି ଓଡ଼ିଶା ଖଣିଜ ନିଗମ (ଓଏମ୍‌ସି)ରୁ ଭେଣ୍ଡରମାନେ ପ୍ରଯୁକ୍ତି ବିଦ୍ୟା ସହାୟତାରେ ସ୍ୱୟଂକ୍ରିୟ ପଦ୍ଧତିରେ ଖଣିଜ କଞ୍ଚାମାଲ ପାଇପାରିବେ। ଆଜି ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଆଇଓଏମ୍ ଓ ଭିମ୍‌ସ୍ ପରି ଦୁଇଟି ଆଇଟି ବ୍ୟବସ୍ଥାର ଶୁଭାରମ୍ଭ କରିଛନ୍ତି। ଏହାସହିତ ଓଏମ୍‌ସିର କନିଷ୍ଠ ବର୍ଗରେ ୧୦୦ ଜଣ କାର୍ଯ୍ୟନିର୍ବାହୀ ସହାୟକଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ନୂଆ ନିଯୁକ୍ତି ପାଇଥିବା କାର୍ଯ୍ୟନିର୍ବାହୀ ସହାୟକମାନେ ଯେପରି ଦକ୍ଷତାର ସହ ମିଳିତ ଭାବେ ରାଜ୍ୟ ପାଇଁ କାମ କରିବେ ସେ ନେଇ ମୁଖ୍ୟମନ୍ତ୍ରୀ ଗୁରୁ ମନ୍ତ୍ର ଦେଇଛନ୍ତି। ଖାଲି ସେତିକି ନୁହେଁ ଚାକିରିକାଳ ଭିତରେ ନିଜର କର୍ତ୍ତବ୍ୟ ସମ୍ପାଦନ ବେଳେ ପ୍ରଶାସନିକ ସଂସ୍କାର କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବଳିଷ୍ଠ ପଦକ୍ଷେପ ଭାବେ ସାବ୍ୟସ୍ତ ହୋଇଥିବା ୫'ଟି' ସ୍ୱଚ୍ଛତାକୁ ମୂଳ ମନ୍ତ୍ର ଭାବେ ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଲୋକସେବା ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟର ଆର୍ଥିକ ବିକାଶରେ ଓଡ଼ିଶା ଖଣି ନିଗମର ଅବଦାନ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଥିଲେ। ଏହାସହିତ ନିଗମର ସାମାଜିକ ଦାୟିତ୍ୱବୋଧ ଯୋଗୁ ଅନେକ ସାମାଜିକ କାର୍ଯ୍ୟ ସମ୍ଭବ ହୋଇପାରିଥିବା ନେଇ ସେ ମତବ୍ୟକ୍ତ କରିଥିଲେ। ବିଶେଷକରି ଖଣି ପରିଚାଳନାରେ ଓଏମ୍‌ସିର ଦକ୍ଷତା ବୃଦ୍ଧି ପାଇଁ ପ୍ରଯୁକ୍ତି ବିଦ୍ୟା ପ୍ରୟୋଗ କରି କିପରି ଅଧିକରୁ ଅଧିକ ସ୍ୱଚ୍ଛତା ଆସିପାରିବ ତାକୁ ସରକାର ଗୁରୁତ୍ୱ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ 'ଗନ୍ଧମାର୍ଦ୍ଦନ ଲୁହା ପଥର ଖଣିରୁ ଖଣି ଚାଲାଣ ବ୍ୟବସ୍ଥାକୁ ସ୍ୱୟଂକ୍ରିୟ (ଜିଆଇଓଏମ୍) କରାଯାଇଛି। ଫଳରେ ନିର୍ଦ୍ଧାରିତ ସମୟରେ ଲୁହାପଥର ଚାଲାଣ, ବିକ୍ରି କ୍ଷେତ୍ରରେ ଗୁଣାତ୍ମକ ମାନ ଆସିବା ସହିତ ସ୍ୱଚ୍ଛତା ବଜାୟ ରହିବ। ସେହିପରି ଓଏମ୍‌ସି ଠାରୁ ଲୁହାପଥର ଓ ଅନ୍ୟ ଖଣିଜ ପଦାର୍ଥ କିଣିବାକୁ ଇଚ୍ଛୁକ ଗ୍ରାହକମାନେ ଭେଣ୍ଡର ଇନଭଏସ୍ ମ୍ୟାନେଜମେଣ୍ଟ୍ ସିଷ୍ଟମ୍ (ଭିମ୍‌ସ) ଜରିଆରେ ଅନ୍‌ଲାଇନରେ ବୁକ୍ କରିବା ସହିତ ନିର୍ଦ୍ଧାରିତ ସମୟରେ ଅର୍ଥ ପଇଠ କରିପାରିବେ। ଏହି ଦୁଇଟି ଆଇଟି ବ୍ୟବସ୍ଥା ଓଏମ୍‌ସିର ଖଣି ପରିଚାଳନାରେ ଆହୁରି ଦକ୍ଷତା ଓ ସ୍ୱଚ୍ଛତା ଆଣିପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଇସ୍ପାତ ଓ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କହିଥିଲେ, ୧୯୫୬ ମସିହାରୁ ଓଏମ୍‌ସି ରାଜ୍ୟର ବିକାଶ କ୍ଷେତ୍ରରେ ମହତ୍ୱପୂର୍ଣ୍ଣ ଅବଦାନ ଦେଇଆସିଛି। ଏହି ଅବସରରେ ନବ ନିଯୁକ୍ତ କନିଷ୍ଠ ବର୍ଗ କାର୍ଯ୍ୟନିର୍ବାହୀ ସହାୟକମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ୫'ଟି' ସଚିବ ଭି.କେ ପାଣ୍ଡିଆନ୍ ସରକାରଙ୍କ ପ୍ରଶାସନିକ ସଂସ୍କାର ସମ୍ପର୍କରେ ଅବଗତ କରିବା ସହିତ ରାଜ୍ୟର ବିକାଶ କ୍ଷେତ୍ରରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ।

# ଭୀମସାରରେ ଖୋଲିବ ଦ୍ୱିତୀୟ କୋଭିଡ୍ ହସ୍‌ପିଟାଲ୍



ସମ୍ବଲପୁର/ଭୁବନେଶ୍ୱର ,୧୫/୪ (ନି.ପ୍ର): ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଆର୍ୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭୀମସାର)ରେ ହେବ ଦ୍ୱିତୀୟ କୋଭିଡ୍ ହସ୍ପିଟାଲ। ଭୀମସାରର ନବନିର୍ମିତ ମେଡିସିନ ୱାର୍ଡରେ ଏହି ହସ୍‌ପିଟାଲ୍ ଖୋଲାଯିବ ବୋଲି ଆଜି ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି। ଆଜି ଏଠାରେ ସମ୍ବଲପୁର, ଝାରସୁଗୁଡ଼ା ଓ ବରଗଡ଼ ଜିଲ୍ଲାର କୋଭିଡ୍ ସ୍ଥିତି ସମୀକ୍ଷା କରିବା ପରେ ସେ ଏହି ସୂଚନା ଦେଇଛନ୍ତି। ଶ୍ରୀ ମହାପାତ୍ର କହିଛନ୍ତି, ୧୦ ଦିନ ଭିତରରେ ଭୀମସାରରେ ଦ୍ୱିତୀୟ କୋଭିଡ୍ ହସ୍‌ପିଟାଲ୍ ପ୍ରସ୍ତୁତ ହୋଇଯିବ। ଏଠାରେ ୩୦୦ଟି ବେଡ୍ ରହିବ। ସେଥିମଧ୍ୟରୁ ୨୫୦ଟି ସାଧାରଣ ବେଡ୍ ରହିବ। ଏଥିରେ ଅକ୍ସିଜେନ୍ ବ୍ୟବସ୍ଥା ରହିବ। ବାକି ୫୦ଟି ବେଡ୍ ଆଇସିୟୁରେ ରହିବ। ସେ କହିଛନ୍ତି, ଭୀମସାରରେ ପୂର୍ବର ଥିବା କୋଭିଡ୍ ହସ୍ପିଟାଲର ଆଇସିୟୁରେ ୨୦ଟି ବେଡ୍ ରହିଛି। ଏବେ ଆଇସିୟୁରେ ଆଉ ୩୦ଟି ବେଡ୍‌ର ବ୍ୟବସ୍ଥା କରାଯିବ। ସେହିପରି ଏଠାରେ ୧୭୫ଟି ସାଧାରଣ ବେଡ୍ ରହିଛି। କେବଳ ଭୀମସାରରେ ୫୨୫ଟି ବେଡ୍ ପ୍ରସ୍ତୁତ ରଖିବାକୁ ଆମେ ଚେଷ୍ଟା କରୁଛୁ। ମୁଖ୍ୟ ଶାସନ ସଚିବ ଆହୁରି କହିଛନ୍ତି, ଆମେ ବରଗଡ଼ ଓ ଝାରସୁଗୁଡ଼ାର ସ୍ଥିତି ସଂପର୍କରେ ମଧ୍ୟ ସମୀକ୍ଷା କଲୁ। ଏବେ ସବୁଠି ଆବଶ୍ୟକ ପରିମାଣର ଔଷଧ ଓ ଅନ୍ୟାନ୍ୟ ଉପକରଣ ମହଜୁଦ ରହିଛି। ଛତିଶଗଡ଼ ଓ ଝାଡ଼ଖଣ୍ଡରେ ଦ୍ରୁତଗତିରେ ସଂକ୍ରମଣ ବଢୁଥିବାରୁ ତାକୁ ଦୃଷ୍ଟିରେ ରଖି ଆମେ ଆଗାମୀ ଦିନ ପାଇଁ ପ୍ରସ୍ତୁତ ହେବୁ। ଯେମିତି ବହୁ ପରିମାଣରେ ବେଡ୍, ଆଇସିୟୁ ଓ ଭେଣ୍ଟିଲେଟର ଆଦି ଉପଲବ୍ଧ ରହିବ ଏବଂ କୌଣସି ପ୍ରକାର ଅସୁବିଧା ହେବନି, ସେଥିପ୍ରତି ଦୃଷ୍ଟି ଦିଆଯିବ। ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ରଙ୍କ ସହିତ ସ୍ୱାସ୍ଥ୍ୟ ବିଭାଗ ଏସିଏସ୍ ପ୍ରଦୀପ୍ତ ମହାପାତ୍ର, ଡିଏମ୍‌ଇଟି ଓ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ସଂକ୍ରମଣକୁ ଦୃଷ୍ଟିରେ ରଖି ଆଜିଠାରୁ ଭୁବନେଶ୍ୱର ସ୍ଥିତ ଆଦିତ୍ୟ ଅଶ୍ୱିନୀ କୋଭିଡ୍ ହସ୍ପିଟାଲକୁ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି। ଭୁବନେଶ୍ୱର ମହାନଗର ନିଗମ ଏହି ନିଷ୍ପତ୍ତି ନେଇଛି। ଏଠାରେ ୧୫୦ଟି ଶଯ୍ୟା ଥିବା ବେଳେ ସମ୍ କୋଭିଡ ହସ୍ପିଟାଲର ଶଯ୍ୟା ସଂଖ୍ୟା ୨୫୦ରୁ ୫୦୦କୁ ବୃଦ୍ଧି କରାଯାଇଛି। ସୂଚନାଯୋଗ୍ୟ, ରାଜ୍ୟରେ ଦୈନିକ କରୋନା ସଂକ୍ରମଣ ବଢ଼ି ଚାଲିଛି। ଗତ ୨୪ ଘଣ୍ଟାରେ ରାଜ୍ୟରୁ ୨୨୬୭ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସମ୍ବଲପୁରରୁ ୧୨୦ ଜଣ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ୧୨୦ ଓ ଝାରସୁଗୁଡ଼ାରୁ ୫୫ ଜଣ ଚିହ୍ନଟ ହୋଇଛନ୍ତି। ସୁନ୍ଦରଗଡ଼ରୁ ସର୍ବାଧିକ ୪୫୮ ଜଣ ଚିହ୍ନଟ ହୋଇଛନ୍ତି। ସେହିପରି ପଶ୍ଚିମ ଓଡ଼ିଶାର ଆଉ ଦୁଇ ଜିଲ୍ଲା ବଲାଙ୍ଗୀର ଓ ନୂଆପଡ଼ାରୁ ଯଥାକ୍ରମେ ୯୩ ଓ ୧୦୪ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ଆମ୍ବେଦକର ଜୟନ୍ତି ପାଳିତ


ଖଇରା,୧୫/୪(ନିପ୍ର) ଖଇରା ବ୍ଲକ ନହଙ୍ଗ ଗ୍ରାମପଚାଂୟତ ଠାରେ ବି.ଆର.ଡ. ଆମ୍ବେଦକରଙ୍କର ଜନ୍ମ ଶତବାର୍ଷିକ ଉପଲକ୍ଷେ ଦୀନେଶ ଚନ୍ଦ୍ର ଦାସଙ୍କ ସଭାପତିତ୍ୱରେ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀରେ ପ୍ରେସିଡେ ଦୀନେଶ ଦାସ ଆମ୍ବେଦଙ୍କର ଜୀବନି ତଥା ତାଙ୍କର ଦେଶ ପାଇଁ ଗଢିଥିବା ସମ୍ବିଧାନ ବିଷୟରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ କମଳାକାନ୍ତ ବିଶ୍ୱାଳ, ନରେଶ ଚନ୍ଦ୍ର ବିଶ୍ୱାଳ, ବିକାଶ ଦାସ, ନାରାୟଣ ଧଳ, ଚନ୍ଦା ମହାପାତ୍ର, ଶଙ୍କର୍ଷଣ ବେହେରା, ଚଢେଇ ବେହେରା, ଏସ. କେ.ହେମତୁଲା ପ୍ରମୁଖ ଯୋଗଦେଇ ଆମ୍ବେଦକର ଜୀବନି ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ ।

# ଚୈତ୍ର ପର୍ବ ୨୦୨୧ : ଉତ୍ତର ସାହି ଓ ଦକ୍ଷିଣ ସାହି ଛଉ ନୃତ୍ୟ ପ୍ରତିଷ୍ଠାନ ଦ୍ୱାରା ଛଉ ନୃତ୍ୟ ପରିବେଶଣ



ବାରିପଦା,୧୫/୦୪ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲ ସଦରମହକୁମା ବାରିପଦା ଛଉ ପଡିଆଠାରେ ଜିଲ୍ଲା ପ୍ରସିଦ୍ଧ ଚୈତ୍ର ପର୍ବ ୨୦୨୧ ପାଳନ ଅବସରରେ ତା.୧୩.୦୪.୨୦୨୧ ରିଖରେ ଛଉ ମହୋତ୍ସବ କୋଭିଡ୍ ନିୟମ ଅନୁପାଳନ ଭିର୍ତିରେ ଅନୁଷ୍ଠିତ ହୋଇଯାଇଅଛି । ଚଳିତ ବର୍ଷ କୋଭିଡ୍ ନିୟମ କଟକଣା ଯୋଗୁଁ ସ୍ଥାନୀୟ ଜିଲ୍ଲା ପ୍ରଶାସନ ତରଫରୁ ସ୍ୱର୍ତ ମୂଳକ କୋଭିଡ୍ ନିୟମ ଅନୁପାଳନ ଅନୁସାରେ ମୟୂରଭଞ୍ଜ ଛଉ ନୃତ୍ୟ ଆନୁକୂଲ୍ୟରେ ଆୟୋଜିତ ଛଉନୃତ୍ୟ ମହୋତ୍ସବ ତିନି ଦିନ ପରିବର୍ତେ କେବଳ ଗୋଟିଏ ଦିନ ତା.୧୩.୦୪.୨୦୨୧ ରିଖରେ ସୀମିତ ସମୟ ମଧ୍ୟରେ ଆୟୋଜିତ ହୋଇଥିଲା । ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରମତୀ ତନୁଜା ସିଁକା ଙ୍କ ତତ୍ୱାବଧାନରେ ଉତର ସାହି ଓ ଦକ୍ଷିଣ ସାହି ଛଉ ନୃତ୍ୟ ପ୍ରତିଷ୍ଠାନର ସଭାପତି ଓ ସଂପାଦକ ତଥା ଗୁରୁ ଯଥା କ୍ରମେ ଦିଲ୍ଲୀପ ମିଶ୍ର, କୃଷ୍ଣ ଦାସ, ସୁଧିର ନାଏକ, କାର୍ତିକେଶ୍ୱର ରଣା ପ୍ରମୁଖଙ୍କ ଉପସ୍ଥିତରେ ଗୁରୁ ଦିଲ୍ଲୀପ ମିଶ୍ର ଓ ବିଘ୍ନରାଜ ଧଡାଙ୍କ ଦ୍ୱାରା ପ୍ରଦୀପ ପଜ୍ଜଳନ ପୂର୍ବକ ଆନୁଷ୍ଠାନିକ ଭାବେ ଚୈତ୍ର ପର୍ବ ୨୦୨୧, ଛଉ ନୃତ୍ୟ ମହୋତ୍ସବ ଶୁଭାରମ୍ଭ ହୋଇଥିଲା । ପାରମ୍ପାରିକ ରୀତି ନୀତି ଅନୁଯାଇ ଉତରସାହି ଓ ଦକ୍ଷିଣ ସାହି ଛଉ ନୃତ୍ୟ ପ୍ରତିଷ୍ଠାନର ବାଦ୍ୟକଳାକାର ମାନଙ୍କ ଦ୍ୱାରା ମାଙ୍ଗଲ୍ୟ ଛଉ ବାଦ୍ୟ ସୁର ଝଙ୍କାର ପରେ ପ୍ରଥମେ ଦକ୍ଷିଣ ସାହି ଛଉନୃତ୍ୟ ପ୍ରତିଷ୍ଠାନର କଳାକାର ମାନଙ୍କ ଦ୍ୱାରା ଛଉନୃତ୍ୟ ଆରମ୍ଭ ହୋଇ ପର୍ଯ୍ୟାୟ କ୍ରମେ ଉଭୟ ଛଉନୃତ୍ୟ ପ୍ରତିଷ୍ଠାନ ତରଫରୁ ପ୍ରତ୍ୟେକ ତିନୋଟି ଲେଖାଏଁ ମୋଟ ୬ ଟି ନୃତ୍ୟ ପରିବେଶଣ କରିଥିଲେ । ଏଥିରେ ଦକ୍ଷିଣ ସାହି ଛଉନୃତ୍ୟ ପ୍ରତିଷ୍ଠାନ ପକ୍ଷରୁ କିରାଟ ଅର୍ଜୁନ, ମେଘ ମୟୂରୀ ଓ ନିଶି ମିଳନ ପରିବେଶଣ କରିଥିବାବେଳେ ଉତର ସାହି ଛଉ ନୃତ୍ୟ ପ୍ରତିଷ୍ଠାନ ପକ୍ଷରୁ ମାତୃପୂଜା, ତାମୁଡିଆ କୃଷ୍ଣ ଓ କାଳଚକ୍ର ଶିର୍ଷକ ଆଦି ପୌରାଣିକ ଓ ସାମାଜିକ କଥାବସ୍ତୁ ଅଧାରିତ ଚିତାକର୍ଷକ ଛଉନୃତ୍ୟ ପରିବେଶଣ କରାଯାଇଥିଲା ଯାହାକି ଉପସ୍ଥିତ ଛଉନୃତ୍ୟ କଳାପ୍ରେମୀ ଦର୍ଶକ ଦର୍ଶିକା ମାନଙ୍କ ମନକୁ ମୋହିତ କରିଥିଲା । ପ୍ରାରମ୍ଭରେ ଉତର ସାହି ଛଉନୃତ୍ୟ ପ୍ରତିଷ୍ଠାନର ସଂପାଦକ ଶ୍ରୀ ସୁଧିର ନାଏକ ସ୍ୱାଗତ ସମଭାଷଣ ପ୍ରଦାନ କରିଥିବାବେଳେ ଦକ୍ଷିଣ ସାହି ଛଉନୃତ୍ୟ ପ୍ରତିଷ୍ଠାନ ତରଫରୁ ଅଧାପକ ଶିବନାରାୟଣ ମିଶ୍ର ଓ ଉତର ସାହି ଛଉନୃତ୍ୟ ପ୍ରତିଷ୍ଠାନ ତରଫରୁ ଶ୍ରୀମାନ ପଦ୍ମନାଭ ଉପସ୍ଥାପକ ତଥା ଭାଷ୍ୟକାର ଭାବେ କାର୍ଯ୍ୟ ପରିଚାଳନା କରିଥିଲେ । ଜିଲ୍ଲା ଆରକ୍ଷୀ ବିଭାଗ ତତ୍ୱାବଧାନରେ ଶାନ୍ତି ଶୁଙ୍ଖଳାର ସହିତ ଚୈତ୍ର ପର୍ବ ଛଉନୃତ୍ୟ ଉତ୍ସବ ସମ୍ପନ୍ନ ହୋଇଥିଲା ।

# ପାରାଦ୍ୱୀପ ପୋର୍ଟ ୱାର୍କର୍ସ ୟୁନିୟନରେ ନୂତନ ଗଜାନନ ମୂର୍ତ୍ତି ସ୍ଥାପିତ ଓ ପଣା ସଂକ୍ରାନ୍ତି ପାଳିତ



ପାରାଦ୍ୱୀପ,୧୫/୦୪ (ନି.ପ୍ର): ପାରାଦ୍ୱୀପ ପୋର୍ଟ ୱାର୍କର୍ସ ୟୁନିନୟ ରେ ବୁଧବାର ଓଡିଆ ନବବର୍ଷ ଓ ମହାବିଷୁବ ପଣା ସଂକ୍ରାନ୍ତି ଅବସରରେ ୟନିୟନ ପରିସରରେ ଏକ ନୂତନ ବିଘ୍ନ ବିନାଶକ ଗଜାନନ ଙ୍କ ମୂର୍ତ୍ତି ସ୍ଥାପନ କରାଯାଇଥିଲା । ଏହି ଅବସରରେ ପୂଜା ଅର୍ଚ୍ଚନା ସମେତ ସମସ୍ତଙ୍କୁ ପଣା ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୟୁନିୟନ ସଭାପତି ରାଜେନ୍ଦ୍ର ପ୍ରସାଦ ସିଂ, ଉପସଭାପତି ଅମୃତ ଦାସ, ସାଧାରଣ ସମ୍ପାଦକ ନୃସିଂହ ପ୍ରସାଦ ଶତପଥି, କାର୍ଯ୍ୟକାରୀ ସଭାପତି ଅନନ୍ତ ଦାସ, କୋଷାଧକ୍ଷ ବ୍ରିଜେଶ ଲେଙ୍କା, ସହ ସମ୍ପାଦକ ଗୁରୁପଦ ମିଶ୍ର ଙ୍କ ସମେତ ପାରାଦ୍ୱୀପ ପୋର୍ଟ ଡକ୍ ଆଣ୍ଡ ଟ୍ରାନ୍ସପୋର୍ଟ ୱାର୍କର୍ସ ୟୁନିୟନ ର ସାଧାରଣ ସମ୍ପାଦକ କୃଷ୍ଣ ଚନ୍ଦ୍ର ନାୟକ, କାର୍ଯ୍ୟକାରୀ ସଭାପତି ଗୁଣନିଧି ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମ ରେ କୋଭିଡ୍-୧୯ ନିୟମାବଳୀ ଉପରେ ଗୁରୁତ୍ୱ ଦିଆଯାଇ କରାଯାଇଥିବା ୟୁନିୟନର ଗଣମାଧ୍ୟମ ଅଧିକାରୀ ଇଂ ପ୍ରଭାସ ଚନ୍ଦ୍ର ସ୍ୱାଇଁଙ୍କ ଠାରୁ ପ୍ରକାଶ ।

## କନ୍ତିଆରେ ମହାବିଷୁବ ସଂକ୍ରାନ୍ତି ପାଳିତ



ଖଇରା,୧୫/୪(ନିପ୍ର)ଖଇରା ବ୍ଲକ ବର୍ଦ୍ଧନା ପଚାଂୟତ କନ୍ତିଆ ଗ୍ରାମରେ ଥିବା ମା କନ୍ତିଆଶୁଣି ପୀଠେରେ କରୋନା ନୀତିନିୟମ ଅନୁଯାୟୀ ମହାବିଷୁବ ସଂକ୍ରାନ୍ତି ପାଳିତ ହୋଇଯାଇଛି । ମନ୍ଦିରର ପ୍ରତିଷ୍ଠାତା ମହେନ୍ଦ୍ର କୁମାର ପଣ୍ଡା, ଲକ୍ଷ୍ମୀପ୍ରିୟା ପଣ୍ଡାଙ୍କ ଦ୍ୱାରା ପୂଜା କାଯ୍ୟ ସମ୍ପନ୍ନ ହୋଇଥିଲା । ସଂଧ୍ୟାରେ ଭଜନ କାଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗ୍ରୀଷ୍ମ ପ୍ରବାହକୁ ନଜରେ ରଖି ନଳକୂପ ଖନନ କରାଯାଇଥିଲା । ଦିବସ ବ୍ୟାପି କାଯ୍ୟକ୍ରମ ପରିଚାଳନାରେ ଦେବେନ୍ଦ୍ର ପଣ୍ଡା, ପ୍ରଫୁଲ୍ଲ ମିଶ୍ର, ସର୍ବେଶ୍ୱର ମିଶ୍ର, ଭଗବାନ ଓଝା, ମାଳତୀ ପଣ୍ଡା, ଅଶୋକ ପଣ୍ଡା, ନିରଞ୍ଜନ ପଣ୍ଡା, ବିଷ୍ଣୁପଦ ଓଝାଙ୍କ ସମେତ ଅଚଂଳବାସୀ ସହଯୋଗ କରିଥିଲେ ।

# ଜିଲ୍ଲାରୁ ୩୪ କରୋନା ଆକ୍ରାନ୍ତ ଚିହ୍ନଟ

ଭଦ୍ରକ,୧୫/୦୪ (ନି.ପ୍ର): ଭଦ୍ରକ ଜିଲ୍ଲାରୁ ଆଉ ୩୪ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହି ଆକ୍ରାନ୍ତମାନଙ୍କ ସଂଖ୍ୟା ମିଶିବା ପରେ ମୋଟ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ପହଞ୍ଚିଛି ୨୪୧ରେ। କରୋନା ସଂକ୍ରମଣଠାରୁ ଜିଲ୍ଲାରୁ ମୋଟ ୭ ହଜାର ୭୯୮ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ସୁସ୍ଥ ହୋଇଛନ୍ତି ୭ହଜାର ୫୩୨ଜଣ। ନୂତନ ଭାବେ ଚିହ୍ନଟ ହୋଇଥିବା ଆକ୍ରାନ୍ତଙ୍କ ମଧ୍ୟରେ ଜଣେ ଆକ୍ରାନ୍ତ ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରିରୋଡ଼ ପଞ୍ଚାୟତର ବ୍ୟକ୍ତି ଭୁବନେଶ୍ୱରର ସମ୍ ହସ୍ପିଟାଲରେ ଚିହ୍ନଟ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବାସୁଦେବପୁର ବ୍ଲକର ଗୁଆଗଡ଼ିଆ ଗ୍ରାମରୁ ଜଣେ, ଅରଣ୍ଡୁଆ ଗ୍ରାମରୁ ଜଣେ, ଭଦ୍ରକ ବ୍ଲକର ନଳାଙ୍ଗ ଗ୍ରାମରୁ ଜଣେ, ଆରଡ଼ିଛକରୁ ଜଣେ, ଅଣ୍ଡେଇପଲ୍ଲୀ ଗ୍ରାମରୁ ଜଣେ, ଜୟରାମପୁର ଗ୍ରାମରୁ ଜଣେ, ସାମରାଇପୁର ଗ୍ରାମରୁ ଜଣେ, ଶ୍ରୀରାମପୁର ଗ୍ରାମରୁ ଜଣେ, ତୋରଣପଦା ଗ୍ରାମରୁ ଜଣେ ଚିହ୍ନଟ ହୋଇଛନ୍ତି। ସେହିପରି ଭଦ୍ରକ ପୌରପାଳିକାର ୬ ନଂ ୱାର୍ଡ ବାଇପାସ୍‌ରୁ ଜଣେ, ୫ ନଂ ୱାର୍ଡ ଚରମ୍ପାରୁ ଜଣେ, ୧୩ ନଂ ୱାର୍ଡ ଅପର୍ତ୍ତିବିନ୍ଧାରୁ ଜଣେ, ୯ ନଂ ୱାର୍ଡ ପାତ୍ରସାହିରୁ ଜଣେ, ଭଣ୍ଡାରିପୋଖରୀ ବ୍ଲକ ଦକ୍ଷିଣବାଡ ଗ୍ରାମରୁ ଜଣେ, ବେଲପୋଖରୀ ଗ୍ରାମରୁ ୫ଜଣ, ଆକୁଲିକଣା ଗ୍ରାମରୁ ଜଣେ, ବଡଶାସନ ଗ୍ରାମରୁ ଜଣେ, ବନ୍ତ ବ୍ଲକ ଅଣିଜୋ ଗ୍ରାମରୁ ଜଣେ, ଆମ୍ବଗଡ଼ିଆ ଗ୍ରାମରୁ ଜଣେ, ରାମପୁର ଗ୍ରାମରୁ ଜଣେ, ଚାନ୍ଦବାଲି ବ୍ଲକ ବାଲିଟାଙ୍ଗ ଗ୍ରାମରୁ ଜଣେ, ଘଣ୍ଟେଶ୍ୱର ଗ୍ରାମରୁ ଜଣେ, ଧାମନଗର ବ୍ଲକର କରଦା ଗ୍ରାମରୁ ଜଣେ, ନଦୀଗାଁ ଗ୍ରାମରୁ ଜଣେ, ତିହିଡ଼ି ବ୍ଲକର ପାଳିଆ ଗ୍ରାମରୁ ଜଣେ, ନନ୍ଦୋର ଗ୍ରାମରୁ ଜଣେ, ଗଣେଶ୍ୱରପୁର ଗ୍ରାମରୁ ଜଣେ, ପାଳିଆବିନ୍ଧା ଗ୍ରାମରୁ ଜଣେ ଚିହ୍ନଟ ହୋଇଛି। ସେହିଭଳି ଅନ୍ୟ ଜିଲ୍ଲା ଭାବେ ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ଅଡା ଗ୍ରାମରୁ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

# ହାଇଦ୍ରାବାଦ ଓ ହାଓଡ଼ା ମଧ୍ୟରେ ସ୍ୱତନ୍ତ୍ର ଟ୍ରେନ୍

ଭୁବନେଶ୍ୱର,୧୫/୦୪ (ନି.ପ୍ର): ହାଇଦ୍ରାବାଦ ଓ ହାଓଡ଼ା ମଧ୍ୟରେ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରାଯିବାପାଇଁ ରେଳ ମନ୍ତ୍ରଣାଳୟ ପକ୍ଷରୁ ନିମ୍ନଲିଖିତ ଅନୁଯାୟୀ ନିଷ୍ପତି ନିଆଯାଇଅଛି । ୦୮୬୪୬ ହାଇଦ୍ରାବାଦ-ହାଓଡ଼ା ବିଶେଷ ଟ୍ରେନ ହାଇଦ୍ରାବାଦରୁ ୧୬.୦୪.୨୦୨୧ ରୁ ୩୦.୦୪.୨୦୨୧ ମଧ୍ୟରେ ପ୍ରତ୍ୟହ ସକାଳ ୮ ଘଟିକାରେ ଛାଡି ହାଓଡ଼ା ଠାରେ ତା' ପରଦିନ ଅପରାହ୍ନ ୨ଘ.୪୦ମି.ରେ ପହଂଚିବ । ସେହିଭଳି, ଫେରିବା ମାର୍ଗରେ ୦୮୬୪୫ ହାଓଡ଼ା-ହାଇଦ୍ରାବାଦ ବିଶେଷ ଟ୍ରେନ ୧୮.୦୪.୨୦୨୧ ରୁ ୦୨.୦୫.୨୦୨୧ ପର୍ଯ୍ୟନ୍ତ ହାଓଡ଼ା ଠାରୁ ପ୍ରତ୍ୟକ ଦିନ ପୂର୍ବାହ୍ନ ୧୧ଘ.୩୦ମି.ରେ ଛାଡି ହାଇଦ୍ରାବାଦରେ ତା'ପରଦିନ ସନ୍ଧ୍ୟା ୫ଘ.୩୦ମି.ରେ ପହଂଚିବ। ଏହି ଟ୍ରେନ୍ ହାଇଦ୍ରାବାଦ ଏବଂ ହାଓଡ଼ା ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନମାନଙ୍କରେ ରହଣି କରିବାକୁ ଥିବାବେଳେ ଏଥିରେ ଗୋଟିଏ ଏସି-୨ ଟାୟାର, ତିନିଟି ଏସି -୩ ଟାୟାର, ୧୨ଟି ସ୍ଲିପର୍ କ୍ଲାସ୍, ତିନିଟି ସେକେଣ୍ଡ କ୍ଲାସ୍ ସିଟିଙ୍ଗ, ଦୁଇଟି ଗାର୍ଡ ତଥା ଲଗେଜ୍ ଭ୍ୟାନ୍ ଏବଂ ଗୋଟିଏ ପାର୍ସଲ୍ ଭ୍ୟାନ ଉପଲବ୍ଧ ଅଛି।

# କୁଦୁମା ଜାତିକୁ ହରିଜନ ମାନ୍ୟତା ଦେବାରେ ୩ ସହୀଦଙ୍କ ପ୍ରତିମୂର୍ତ୍ତି ଉଦ୍‌ଘାଟିତ

ଜଳେଶ୍ୱର, ୧୫/୪ (ନିପ୍ର) : ରାଜ୍ୟ ସରକାରଙ୍କ ସଂଗ୍ରକ୍ଷଣ ତାଲିକାରେ କଣ୍ଡରା ଥିବା ବେଳେ କୁଦୁମା ଉପେକ୍ଷିତ ରହି ଆସିଛି । ତେଣୁ ସେମାନଙ୍କୁ ହରିଜନ ମାନ୍ୟତାଲାଗି ବ୍ୟାପକ ଆନ୍ଦୋଳନ ହୋଇ ଆସୁଛି । ୧୯୯୫ ଅଗଷ୍ଟରେ ଓଡିଶାରୁ କେତେକ ନେତୃସ୍ଥାନୀୟ ବ୍ୟକ୍ତି ଦିଲ୍ଲୀଯାଇ କେନ୍ଦ୍ର ସରକାରଙ୍କଠାରେ ଚାପ ପକାଇ ଫେରୁଥିଲେ । କିନ୍ତୁ ଏହି ସଂଗ୍ରାମ ପାଇଁ ଉତ୍ତର ବାଲେଶ୍ୱରରୁ ଯାଇଥିବା ୫ ଜଣ ବ୍ୟକ୍ତି ପୁରୁଷୋତ୍ତମ ଟ୍ରେନ୍‌ରେ ଫେରୁଥିବା ବେଳେ ଅନ୍ୟ ଏକ ଟ୍ରେନ୍ ସହିତ ଧକ୍କା ହୋଇଥିଲା । ଏଥିରେ ଉଇଟିକିରି ଗ୍ରାମର ରବିନାରାୟଣ ଜେନା, ବାଣିଦା ଗ୍ରାମର ଶ୍ରୀହରୀ ଜେନା, ରସଲପୁର ଗ୍ରାମର ଗୌରାଙ୍ଗ ଚନ୍ଦ୍ର ମଲ୍ଲିକ ମୃତ୍ୟୁବରଣ କରିଥିଲେ । ତେଣୁ ସେମାନଙ୍କ ପ୍ରତିମୂର୍ତ୍ତ ବର୍ଦ୍ଧନା ଛକଠାରେ ଉଦ୍‌ଘାଟନ ହୋଇ ଯାଇଛି । ଅଦ୍ୟାବଧି ଏହି ସଂଗ୍ରାମ ଜାରି ରହିଥିଲେ ମଧ୍ୟ ସଫଳତା ମିଳିପାରିନାହିଁ । ହରିଜନର ମାନ୍ୟତା ଦାବିକରି ବୁଧବାର ହୋଇଥିବା ବୈଠକରେ ସଂପାଦକ ରାମଚନ୍ଦ୍ର ଜେନା ସଭାପତିତ୍ୱ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ଣ୍ଣଚନ୍ଦ୍ର ଜେନା, ସୁଧାକର ଜେନା, ଉପସଭାପତି ସୁଦର୍ଶନ ଜେନା, ନଳିନୀ ଜେନା, ବୈଲୁଚନ ପାତ୍ର, ଲକ୍ଷ୍ମୀଧର ମହାଳିକ, ବରେନ୍ଦ୍ର ଜେନା, ସରପଂଚ ପଦ୍ମଲୋଚନ ବେହେରା, ଅନନ୍ତ ଦଳାଇ, ପିତାମ୍ବର ଜେନା, ପ୍ରଫୁଲ୍ଲ ପାତ୍ର, ସର୍ବେସ୍ୱର ଜେନା, ହେମ୍ନ ଦଳେଇ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ସମ୍ପାଦକ ରାମଚନ୍ଦ୍ର ଜେନା ୩ ପ୍ରତିମୂର୍ତ୍ତୀକୁ ଉନ୍ମୋଚନ କରିଥିଲେ ।

# ଦିଲ୍ଲୀରେ ଓଡିଆ ଯୁବକର ସନ୍ଦେହଜନକ ମୃତ୍ୟୁ : ହତ୍ୟା ଅଭିଯୋଗ



ବାଲିଆପାଳ,୧୫/୦୪ (ନି.ପ୍ର): ଦିଲ୍ଲୀରେ କାମ କରୁଥିବା ବାଲିଆପାଳ ଅଞ୍ଚଳର ଜନୈକ ଯୁବକ ସେଠାରେ ଆତ୍ମହତ୍ୟା କରିଥିବା ଖବର ତାଙ୍କ ଘରେ ପହଂଚିଛି ।ତେବେ ପରିବାର ଲୋକେ ତାଙ୍କୁ ଷଡଯନ୍ତ୍ର କରାଯାଇ ସେଠାରେ ହତ୍ୟା କରାଯାଇଛି ଏବଂ ଏହାକୁ ଆତ୍ମହତ୍ୟା ରୂପ ଦିଆଯାଇଥିବା ଅଭିଯୋଗ କରିଛନ୍ତି ।ମିଳିଥିବା ସୂଚନାରୁ ଜଣାଯାଇଛି ଯେ ବାଲିଆପାଳ ଥାନା ଅନ୍ତର୍ଗତ ଶ୍ରୀରାମପୁର ପଞ୍ଚାୟତ ନେପୁରା ଗ୍ରାମର ଗଦାଧର ଦେଙ୍କ ପୁଅ ରବୀନ୍ଦ୍ର ଦେ ଦିଲ୍ଲୀର ଏକ କମ୍ପାନୀରେ ବିଗତ ୧୨ ବର୍ଷ ଧରି କାମ କରିଆସୁଥିଲେ । ୧୦ ବର୍ଷ ତଳେ ତାଙ୍କର ବିବାହ ହୋଇଥିଲା । ପତ୍ନୀ ଏବଂ ଆଠ ବର୍ଷର ଜଣେ ପୁଅ ମଧ୍ୟ ତାଙ୍କ ସହ ରହୁଥିଲେ । ଦୁଇଦିନ ତଳେ ରବୀନ୍ଦ୍ର ଫାଶି ଲଗାଇ ଆତ୍ମହତ୍ୟା କରିଥିବା ପତ୍ନୀ ଘରକୁ ଖବର ଦେଇଥିଲେ ।କିନ୍ତୁ ମୃତ ଦେହକୁ ଗ୍ରାମକୁ ଆଣିବା ପରିବେଉ ଅତ୍ୟନ୍ତ ତରବରିଆଭାବେ ସେଠାରେ ପୋଡିଦେଇଥିଲେ । ସ୍ୱାମୀଙ୍କ ମୃତ୍ୟୁପରେ ଘରକୁ ମଧ୍ୟ ଆସୁନଥିବାରୁ ସେ ଷଡଯନ୍ତକରି ଦିଲ୍ଲୀରେ ରହୁଥିବା ତାଙ୍କର ଭିଣେଇଙ୍କ ସହାୟତାରେ ରବୀନ୍ଦ୍ରଙ୍କୁ ହତ୍ୟାକରି ଆତ୍ମହତ୍ୟାର ରୂପ ଦେଇଥିବା ପରିବାର ଲୋକେ ସନ୍ଦେହ କରୁଛନ୍ତି ।ରବୀନ୍ଦ୍ର ମାନସିକ ସ୍ତରରେ ବେଶ ଦୃଢଥିଲେ ଏବଂ ଭଲ ରୋଜଗାର କରୁଥିଲେ । ତେଣୁ ସେ ଆତ୍ମହତ୍ୟା କରିଥାଇ ନପାରନ୍ତି ବୋଲି ମୃତ ରବୀନ୍ଦ୍ରଙ୍କ ଭାଇ ମାଧବ ଦେ କହିଛନ୍ତି । ମୃତ ରବୀନ୍ଦ୍ରଙ୍କ ଶ୍ୱଶୁରଘର ପରିବାରକୁ ଗାଁ ଲୋକ ଅଟକ ରଖି ରୀନ୍ଦ୍ରଙ୍କ ପତ୍ନୀ ଏବଂ ପିଲାକୁ ଦ୍ୱିଲୀରୁ ଆଣିବା ପାଇଁ ଦାବି କରିଥିଲେ । ରବୀନ୍ଦ୍ରଙ୍କ ଶ୍ୱଶୁର ଘର ପରିବାର ଲୋକେ ଦ୍ୱିଲ୍ଲୀରୁ ତାଙ୍କ ପତ୍ନୀ ଏବଂ ପୁଅକୁ ଆଣିବାର ପ୍ରତିଶୃତି ଦେବା ପରେ ଉତ୍ତେଜନା କମିଥିଲା । ଏହି ଘଟଣାର ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ରବୀନ୍ଦ୍ରଙ୍କ ପରିବାର ଲୋକେ ଦାବି କରିଛନ୍ତି ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୮ ଗିରଫ

ଭୁବନେଶ୍ୱର,୧୫/୦୪ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡ଼ିଶା ପୋଲିସ ଗତ ୨୪ ଘଂଟାରେ ୧୮ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୬୬୮ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୭,୯୯,୩୫୦ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଆଜିଠୁ ସାରା ରାଜ୍ୟରେ....

ତେବେ ରାତ୍ରିକାଳୀନ କର୍ଫ୍ୟୁ ସମୟରେ ଜରୁରୀକାଳୀନ ସେବାକୁ ଅନୁମତି ମିଳିବ। ବିଦ୍ୟୁତ, ସ୍ୱାସ୍ଥ୍ୟ, ଜଳଯୋଗାଣ ଏବଂ ଖାଦ୍ୟର ହୋମ ଡେଲିଭରି ଆଦି ସେବା ଜାରି ରହିବ। ଏଥିରେ ନିୟୋଜିତ ଥିବା କର୍ମଚାରୀ ପୁଲିସକୁ ନିଜର ପରିଚୟ ପତ୍ର ଦେଖାଇ ଯାଇପାରିବେ। ଏଥିପାଇଁ କୌଣସି ସ୍ୱତନ୍ତ୍ର ପାସ୍ ର ଆବଶ୍ୟକ ନାହିଁ। ଲୋକେ ନିଜ ସଂସ୍ଥାର ପରିଚୟ ପତ୍ର ଦେଖାଇ ଯା'ଆସ କରିପାରିବେ। ତେବେ ଏ ସଂକ୍ରାନ୍ତରେ ସବିଶେଷ ସୂଚନା ଥାଇ ଗାଇଡଲାଇନ୍ ଜାରି କରାଯିବ ବୋଲି ମୁଖ୍ୟ ସଚିବ କହିଛନ୍ତି। ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଆହୁରି କହିଛନ୍ତି ଯେ ବିବାହ ଉତ୍ସବ ପାଇଁ ସର୍ବାଧିକ ୫୦ ଓ ଅନ୍ତିମ ସଂସ୍କାର ପାଇଁ ୨୦ ଜଣଙ୍କୁ ଅନୁମତି ମିଳିବ। କୌଣସି ଧାର୍ମିକ, ସାମାଜିକ, ସାଂସ୍କୃତିକ, ରାଜନୈତିକ ଓ ଶୈକ୍ଷିକ ସମାବେଶ ହୋଇପାରିବ ନାହିଁ । ୫୦ ପ୍ରତିଶତ ଦର୍ଶକରେ ସିନେମା ହଲ ଚାଲିବ । ଅଟୋ ରିକ୍ସା ଓ ଟ୍ୟାକ୍ସିରେ ଡ୍ରାଇଭରଙ୍କୁ ଛାଡ଼ି ୨ ଜଣ ବସିପାରିବେ। ମୀନାବଜାରରେ ୨୦୦ ଜଣ ଲୋକଙ୍କୁ ଅନୁମତି ମିଳିବ। ଅପେରାରେ ପୂର୍ବରୁ ୨୦୦୦ ଲୋକଙ୍କୁ ଅନୁମତି ମିଳୁଥିଲା, କିନ୍ତୁ ଏବେ ୧୦୦୦ ଲୋକଙ୍କୁ ଅନୁମତି ଦିଆଯାଇଛି। ସରକାରୀ କାର୍ଯ୍ୟାଳୟ ୫୦ ପ୍ରତିଶତ ଲୋକଙ୍କୁ ନେଇ ଚାଲିବ। ଘରୋଇ କାର୍ଯ୍ୟାଳୟରେ କେତେ ପରିମାଣରେ କର୍ମଚାରୀ ରହିବେ, ସେ ନେଇ କର୍ତ୍ତୃପକ୍ଷ ଚିନ୍ତା କରିବେ। ଅଫିସରେ ପ୍ରବେଶ ପୂର୍ବରୁ ସାନିଟାଇଜର ବ୍ୟବହାର କରିବେ ଏବଂ ସାମାଜିକ ଦୂରତା ରକ୍ଷା କରିବେ। ଏବେ କୋଭିଡ ହସ୍‌ପିଟାଲକୁ କାର୍ଯ୍ୟକ୍ଷମ କରାଯାଉଛି। ଏଥି ସହିତ ଆଇସିୟୁ, ବେଡ ବଢ଼ାଯାଉଛି। ୪୫ ବର୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ଟିକା ଦିଆଯାଉଛି ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

## 'ହାଇଡ୍ରୋଜେନ୍ ଅର୍ଥନୀତି-ନୂଆଦିଲ୍ଲୀ ....

ପାଇଁ ସ୍ୱଚ୍ଛ ଉର୍ଜା ରୂପାନ୍ତରଣ, କମ୍ ଅଙ୍ଗାରକାମ୍ଳ ନିର୍ଗମନ ମାର୍ଗକୁ ପ୍ରଶସ୍ତ କରିବା ଏହଂ ହାଇଡ୍ରୋଜେନକୁ କିପରି ସୁଲଭ ମୂଲ୍ୟରେ ସମସ୍ତଙ୍କ ପାଖରେ ପହଁଚାଯାଇପାରିବ ସେ ଦିଗରେ ଗୁରୁତ୍ୱାରୋପ କରିଛନ୍ତି । ସେ କହିଛନ୍ତି ଯେ ସ୍ଥାୟୀ ଭବିଷ୍ୟତ ପାଇଁ ସବୁଜ ଉର୍ଜାର ବିକଳ୍ପ ଉତ୍ସ ହାଇଡ୍ରୋଜେନ୍ । ତେଣୁ ହାଇଡ୍ରୋଜୋନର ଇକୋସିଷ୍ଟମକୁ ବିକଶିତ କରିବା ପାଇଁ ଉନ୍ନତମାନର ଟେକ୍ନୋଲୋଜିର ବ୍ୟବହାର ତଥା ନୀତିଗତ ପଦକ୍ଷେପ ନେବା ଓ ହାଇଡ୍ରୋଜେନକୁ ସ୍ୱଚ୍ଛ ଉର୍ଜା ବ୍ୟବସ୍ଥାର ଏକ ଅଂଶ କରିବା ପାଇଁ ଏହା ହେଉଛି ସଠିକ୍ ସମୟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ୭ଟି ମହତ୍ୱପୂର୍ଣ୍ଣ ପଦକ୍ଷେପ ମାଧ୍ୟମରେ ନୂଆ ଉର୍ଜା ମାନଚିତ୍ର ପ୍ରସ୍ତୁତ କରିଛି ଏବଂ ଏହି ୭ଟି ପଦକ୍ଷେପରୁ ହାଇଡ୍ରୋଜେନକୁ ବିକଶିତ କରିବା ମଧ୍ୟ ଏକ ପଦକ୍ଷେପ। ଭାରତକୁ ଆତ୍ମନିର୍ଭର କରିବା ଦିଗରେ ଉର୍ଜା ଏକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। କମ୍ ଅଙ୍ଗାରକାମ୍ଳ ନିର୍ଗମନ ମାର୍ଗକୁ ହାସଲ କରିବା ଦିଗରେ ହାଇଡ୍ରୋଜେନକୁ ଭାରତ ଉର୍ଜା ମିଶ୍ରଣରେ ଅଧିକ ବ୍ୟବହାର ପାଇଁ ପଦକ୍ଷେପ ନିଆଯାଉଛି। ଏହାସହ ଜାତୀୟ ହାଇଡ୍ରୋଜେନ ମିଶନର ଶୁଭାରମ୍ଭ, ବ୍ଲୁ ହାଇଡ୍ରୋଜେନ, ଗ୍ରୀନ୍ ହାଇଡ୍ରୋଜେନ ଏବଂ ହାଇଡ୍ରୋଜେନ ସିଏନଜିକୁ ନେଇ ପାଇଲଟ ପ୍ରକଳ୍ପ ଆରମ୍ଭ ହୋଇଛି। ଭାରତ ସରକାରଙ୍କ ଦ୍ୱାରା ହାଇଡ୍ରୋଜେନ ଇକୋସିଷ୍ଟମ ବିକଶିତ କରିବା ପାଇଁ ବୃହତ ସମନ୍ୱୟ ସ୍ଥାପନା କରାଯାଉଛି ଏବଂ ପେଟ୍ରୋଲିୟମ ମନ୍ତ୍ରଣାଳୟର ବିଭିନ୍ନ ଯୋଜନାରେ ହାଇଡ୍ରୋଜେନର ଏକୀକରଣ କରାଯିବା ସହ ରସାୟନ, ଆଇରନ, ଇସ୍ପାତ୍, ସାର, ଶକ୍ତି, ବିଶୋଧନ, ପରିବହନ ଭଳି ବିଭିନ୍ନ କ୍ଷେତ୍ରରେ ହାଇଡ୍ରୋଜୋନ୍ ବ୍ୟବହାର କରିବା ପାଇଁ ପଦକ୍ଷେପ ନିଆଯାଉଛି। ଦେଶରେ ହାଇଡ୍ରୋଜେନ କ୍ଷେତ୍ରର ମଜବୁତ୍ ପାଇଁ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ପ୍ରତିବଦ୍ଧ । ହାଇଡ୍ରୋଜେନର ସମ୍ପୂର୍ଣ୍ଣ ସମ୍ଭାବନାକୁ ବ୍ୟବହାର କରିବାରେ ଏବଂ ହାଇଡ୍ରୋଜେନ ଅର୍ଥନୀତିର ବିକାଶରେ ବିଶ୍ୱସମୂହର ଅଭୁତପୂର୍ବ ଉତ୍ସାହ ରହିଛି । ହାଇଡ୍ରୋଜେନ କ୍ଷେତ୍ରରେ ବିପ୍ଳବ ଆଣିବା ପାଇଁ ଆଜି କାର୍ଯ୍ୟକ୍ରମ ନିଶ୍ଚିତ ଭାବେ ଏକ ନୂଆ ଦିଗ ପ୍ରଦାନ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

## ଭାରତରେ ମୋଟ କୋଭିଡ ....

ଗୁଜରାଟ ଏବଂ ରାଜସ୍ଥାନ ଆଦି ୧୦ ରାଜ୍ୟରେ ନୂଆ କୋଭିଡ ନୂଆ ମାମଲା ବୃଦ୍ଧି ପାଇବାରେ ଲାଗିଛି । ନୂଆ ମାମଲା ମଧ୍ୟରୁ ୮୦.୭୬% ଚିହ୍ନଟ ହୋଇଛି ୧୦ ରାଜ୍ୟରେ । ମହାରାଷ୍ଟ୍ରରେ ଗୋଟିଏ ଦିନରେ ସର୍ବାଧିକ ୫୮,୯୫୨ ନୂଆ ମାମଲା ଚିହ୍ନଟ ହୋଇଛି । ଏହା ପଛକୁ ଉତ୍ତର ପ୍ରଦେଶରେ ୨୦,୪୩୯ ଏବଂ ଦିଲ୍ଲୀରେ ୧୭,୨୮୨ ନୂଆ ମାମଲା ଚିହ୍ନଟ ହୋଇଛି । ଭାରତରେ ମୋଟ ସକ୍ରିୟ କରୋନା ମାମଲା ଏବେ ୧୪,୭୧,୮୭୭ ରେ ପହଞ୍ଚିଛି । ଏହା ଦେଶର ମୋଟ ପଜିଟିଭ୍ ମାମଲାର ୧୦.୪୬% । ଗତ ୨୪ ଘଂଟା ମଧ୍ୟରେ ଦେଶରେ କରୋନା ସକ୍ରିୟ ମାମଲାରେ ସିଧାସଳଖ ୧,୦୬,୧୭୩ ବୃଦ୍ଧି ଘଟିଛି । ମହାରାଷ୍ଟ୍ର, ଛତିଶଗଡ଼, ଉତର ପ୍ରଦେଶ, କର୍ଣ୍ଣାଟକ ଏବଂ କେରଳ ଆଦି ପାଞ୍ଚ ରାଜ୍ୟରେ ଦେଶର ମୋଟ ସକ୍ରିୟ ମାମଲାର ୬୭.୧୬% ମାମଲା ରହିଛି । କେବଳ ମହାରାଷ୍ଟ୍ରରେ ଦେଶର ମୋଟ ସକ୍ରିୟ ମାମଲାର ୪୩.୫୪% ମାମଲା ରହିଛି । ଭାରତରେ ଏ ପର୍ଯ୍ୟନ୍ତ କରୋନାରୁ ମୋଟ ୧,୨୪,୨୯,୫୬୪ ଜଣ ସୁସ୍ଥ ହୋଇଛନ୍ତି । ଜାତୀୟ ସୁସ୍ଥତା ହାର ରହିଛି ୮୮.୩୧% । ଗତ ୨୪ ଘଂଟା ମଧ୍ୟରେ ଦେଶରେ ସୁସ୍ଥ ହୋଇଛନ୍ତି ୯୩,୫୨୮ ଜଣ । ଗତ ୨୪ ଘଂଟା ମଧ୍ୟରେ ଦେଶରେ କରୋନାରେ ୧୦୩୮ ଜଣଙ୍କ ମୃତ୍ୟୁ ହୋଇଛି । ନୂଆ ମୃତ୍ୟୁ ମଧ୍ୟରୁ ୮୨.୨୭% ମୃତ୍ୟୁ ହୋଇଛି ୧୦ ରାଜ୍ୟରେ । ମହାରାଷ୍ଟ୍ରରେ ଗୋଟିଏ ଦିନରେ ସର୍ବାଧିକ ୨୭୮ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଛତିଶଗଡ଼ରେ ୧୨୦ ଜଣଙ୍କ ମୃତ୍ୟୁ ହୋଇଛି । ନଅଟି ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରେ ଗତ ୨୪ ଘଂଟା ମଧ୍ୟରେ କରୋନାରେ କୌଣସି ମୃତ୍ୟୁ ହୋଇନାହିଁ । ଏସବୁ ହେଲା, ଦାମନ ଓ ଡିଉ ଏବଂ ଦାଦ୍ରା ଓ ନଗର ହାବେଲି, ତ୍ରିପୁରା, ମେଘାଳୟ, ସିକିମ, ନାଗାଲାଣ୍ଡ, ମିଜୋରାମ, ମଣିପୁର, ଲାକ୍ଷାଦ୍ୱୀପ ଏବଂ ଅରୁଣାଚଳ ପ୍ରଦେଶ ।

## ଗୋଟିଏ ଦିନରେ ୨୯୮୯....

ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୧୦, କଟକରୁ ୨୦୮ ଜଣ, ଦେବଗଡ ଜିଲ୍ଲାରୁ ୨୩ ଜଣ, ଢେଙ୍କାନାଳ ଜିଲ୍ଲାରୁ ୨୧ ଜଣ, ଗଜପତି ଜିଲ୍ଲାରୁ ୧୫, ଗଞ୍ଜାମରୁ ୬୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୨୪ ଜଣ, ଯାଜପୁରରୁ ୫୧ ଜଣ, ଝାରସୁଗୁଡ଼ାରୁ ୮୪ ଜଣ, କଳାହାଣ୍ଡିରୁ ୨୬୦ ଜଣ, କନ୍ଧମାଳ ଜିଲ୍ଲାରୁ ୮ ଜଣ. କେନ୍ଦ୍ରାପଡ଼ାରୁ ୧୧ ଜଣ, କେନ୍ଦୁଝରରୁ ୭୭ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୪୩୮ ଜଣ, କୋରାପୁଟରୁ ୧୪ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୩୮ ଜଣ, ନବରଙ୍ଗପୁରରୁ ୪୩ ଜଣ, ନୟାଗଡ଼ରୁ ୧୨ ଜଣ, ନୂଆପଡ଼ାରୁ ୧୫୧ ଜଣ, ପୁରୀରୁ ୧୧୨ ଜଣ, ରାୟଗଡ଼ାରୁ ୨୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୧୪୮ ଜଣ, ସୋନପୁରରୁ ୬ ଜଣ, ସୁନ୍ଦରଗଡ଼ରୁ ୬୩୧ ଜଣ ଓ ଷ୍ଟେଟ୍ ପୁଲରୁ ୯୪ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ମାଟ୍ରିକ୍ ଓ ଯୁକ୍ତ ୨ ପରୀକ୍ଷା....

ଦଶମ ଓ ଦ୍ୱାଦଶ ଶ୍ରେଣୀର ସମସ୍ତ କ୍ଲାସ ଆସନ୍ତା ଏପ୍ରିଲ୧୯ ତାରିଖ ଠାରୁ ବନ୍ଦ ରଖିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହି ସମୟରେ ସ୍କୁଲରେ କୌଣସି ପ୍ରକାର ଶୈକ୍ଷିକ କାର୍ଯ୍ୟକ୍ରମ କରାଯାଇ ପାରିବ ନାହିଁ । ଏହି ନିଷ୍ପତ୍ତି ଓଡିଶା ରାଜ୍ୟ ମାଧ୍ୟମିକ ଶିକ୍ଷା ବୋର୍ଡ ଓ ଓଡିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ସହ ସହବନ୍ଧିତ ରାଜ୍ୟର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ତଥା ଘରୋଇ ବିଦ୍ୟାଳୟ କ୍ଷେତ୍ରରେ ଲାଗୁ ହେବ । ସେହିପରି ସିବିଏସଇ ଏବଂ ଓଡିଶା ଆଦର୍ଶ ବିଦ୍ୟାଳୟ ସହ ସହବନ୍ଧିତ ରାଜ୍ୟର ସମସ୍ତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ନିମନ୍ତେ ୧୪ ଏପ୍ରିଲରୁ ସିବିଏସଇ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶ କାର୍ଯ୍ୟକାରୀ ହେବ। ଆସନ୍ତା ୧୯ ତାରିଖ ଠାରୁ ରାଜ୍ୟର ସମସ୍ତ ଇଂରାଜୀ ମାଧ୍ୟମ ସ୍କୁଲ ଓ ସେମାନଙ୍କ ଦ୍ୱାରା ପରିଚାଳିତ ହଷ୍ଟେଲ ଗୁଡିକ ମଧ୍ୟ ବନ୍ଦ ରହିବ ବୋଲି ନିର୍ଦ୍ଦେଶ ଦିଆଯାଇଛି ।

**OFFICE OF THE EXECUTIVE ENGINEER**
**BALASORE (ROADS & BUILDINGS) DIVISION-I**
**AT/PO-PADHUANPADA, BALASORE**

CONTACT NO:- 06782262045
Email ID :- ee_blsrb@yahoo.co.in

**BID INVITATION NO. EE (R and B) BLS-Divn- I - 02/2021-22**

**Letter No. 11064 WE Date- 13.04.21**

| | | | |
|---|---|---|---|
| 1 | The Executive Engineer, Balasore (R & B) Division- I, Balasore on behalf of the Governor of Odisha invites Percentage rate bids to be received in **ONLINE MODE** only for road and Building works | | |
| 2 | No. of Work | : | 2 Nos |
| 3 | Nature of Work | : | Road and Building works of Balasore (R & B) Division- I |
| 4. | Class of Contractor | : | "D", "C" & "B" Class |
| 5. | Approx value of work | : | Rs. 10.91 Lakhs & 34.29 Lakhs |
| 6. | Tender Cost | : | Rs. 6,000/- |
| 7. | Availability of Bid Documents in the Website | : | From 10.00 Hours of dt. 20.04.2021 to 16.00 Hours of dt. 28.04.2021 |
| 8. | Date of Opening of Bid: | : | Dt. 30.04.2021 at 11.00 Hours |
| 9. | Other details can be seen in the Bidding documents from the website : https://tendersorissa.gov.in | | |

**Executive Engineer**
**Balasore (R & B) Division-I**

**I & PR : 34078/11/0002/2122**

## କୋଭିଡ୍ ନିୟନ୍ତ୍ରଣ ପାଇଁ ଆଇଏଏସ୍ ଅଧିକାରୀଙ୍କୁ ଜିଲ୍ଲା ପର୍ଯ୍ୟବେକ୍ଷକ ଦାୟିତ୍ୱ

ଭୁବନେଶ୍ୱର,୧୫/୦୪ (ନି.ପ୍ର):ରାଜ୍ୟରେ କରୋନା ସଂକ୍ରମଣର ବୃଦ୍ଧିକୁ ଦୃଷ୍ଟିରେ ରଖି ୨୧ ଆଇଏଏସ ଅଧିକାରୀଙ୍କୁ କୋଭିଡ ପର୍ଯ୍ୟବେକ୍ଷକ ଦାୟିତ୍ୱ ଦେଇଛନ୍ତି ରାଜ୍ୟ ସରକାର। ଏହି ଅଧୀକାରୀମାନେ ବିଭିନ୍ନ ଜିଲ୍ଲା ବୁଲି ସ୍ଥିତି ସମୀକ୍ଷା କରି ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଗୁରୁବାର ଦିନ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆଇଏଏସ୍ ଅଧିକାରୀମାନେ ନିଜ ଦାୟିତ୍ୱ ସହ ଏହି ପର୍ଯ୍ୟବେକ୍ଷକ ଦାୟିତ୍ୱ ତୁଲାଇବେ। ବିଜ୍ଞପ୍ତି ଅନୁଯାୟୀ ଅନୁ ଗର୍ଗ ଓ ଡ. ଏନ. ଥିରୁମାଲା ନାଏକଙ୍କୁ ଭୁବନେଶ୍ୱର ସହର ଦାୟିତ୍ୱ ଦିଆଯାଇଥିବା ବେଳେ ମଧୁସୂଦନ ପାଢୀଙ୍କୁ ଭଦ୍ରକ ଓ ବାଲେଶ୍ୱର , ସତ୍ୟବ୍ରତ ସାହୁ ଓ ବେଣୁଧର ବେହେରାଙ୍କୁ ବଲାଙ୍ଗୀର , ବରଗଡ ଓ ନୂଆପଡା ଦାୟିତ୍ୱ ଦିଆଯାଇଛି। ସେହିପରି ନିକୁଂଜ ବିହାରି ଧଳଙ୍କୁ ଝାରସୁଗୁଡା ଓ ସୁନ୍ଦରଗଡ,ସୁରେନ୍ଦ୍ର କୁମାର ଓ ଶ୍ରୀକାନ୍ତ ପୃଷ୍ଟିଙ୍କୁ ମୟୁରଭଂଜ ଓ କେନ୍ଦୁଝର, ଜି. ମାଥିଭାତନାନ୍ ଙ୍କୁ ଗଂଜାମ ଓ ଗଜପତି, ହେମନ୍ତ ଶର୍ମା ଓ ସୁରେଶ ଚନ୍ଦ୍ର ଦଳାଇଙ୍କୁ ଯାଜପୁର , ଜଗତସିଂହପୁର ଓ କେନ୍ଦ୍ରାପଡା, ବିଷ୍ଣୁପଦ ସେଠୀ ଓ ଗୋପବନ୍ଧୁ ଶତପଥୀଙ୍କୁ ଅନୁଗୁଳ , ଦେବଗଡ ଓ ଢେଙ୍କାନାଳ ଜିଲ୍ଲାର ଦାୟିତ୍ୱ ଦିଆଯାଇଛି। ଏହା ବ୍ୟତୀତ ଚିତ୍ରା ଅରୁମୁଗମ୍ ଙ୍କୁ ସମ୍ବଲପୁର ଓ ସୁବର୍ଣ୍ଣପୁର, ଶାଶ୍ୱତ ମିଶ୍ର ଓ ବିଷ୍ଣୁ ପ୍ରସାଦ ମିଶ୍ରଙ୍କୁ କଳାହାଣ୍ଡି, କନ୍ଧମାଳ ଓ ବୌଦ୍ଧ , ଭିଭି ଯାଦବ ଓ ରାସିଦ୍ ଖାନ୍ ଙ୍କୁ କୋରାପୁଟ , ମାଲକାନଗିରି, ରାୟଗଡା ଓ ନବରଙ୍ଗପୁର ଜିଲ୍ଲା , ତେମଜେନଓ୍ୱାପଙ୍ଗ୍ ଆଓଙ୍କୁ ଗଜପତି, ଅନିଲ୍ କୁମାର ସାମଲଙ୍କୁ କଟକ ସହରାଂଚଳ, କଟକ ଗ୍ରାମାଂଚଳ, ନୟାଗଡ, ପୁରୀ ଓ ଖୋର୍ଦ୍ଧା ଗ୍ରାମାଂଚଳ ଏବଂ ସୁଶାନ୍ତ ମହାପାତ୍ରଙ୍କୁ କଟକ ସହରାଂଚଳ ଓ କଟକ ଗ୍ରାମାଂଚଳ ଦାୟିତ୍ୱ ଦିଆଯାଇଛି।

## ସାମ୍ବାଦିକ ସଂଘ ‘ଓୟୁଜେ’ପକ୍ଷରୁ ମାସ୍କ ବଣ୍ଟନ




ବାଲେଶ୍ୱର,୧୫/୦୪ (ନି.ପ୍ର): ଓଡିଶା ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟ (ଓୟୁଜେ) ବାଲେଶ୍ୱର ଶାଖା ପକ୍ଷରୁ ସହରର ଫାଣ୍ଡିଛକରେ ଜନସାଧାରଣଙ୍କ ମଧ୍ୟରେ କରୋନା ସଚେତନତା ସହ ମାସ୍କ ବଣ୍ଟନ କରାଯାଇଛି । ଏନେଇ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ ଏବଂ ଅତିରିକ୍ତ ଜିଲାପାଳ ନୀଲୁ ମହାପାତ୍ର ଯୋଗଦେଇ ‘ଓୟୁଜେ’ ର ସମାଜସେବା କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିଥିଲେ । ବଢୁଥିବା କରୋନ ସଂକ୍ରମଣ ରୋକିବାକୁ ଉମୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ପ୍ରତିଷେଧକ ବ୍ୟବସ୍ଥା ଜାରି ରଖିଥିବା ବେଳେ ବାଲେଶ୍ୱରର ସାମ୍ବାଦିକଙ୍କ ଏହି ଉଦ୍ୟମ ବେଶ ସ୍ୱାଗତଯୋଗ୍ୟ ବୋଲି ସେମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲେଶ୍ୱର ବାର ଆସୋସିଏସନର ସଭାପତି ମନୋଜ ନାୟକ, ଅବସରପ୍ରାପ୍ତ ଜିଲା ଏୟାର ଫୋର୍ସ ଆସୋସିଏସନର କାର୍ଯ୍ୟକାରୀ ସଦସ୍ୟ ମହେଶ୍ୱର ବେହେରା, ସମାଜସେବୀ କମଳାକାନ୍ତ ପଣ୍ଡା, ଯୁବ ସଂଗଠକ ସଲିମ ରେଜା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଓୟୁଜେ ବାଲେଶ୍ୱର ଶାଖା ସଦସ୍ୟମାନଙ୍କୁ ଉତ୍ସାହିତ କରିଥିଲେ । ଓୟୁଜେ ବାଲେଶ୍ୱର ଜିଲା ସଭାପତି ଗଙ୍ଗାଧର ରାଉତ ଓ ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିବଦାସ କୁଣ୍ଡୁ, ସତ୍ୟଜିତ ସେନାପତି, ହାଇଦର ଖାଁ, ଅଜିତ କୁମାର ମହାନ୍ତି, ଅଧିପ କୁମାର ଜେନା, ହିମାଂଶୁ ଦାସ, କମଳାକାନ୍ତ ନାୟକ, ଲାଭା ପାଣ୍ଡେ, କହ୍ନେଇ ଚରଣ ପ୍ରଧାନ, ଲୋକନାଥ ପିରି, ସନ୍ତୋଷ କୁମାର ପଣ୍ଡା, ବିନାୟକ ମହାପାତ୍ର, ମହେଶ୍ୱର ପ୍ରଧାନ, ସମରେଶ ମଣ୍ଡଳ, ଅରୂପ ନାରାୟଣ ମହାନ୍ତି ପ୍ରମୁଖ ସାମ୍ବାଦିକମାନେ ରାସ୍ତାରେ ଯାଉଥିବା ଲୋକଙ୍କୁ ମାସ୍କ ବଣ୍ଟନ କରିଥିଲେ ।

## ପିପିଲି ଉପ-ନିର୍ବାଚନରେ ସଫଳତା ପାଇଁ ବାଲେଶ୍ୱର ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ପ୍ୟାକେଜ ଘୋଷଣା ପ୍ରହସନ : ବିଜେପି




ବାଲେଶ୍ୱର,୧୫/୦୪ (ନି.ପ୍ର): ପିପିଲି ଉପ-ନିର୍ବାଚନକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ବାଲେଶ୍ୱର ସହର ବିକାଶ ପାଇଁ ୧୫୫ କୋଟିର ପ୍ୟାକେଜ ଘୋଷଣା କରିଛନ୍ତି ବୋଲି ଆରୋପ ଉଠାଇଛି ବିଜେପି ସଦର ଶାଖା ନେତୃମଣ୍ଡଳୀ। ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେପି ନେତାମାନେ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଆର୍ଥିକ ପ୍ୟାକେଜ ଘୋଷଣା ଏକ ପ୍ରହସନ ବୋଲି କହିଛନ୍ତି। ୨୨ ବର୍ଷର ଶାସନକାଳ ମଧ୍ୟରେ ବାଲେଶ୍ୱର କଥା ଦିନେ ହେଲେ ମନେପକାଇ ନଥିବା ମୁଖ୍ୟମନ୍ତ୍ରୀଙ୍କର ଏହି ପ୍ୟାକେଜ ସହର ବିକାଶରେ କେତେ ସହାୟ ହେବ ତାହା ସମୟ କହିବ। ଜିଲାର କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଓ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତର ଚରମ ସୀମାରେ ପହଞ୍ଚିଥିବା ବେଳେ ବେଆଇନ ନିଶା କାରବାର, ମହିଳା ଦୁଷ୍କର୍ମ ଆଦି ଦିନକୁ ଦିନ ବଢ଼ି ଚାଲିଛି। ଅନ୍ୟପକ୍ଷରେ ଜିଲାର ବଡ଼ ବଡ଼ ଶିକ୍ଷାନୁଷ୍ଠାନ ରଗୁଣ ହୋଇ ବନ୍ଦ ସ୍ଥିତିରେ ପହଞ୍ଚିଥିବା ବେଳେ ବେକାରୀ ସମସ୍ୟା ଅତି ଉତ୍କଟ ହୋଇଛି। ୧୦ କୋଟି ସିଟି ବସ ଖତଖାଉଛି, ରିଂ ରୋଡ୍ ପ୍ରକଳ୍ପ ଉଭାନ ହୋଇଗଲାଣି, ବିଶୁଦ୍ଧ ପାନୀୟଜଳ ପ୍ରକଳ୍ପ ଶୀତଳ ଭଣ୍ଡାରକୁ ଗଲାଣି, ୧୦ ବର୍ଷ ତଳେ ଶୁଭ ଦିଆଯାଇଥିବା ନୂଆ ବସଷ୍ଟାଣ୍ଡ ପଡ଼ିଆରେ ଷଣ୍ଢ ବୁଲୁଛନ୍ତି। ଏଭଳି ସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ୧୫୫ କୋଟିର ପ୍ୟାକେଜ କି ବିକାଶ କରିବ, ତାହା ଜିଲାବାସୀଙ୍କୁ ସନ୍ଦେହରେ ପକାଇଛି ବୋଲି ବିଜେପି ନେତାମାନେ କହିଛନ୍ତି। ଏହି ପ୍ୟାକେଜରେ କେତେ ଟଙ୍କାର କାମ ହେବ ଓ କେତେ ଟଙ୍କାର ପିସି କାହା ପକେଟକୁ ଯିବ ତାହା ସମୟ କହିବ ବୋଲି ସେମାନ ପ୍ରଶ୍ନ କରିଛନ୍ତି। ତେବେ ଏହି ପ୍ୟାକେଜରେ କେନ୍ଦ୍ର ସରକାରଙ୍କର କେତେ ଭାଗ ରହିଛି ସେ ସମ୍ପର୍କରେ ସ୍ପଷ୍ଟ କରିବାକୁ ବିଜେପି ନେତାମାନେ ଦାବି କରିଛନ୍ତି। ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ-ସଭାପତି ମାନସ ଦତ୍ତଙ୍କ ସମେତ ସତ୍ୟଜିତ ମିଶ୍ର, ରବିନାରାୟଣ ମହାପାତ୍ର, ପ୍ରବୀର ଶଙ୍କର ଦାଶ, ସୀତାକାନ୍ତ ସ୍ୱାଇଁ, ଗୌରାଙ୍ଗ ଦାସ, ସୁଜିତ ଦେବ, ପର୍ଶୁରାମ ବେହେରା, ଉମାକାନ୍ତ ଶତପଥୀ, ଗଙ୍ଗାଧର ରାଉତ, ଅରୂପ ଜେନା ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

## ରାଇବଣିଆ ପଂଚାୟତରେ ପିଇବାପାଣି ସଂକଟ : ୩୫ ପରିବାରକୁ ୩ ମାସ ଧରି ଜଳ ସଂକଟ

ଜଳେଶ୍ୱର, ୧୫/୪ (ନିପ୍ର) :ଦୀର୍ଘମାସ ଧରି ବର୍ଷା ନଥିବାରୁ ରାଇବଣିଆ ପଂଚାୟତରେ ବ୍ୟାପକ ଜଳକଷ୍ଟ ଦେଖାଦେଇଛି । ଇଣ୍ଡିଆନ୍ ମାର୍କ-୨ ନଳକୂପ ଗୁଡିକରୁ ମଧ୍ୟ ପାଣି ବାହାରୁ ନାହିଁ । ଭୂତଳ ଜଳସ୍ତର ୧୦୦ ଫୁଟ ତଳକୁ ଖସିଥିବାରୁ ପାହାଡିଆ ରାଇବଣିଆ ଅଂଚଳରେ ଏପରି ପାଣି ସଂକଟ ସୃଷ୍ଟି ହୋଇଛି । ରାଇବଣିଆ ପଂଚାୟତର ଗଡଭିତର ସାହିରେ ପ୍ରାୟ ୩୫ଟି ପରିବାରର ୧୫୦ ଲୋକ ବାସ କରନ୍ତି, ଆଜକୁ ୨ ମାସ ଧରି ସେଠାରେ ଥିବା ନଳକୂପଟି ଅଚଳ ହୋଇଛି । ତେଣୁ ଉକ୍ତ ସାହିରେ ଥିବା ଜନସାଧାରଣ ଦୂର ଅଂଚଳକୁ ଯାଇ ପାଇବା ପାଣି ଆଣିବାରେ ବହୁ ହଇରାଣହରକତ ହୋଇ ଆସୁଛନ୍ତି । ପ୍ରକାଶଯୋଗ୍ୟ ଏହି ପାହାଡିଆ ଅଂଚଳରେ ସମସ୍ତ ପୋଖରୀ ମଧ୍ୟ ଶୁଖିଲା ପଡିଛି । ତେଣୁ ଆବାଳ ବୃଦ୍ଧ ବନୀତା ରାଇବଣିଆର ଏକ ଗଭୀର ପୋଖରୀକୁ ଦୈନନ୍ଦିନ କାର୍ଯ୍ୟଲାଗି ଯିବାକୁ ବାଧ୍ୟ ହେଉଛନ୍ତି । ନିକଟରେ ଏକ ପମ୍ପ ହାଉସ ଖନନ ସରିଥିବା ବେଳେ ବିଦ୍ୟୁତ୍ ତାର ପମ୍ପହାଉସ୍ ନିକଟକୁ ଆସିଛି । ଦୀର୍ଘ ୩ ବର୍ଷ ଧରି ତାର ସଂଯୋଗ ହେଉନଥିବାରୁ ସେଠାରୁ ପାଣି ବିତରଣ ହୋଇ ପାରୁନାହିଁ । ଏ ସଂପର୍କରେ ସେମାନେ ସ୍ଥାନୀୟ ସରପଂଚ ମମତା ଘୋଷ ଓ ତାଙ୍କ ପ୍ରତିନିଧିଙ୍କୁ ବାରମ୍ବାର ଅଭିଯୋଗ କରୁଥିଲେ ମଧ୍ୟ କୌଣସି ପ୍ରତିକାର ହେଉନାହିଁ । ଆଜି ଗ୍ରାମବାସୀ ରାଇବଣିଆରୁ ଫେରୁଥିବା ସାମ୍ବାଦିକ ମାନଙ୍କୁ ଏ ସମ୍ପର୍କରେ ଅଭିଯୋଗ କରିବାରୁ ଆର୍‌ଡବ୍ଲୁଏସ୍‌ଏସ୍ ର ସହକାରୀ ଯନ୍ତ୍ରୀ ଇଂ ଅଶୋକ ମିଶ୍ରଙ୍କୁ ପଚାରିବାରୁ ଉକ୍ତ ପ୍ରକଳ୍ପଟି ପଂଚାୟତର । ତଥାପି ଏପରି ଅଭିଯୋଗ ତାଙ୍କ ନଜରକୁ ଆସିନଥିବାରୁ ସେଠାରେ ଥିବା ନଳକୂପକୁ ଜରୁରୀ ପରିସ୍ଥିତିରେ ମରାମତି କରିବେ କିମ୍ବା ଆବଶ୍ୟକ ହେଲେ ଜରୁରୀ ନଳକୂପ ଖନନ କରିବେ ।

## ଜମାଲପୁର ଛକଠାରେ ହନୁମାନ ମନ୍ଦିର ପ୍ରତିଷ୍ଠା

ଜଳେଶ୍ୱର, ୧୫/୪ (ନିପ୍ର) : ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାୟାଁରାମଚନ୍ଦ୍ରପୁର ପଂଚାୟତର ଜମାଲପୁର ଛକଠାରେ ଏକ ହନୁମାନେ ମନ୍ଦିର ପ୍ରତିଷ୍ଠା ହୋଇ ଯାଇଛି । ଏହି ମନ୍ଦିରକୁ ଚଉଘନୀ ଗ୍ରାମର ତପନ କୁମାର ପରିଡା, ଜମାଲପୁର ପ୍ରାଥମିକ ବିଦ୍ୟାଳୟ ନିକଟସ୍ଥ ରାସ୍ତା କଡରେ ନିଜସ୍ୱପାଣ୍ଠିରୁ ନିର୍ମାଣ କରିଛନ୍ତି । ପ୍ରତିଷ୍ଠା ଉତ୍ସବ ବେଳେ ୨୮ ଜଣ କୁଷ୍ଠ ରୋଗୀଙ୍କୁ ଅନ୍ନ ଓ ବସ୍ତ୍ର ଦାନ କରାଯାଇଥିଲା । ଏଥିରେ ସୁକାନ୍ତି ପରିଡା, ବିବେକାନନ୍ଦ ପରିଡା, ନିଗମାନନ୍ଦ ପରିଡା, ରାନୁ ପରିଡା, ନବିନ କୁମାର ପରିଡା ପ୍ରମୁଖ ଯୋଗ ଦେଇ ସାମ୍ପ୍ରତିକ ସମାଜରରେ ହନୁମାନ ମନ୍ଦୀରର ଆବଶ୍ୟକତା ସଂପର୍କରେ କହିଥିଲେ ।

## ବାବା ସାହେବ ଡକ୍ଟର ବି.ଆର୍. ଆମ୍ବେଦକରଙ୍କ ଜୟନ୍ତି ପାଳିତ



ବାରିପଦା,୧୫/୦୪ (ନି.ପ୍ର) : ରିଖ। ଭାରତର ସମ୍ବିଧାନ ପ୍ରଣେତା ତଥା ମହାନ ରାଷ୍ଟ୍ରନୀତିଜ୍ଞ ଭାରତରତ୍ନ ବାବା ସାହେବ ଡ. ଭୀମରାଓ ଆମ୍ବେଦକର ଙ୍କ ୧୩୧ ତମ ଜୟନ୍ତି ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଓ ପୌରପରିଷଦ, ବାରିପଦା ମିଳିତ ଆନୁକୂଲ୍ୟରେ ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳ ୮ ଘଟିକା ସମୟରେ ବାରିପଦା ପୌରପାଳିକା ୱାର୍ଡ ୧୫ ପୂର୍ଣ୍ଣଚନ୍ଦ୍ରପୁର ଠାରେ ଅବସ୍ଥାପିତ ବାବା ସାହେବ ଡଃ. ବି.ଆର. ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଆୟୋଜିତ ସାମୂହିକ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାପାଳ ଶ୍ରୀ ବିନୀତ୍ ଭରଦ୍ୱାଜ୍, ଭା.ପ୍ର.ସେ., ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରୁଦ୍ରନାରାୟଣ ମହାନ୍ତି, ଓ.ପ୍ର.ସେ., ଉପଜିଲ୍ଲାପାଳ ତଥା ପୌରନିର୍ବାହୀ ଅଧିକାରୀ, ବାରିପଦା ପି.ଅନ୍ୱେଶା ରେଡ୍ଡୀ,ଭା.ପ୍ର.ସେ. ମୋରଡା ବିଧାୟକ ରାଜ କିଶୋର ଦାସ, ପୂର୍ବତନ ରାଜ୍ୟସଭା ସାଂସଦ ଶ୍ରୀମତୀ ସରୋଜିନୀ ହେମ୍ବ୍ରମ, ଆମ୍ବେଦକର ସମିତିର ସଭାପତି କରୁଣାକର ସେଠୀ, ସଂପାଦକ ଡଃ. ଗୋପବନ୍ଧୁ ମହାନ୍ତ, ସହ ସଂପାଦକ ମହେଶ୍ୱର ସେଠୀ, ତ୍ରିରଙ୍ଗା କ୍ଲବର ସଭାପତି ଆଲୋକ ମହାନ୍ତି ତଥା ସହରର ମାନ୍ୟଗଣ୍ୟ ବ୍ୟକ୍ତି ବିଭିନ୍ନ ସେଚ୍ଛା ସେବୀ ସଂଗଠନର କର୍ମକର୍ତା ସରକାରୀ ବିଭାଗ ପଦାଧିକାରୀ, ଗଣମାଧ୍ୟମର ପ୍ରତିନିଧି ମାନେ ଯୋଗ ଦେଇ ଡ. ଆମ୍ବେଦକର ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାପଣ କରି ଶ୍ରଦ୍ଧା ସୁମନ ଜ୍ଞାପନ କରିଥିଲେ। ଜିଲ୍ଲା ସୂଚନା ଲୋକ ସଂପର୍କ ଅଧିକାରୀ ରବୀନ୍ଦ୍ର କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପବିତ୍ର ରମଜାନ ମାସ ଆରମ୍ଭ ମାସର ଶେଷ ଦିନକୁ ଇଦ୍- ଉଲ୍- ଫିତର ପର୍ବ ପାଳନ କରାଯିବ

ଧାମନଗର,୧୫/୦୪ (ନି.ପ୍ର): ମୁସଲମାନ ସମ୍ପ୍ରଦାୟର ଭାଇ ଓ ଭଉଣୀ ମାନଙ୍କ ପାଇଁ ସବୁଠାରୁ ପବିତ୍ର ରମଜାନ ମାସ ଆରମ୍ଭ ହୋଇଛି। ଏକ ମାସ ପର୍ଯ୍ୟନ୍ତ ନିଷ୍ଠାର ସହ ପାଳନ କରାଯିବାକୁ ଥିବାବେଳେ ରଜାନ ମାସର ଏହି ପ୍ରଥମ ଦିନକୁ ମୁସଲମାନ ଭାଇ ଭଉଣୀ ମାନେ ରୋଜା ରଖି ପାଳନ କରିଥାନ୍ତି। ଏହି ମାସରେ ପ୍ରତ୍ୟେହ ସୂର୍ଯ୍ୟୋଦୟ ପୂର୍ବରୁ ସେହେରୀ (ଖାଦ୍ୟ) ସେବନରୁ ଦିନ ତମାମ ନିଷ୍ଠାର ସହ ଉପବାସ କରିଥାନ୍ତି। ସନ୍ଧ୍ୟାରେ ଆଜାନ ହେବା ପରେ ଇଫତାରରେ ଉପବାସ ଭଙ୍ଗ କରାଯାଇଥାଏ। ପବିତ୍ର ରମଜାନ୍‌ପର୍ବ ଇସଲାମିକ୍ ଧର୍ମର ସବୁ ବୟସର ବ୍ୟକ୍ତି ପାଳନ କରନ୍ତି। ରାତିରେ (ତରାବି) ନମାଜ ପାଠ କରି ଏହି ଧର୍ମକୁ ଶୁଭାରମ୍ଭ କରିବାର ଜଣାଯାଇଛି। ଚଳିତ ମାସ ଏପ୍ରିଲ ୧୪ରୁ ଆରମ୍ଭ ହୋଇଥିବାବେଳେ ମେଁ ମାସ ୧୩ତାରିଖ ୩୦ଦିନ ଧରି ଏହି ପର୍ବ ପାଳନ ହେବ। ଧାମନଗର ଅଂଚଳର ହଜାର ହଜାର ମୁସଲମାନ ଭାଇ ଓ ଭଉଣୀ ମାନେ ପ୍ରଚଣ୍ଡ ରୌଦ୍ରତାପ ସତ୍ତ୍ୱେ ରୋଜାରଖି ରମଜାନ ପର୍ବ ପାଳନ କରିଥାନ୍ତି। ରମଜାନ ମାସର ଶେଷ ଦିନକୁ ଇଦ୍- ଉଲ୍- ଫିତର ପର୍ବ ପାଳନ କରାଯିବ।

## ଆଇଏନ୍‌ଏସ୍ ଚିଲିକାରୁ ଭାରତୀୟ ନୌସେନାର ୪୧୯ କୁଶଳୀ ଶିକ୍ଷାର୍ଥୀଙ୍କ ସ୍ନାତକ ହାସଲ




ପାରାଦ୍ୱୀପ,୧୫/୦୪ (ନି.ପ୍ର): ଆଇଏନ୍‌ଏସ୍ ଚିଲିକାରୁ ଭାରତୀୟ ନୌସେନାର ୪୧୯ କୁଶଳୀ ଶିକ୍ଷାର୍ଥୀ ସ୍ନାତକ ହାସଲ କରିଛନ୍ତି । ଏହି ଅବସରରେ ଏପ୍ରିଲ ୧୫ ତାରିଖରେ ଏକ ପାସିଙ୍ଗ ଆଉଟ୍ ପରେଡ୍‌କୁ ଗୋପଳପୁର ଏଡି କେନ୍ଦ୍ରର କମାଣ୍ଡାଣ୍ଟ ବ୍ରିଗେଡିଅର ସୁମିତ ମାଥୁର ନିରିକ୍ଷଣ କରିଥିଲେ । ତେବେ କରୋନା ମହାମାରୀ ସମୟରେ ସମସ୍ତ କୋଭିଡ୍ ନିୟମ ପାଳନ କରି ନ ସପ୍ତାହ ବ୍ୟାପି ଏହି ପ୍ରଶିକ୍ଷଣ ଚାଲିଥିଲା । ପ୍ରଶିକ୍ଷାର୍ଥୀ ମାନଙ୍କୁ ପ୍ୟାରେଡ୍ ଟ୍ରେନିଂ ସନ୍ତରଣ, କ୍ରିଡା ଏବଂ ଶାରୀରିକ ଭାବେ ବ୍ୟାୟାମ ସହିତ ପ୍ରଶିକ୍ଷଣର ବିଭିନ୍ନ କଠୋରତା ମଧ୍ୟରେ ରଖାଯାଇଥିଲା । ସଫଳ ପ୍ରଶିକ୍ଷାର୍ଥୀ ମାନେ ବର୍ତ୍ତମାନ ତାଲିମର ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ବୃତ୍ତିଗତ ତାଲିମ ବିଦ୍ୟାଳୟକୁ ଯିବେ ବୋଲି ଆଇଏନ୍‌ଏସ୍ ଚିଲିକାର ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି ।

## ବୈତରଣୀ ନଦୀର ଜୟନ୍ତୀରା ଠାରେ ବୁଡ଼ି ଭାଇ ଭଉଣୀଙ୍କ ମୃତ୍ୟୁ



ଧାମନଗର,୧୫/୦୪ (ନି.ପ୍ର): ଧାମନଗର ଥାନା ଅନ୍ତର୍ଗତ ସୋହଡ଼ା ଠାକୁରବାଡ଼ି ଗ୍ରାମର ମନ୍ମଥ ଦାଶଙ୍କ ଦୁଇ ପୁଅ ଝିଅ ବୈତରଣୀ ନଦୀର ଜୟନ୍ତୀରା ଠାରେ ପାଣିରେ ବୁଡ଼ି ଅତି ଶୋଚନୀୟ ଭାବେ ମୃତ୍ୟୁ ବରଣ କରିଛନ୍ତି । ଖବରରୁ ଜାହା ଜଣାଯାଏ ଗୁରୁବାର ଅପରାହ୍ନ ପ୍ରାୟ ୨ଟା ସମୟରେ ନଦୀଭିତରେ ଅସ୍ଥାୟୀ ଗୌରାଙ୍ଗପୁର- ଜୟନ୍ତୀରା ରାସ୍ତାରେ ନିଜ ପିଉସୀ ମା’ଙ୍କ ଘରକୁ ଯାଉଥିବାବେଳେ ମନ୍ମଥ ଦାଶଙ୍କ ଝିଅ ବର୍ଷା(୮), ପୁଅ ବାଟୁଆ (୫) କୌଣସି କାରଣରୁ ରାସ୍ତା ନିର୍ମାଣ ନିମନ୍ତେ କରାଯାଇଥିବା ବାଲି ଖାଲରେ ପଡ଼ିଯାଇଥିଲେ। ପରିବାର ଲୋକେ ଓ ଗ୍ରାମବାସୀ ମାନେ ବହୁ ଖୋଜାଖୋଜିକରି ଭାଇଭଉଣୀଙ୍କୁ ସେଠାରୁ ମୃତ ଅବସ୍ଥାରେ ଉଦ୍ଧାର କରିଥିଲେ। ଖବର ପାଇ ଧାମନଗର ପୋଲିସ ଘଟଣା ସ୍ଥଳରେ ପହଂଚି ଭାଇ ଭଉଣୀଙ୍କ ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରିଥିବା ଜଣାଯାଇଛି। ସନ୍ଧ୍ୟା ହୋଇଯାଇଥିବାରୁ ଶୁକ୍ରବାର ମୃତ ଦେହକୁ ବ୍ୟବଚ୍ଛେଦପାଇଁ ଭଦ୍ରକ ପଠାଯିବବୋଲି ଏସ୍‌ଆଇ ମୋତିଲାଲ ମାରାଣ୍ଡି ସୂଚନା ଦେଇଛନ୍ତି। ଘଟଣାଟି ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳାଇ ଦେଇଛି।

## ଜଳେଶ୍ୱର ଯୁବ ମଂଚ ପକ୍ଷରୁ ୬ଟି ସ୍ଥାନରେ ଜଳଛତ୍ର

ଜଳେଶ୍ୱର, ୧୫/୪ (ନିପ୍ର) : ଜଳେଶ୍ୱର ଯୁବ ମଂଚ ପକ୍ଷରୁ ଜଳେଶ୍ୱରର ୬ଟି ସ୍ଥାନରେ ଜଳଛତ୍ରର ଶୁଭ ଉଦ୍‌ଘାଟନ ହୋଇଛି । ବଡବଜାର ସରକାରୀ ଡାକ୍ତରଖାନା ଠାରେ ଡ. ମୋହନ ଲାଲ ମହାନ୍ତି ଓ ଶତିସ ଚନ୍ଦ୍ର ପାଢି, ଷ୍ଟେସନବଜାର ଛଣ୍ଡା ପଏଣ୍ଟ ଠାରେ ଯୁବ ମଂଚର ଉପଦେଷ୍ଟା ବିଷ୍ଣୁପଦ ମହାନ୍ତି ଓ ଶୁଭ୍ରାଂସୁ ଶେଖର ମହାନ୍ତି ଉଦ୍‌ଘାଟନ କରିଥିଲେ । ଏହାଛଡା ହାଟଛକ, ଟାଉନ୍ ହାଇସ୍କୁଲ, ନୂଆବଜାର ଛକ, ଜଳେଶ୍‌ବର ବସ୍‌ଷ୍ଟାଣ୍ଡ ଠାରେ ମଧ୍ୟ ଜଳଛତ୍ର ଖୋଲା ଯାଇଛି । ଏଥିରେ ସଭାପତି ରାଜେଶ ଠକର, ପ୍ରଶାନ୍ତ ପ୍ରଧାନ, ଅନୂପ କର, ସାର୍ଥକ ସାହୁ, ତାପସ ପାଣିଗ୍ରାହୀ, ଗୁରୁପ୍ରସାଦ ସାମନ୍ତ, ବିନୋଦ ସାହୁ, ଅଧିକର ଗିରି, ରାକେଶ ଅଗ୍ରଓ୍ୱାଲ, ଯୋଗେଶ ରାଠି, ମୁଲଚାନ୍ଦ ଲାଢା, ନିର ଅନିରୁଦ୍ଧିନ ପ୍ରମୁଖ କାର୍ଯ୍ୟକୁ ପରିଚାଳନା କରିଥିଲେ ।

## ଘଣ୍ଟୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରେ ସ୍ୱାସ୍ଥ୍ୟ ଓ ଆରୋଗ୍ୟକେନ୍ଦ୍ର ଦିବସ



ବାଲିଆପାଳ,୧୫/୦୪ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଘଣ୍ଟୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ର ସ୍ୱାସ୍ଥ୍ୟ ଓ ଆରୋଗ୍ୟକେନ୍ଦ୍ରର ତୃତୀୟ ବାର୍ଷିକ ଉତ୍ସବ କରୋନା କଟକଣା ଭିତରେ ପାଳିତ ହୋଇଯାଇଛି । ଦିବସ ବ୍ୟାପି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟୁଷରୁ ଯୋଗ ପ୍ରଶିକ୍ଷକ ତପନ କୁମାର ପାତ୍ର ଙ୍କ ଦ୍ୱାରା ଯୋଗ ପ୍ରଶିକ୍ଷଣ ଦିଆଯାଇଥିଲା ।ପରେ ଅଗ୍ରପୂଜ୍ୟ ଗଣପତି ବାବାଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ଏହି ଅବସରରେ ସ୍ୱାସ୍ଥ୍ୟକେନ୍ଦ୍ରର ଆରକେଏସ ସଭାପତି ତଥା ଜିଲ୍ଲା ପରିଷଦ ସଦସ୍ୟ ରବୀନ୍ଦ୍ର ନାଥ ଅଣ୍ଡିଆ ଫିତାକାଟି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହ ଅନୁଷ୍ଠିତ ସଭାରେ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବରେ ବିଡିଓ ଲଳିତ ସୋରେଙ୍ଗ,ମୁଖ୍ୟ ବକ୍ତା ଭାବରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶଶଧର ପ୍ରଧାନ,ସମ୍ମାନୀତ ଅତିଥି ବାବରେ ଶିକ୍ଷାବିତ ଯୋଗେନ୍ଦ୍ରନାଥ ନାୟକ,ଗଙ୍ଗାଧର ପରିଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ସ୍ୱାସ୍ଥ୍ୟ କେନ୍ଦ୍ରର ଫାର୍ମାଷିଷ୍ଟ ରତୀନ୍ଦ୍ରନାରାୟଣ ପରିଡା ସ୍ୱାଗତ ଅଭିଭାଷଣ ଓ ବିବରଣୀ ପଠନ କରିଥିଲେ । ଏହି ଅବସରରେ ସ୍ଥାନୀୟ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଅନୁଷ୍ଠିତ ମ୍ୟୁଜିକ ଚେୟାର,ନୃତ୍ୟ ଓସଙ୍ଗୀତ ପ୍ରତିଯୋଗିତାରେ କୃତି ଛାତ୍ର ଚାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଘଣ୍ଟୁଆ ସ୍ୱାସ୍ଥ୍ୟକେନ୍ଦ୍ର ଅଧିନରେ ଥିବା ସମସ୍ତ ସ୍ୱାସ୍ଥ୍ୟ କର୍ମୀ ଓ ଆଶାକର୍ମୀ, ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜିବୀ ଓ ଗ୍ରାମବାସୀ ଯୋଗଦେଇଥିଲେ ।କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟକେନ୍ଦ୍ରର ଭାନୁମତି ବେହେରା, ଶମ୍ଭୁନାଥ ବଡୁ, ସୂର୍ଯ୍ୟକାନ୍ତି ବଡୁ ସମେତ ଭାନୁଚରଣ ସାହୁ, ଧରଣୀଧର ପ୬ଧାନ, ଗଙ୍ଗାଧର ରଣା, ହରେନ୍ଦ୍ର ନାୟକ, ଗଜେନ୍ଦ୍ର ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, ସୁରେନ୍ଦ୍ର ବେହେରା ପ୍ରମୁଖ ପରିଚାଳନା କରିଥିଲେ ।

## ଓଡ଼ିଆ ନବବର୍ଷ ଓ ବିଷୁବ ସଂକ୍ରାନ୍ତି ଶୁଭେଚ୍ଛା



ପବିତ୍ର ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନବବର୍ଷର ଏକ ସୁଦୃଢ଼, ସୁନ୍ଦର ପରିବେଶ ଗଢ଼ିବାରେ ସମସ୍ତ ଜନସାଧାରଣଙ୍କୁ ଅନୁରୋଧ କରିବା ସହ ସେମାନଙ୍କର ସୁଖ, ସମୃଦ୍ଧି କାମନା କରୁଅଛି ।

ରଞ୍ଜିତ କୁମାର ପ୍ରଧାନ
ଜିଲ୍ଲା ଯୁବମୋର୍ଚ୍ଚା ପ୍ରଭାରୀ, ବାଲେଶ୍ୱର

## ଦେଶରେ ଗତ ୨୪ଘଂଟା ୧୩,୮୪,୫୪୯ ନମୁନାର ପରୀକ୍ଷଣ

ନୂଆଦିଲ୍ଲୀ,୧୫/୦୪ (ନି.ପ୍ର): ଦେଶରେ ଗତ ୨୪ଘଂଟା ମଧରେ କୋବିଡ ପାଇଁ ୧୩,୮୪,୫୪୯ ନମୂନାର ପରୀକ୍ଷଣ କରା ଯାଇଛି । ଏହା ସହିତ ଦେଶରେ ବର୍ତମାନ ସୁଦ୍ଧା ୨୬,୨୦,୦୩,୪୧୫ ନମୂନାର ପରୀକ୍ଷଣ କରା ଯାଇଥିବା ଆଇସିଏମଆର ପକ୍ଷରୁ ସୂଚନା ଦିଆ ଯାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo